ବର୍ଷ-୨୪, ସଂଖ୍ୟା-୧୭୮
ଭୁବନେଶ୍ୱର
୨୮ ଜୁଲାଇ, ୨୦୨୪ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 178
Bhubaneswar
28 July, 2024, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

### ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୀତି ଆୟୋଗର ନବମ ପରିଚାଳନା ବୈଠକ

## ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ସାମୂହିକ ପ୍ରୟାସ ଆବଶ୍ୟକ




**ନୂଆଦିଲ୍ଲୀ,୨୭।୭ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୀତି ଆୟୋଗ ବୈଠକର ଅଧ୍ୟକ୍ଷତା କରିଥିଲେ। ପ୍ରଧାନମନ୍ତ୍ରୀ ବିକଶିତ ଭାରତ-୨୦୪୭ର ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରର ସହଯୋଗ ଏବଂ ସାମୂହିକ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଗତ ୧୦ ବର୍ଷ ମଧ୍ୟରେ ଭାରତ ସ୍ଥିର ଅଭିବୃଦ୍ଧି ହାସଲ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ୨୦୧୪ରେ ବିଶ୍ୱର ୧୦ମ ବୃହତ୍ତମ ଅର୍ଥବ୍ୟବସ୍ଥା ମାନ୍ୟତା ପାଇଥିବା ଭାରତ ୨୦୨୪ ସୁଦ୍ଧା ପଞ୍ଚମ ବୃହତ୍ତମ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ସରକାର ଏବଂ ସମସ୍ତ ନାଗରିକଙ୍କ ସାମୂହିକ ଲକ୍ଷ୍ୟ ହେଉଛି ଦେଶକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥାରେ ପରିଣତ କରିବା।

ସାମାଜିକ ଓ ଆର୍ଥିକ ଭିତ୍ତିଭୂମିକୁ ସୁଦୃଢ଼ କରି ଗତ ୧୦ ବର୍ଷ ମଧ୍ୟରେ ଆମ ଦେଶ ଅନେକ ପ୍ରଗତି କରିସାରିଛି ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ପୂର୍ବରୁ ମୁଖ୍ୟତଃ ଆମଦାନୀ ଭିତ୍ତିକ ଦେଶ ହୋଇଥିବା ଭାରତ ଏବେ ବିଶ୍ୱକୁ ଅନେକ ଉତ୍ପାଦ ରପ୍ତାନି କରୁଛି। ପ୍ରତିରକ୍ଷା, ମହାକାଶ, ଷ୍ଟାର୍ଟଅପ୍ ଓ କ୍ରୀଡ଼ା ଭଳି ବ୍ୟାପକ କ୍ଷେତ୍ରରେ ଦେଶ ବିଶ୍ୱ ସ୍ତରରେ ନିଜର ପରିଚୟ ସୃଷ୍ଟି କରିଛି। ଆମ ଦେଶର ପ୍ରଗତି ପାଇଁ ପ୍ରେରକ ଶକ୍ତି ସାଜିଥିବା ୧୪୦ କୋଟି ନାଗରିକଙ୍କ ଆତ୍ମବିଶ୍ୱାସ ଓ ଉତ୍ସାହକୁ ସେ ପ୍ରଶଂସା କରିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହା ହେଉଛି ପରିବର୍ତ୍ତନର ଦଶନ୍ଧି ଯାହା ବିଭିନ୍ନ କ୍ଷେତ୍ରରେ ଅନେକ ସୁଯୋଗ ଆଣିଛି। ଏହି ସୁଯୋଗଗୁଡ଼ିକର ଉପଯୋଗ କରିବା ଏବଂ ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟକାରିତାରେ ଅଭିନବ ଆଭିମୁଖ୍ୟ ମାଧ୍ୟମରେ ବିକାଶ ପାଇଁ ଅନୁକୂଳ ପ୍ରଶାସନିକ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ସେ ରାଜ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ ବିକଶିତ ରାଜ୍ୟ ମାଧ୍ୟମରେ ବିକଶିତ ଭାରତର ସ୍ୱପ୍ନ ସାକାର କରାଯାଇପାରିବ। ବିକଶିତ ଭାରତର ଆକାଂକ୍ଷା ତୃଣମୂଳ ସ୍ତରରେ ଅର୍ଥାତ୍ ପ୍ରତ୍ୟେକ ଜିଲ୍ଲା, ବ୍ଲକ ଏବଂ ଗ୍ରାମରେ ପହଞ୍ଚିବା ଉଚିତ। ଏଥିପାଇଁ ପ୍ରତ୍ୟେକ ରାଜ୍ୟ ଓ ଜିଲ୍ଲା ୨୦୪୭ ପାଇଁ ଏକ ସଂକଳ୍ପ ପ୍ରସ୍ତୁତ କରିବା ଦରକାର, ଯାହା ଦ୍ୱାରା ୨୦୪୭ ମସିହାରେ ବିକଶିତ ଭାରତ -୨୦୪୭କୁ ସାକାର କରାଯାଇପାରିବ।

ପ୍ରଧାନମନ୍ତ୍ରୀ ନୀତି ଆୟୋଗ ଦ୍ୱାରା ପରିଚାଳିତ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଏହାର ସଫଳତାର ଚାବିକାଠି ହେଉଛି ପରିମାପଯୋଗ୍ୟ ମାନଦଣ୍ଡଗୁଡ଼ିକର ନିରନ୍ତର ଏବଂ ଅନଲାଇନ୍ ତଦାରଖ, ଯାହା ବିଭିନ୍ନ ସରକାରୀ ଯୋଜନାରେ ସେଗୁଡ଼ିକର ପ୍ରଦର୍ଶନକୁ ଉନ୍ନତ କରିବା ପାଇଁ ଜିଲ୍ଲାଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ସୃଷ୍ଟି କରିଥିଲା। ଦକ୍ଷ ମାନବ ସମ୍ବଳ ପାଇଁ ବିଶ୍ୱ ଭାରତ ଆଡକୁ ଅନୁକୂଳ ଦୃଷ୍ଟିରେ ଦେଖୁଥିବା ବେଳେ ଯୁବକମାନଙ୍କୁ ରୋଜଗାର ନିମନ୍ତେ ପ୍ରସ୍ତୁତ କରିବା ଲାଗି ଦକ୍ଷତା ଓ ପ୍ରଶିକ୍ଷଣ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ନିବେଶକଙ୍କ ଅନୁକୂଳ ପରିବେଶ ପ୍ରଦାନ କରିବାକୁ ସେ ରାଜ୍ୟଗୁଡ଼ିକୁ ଉତ୍ସାହିତ କରିଥିଲେ। ପୁଞ୍ଜିନିବେଶ ଆକୃଷ୍ଟ କରିବା ପାଇଁ ନୀତି, କାର୍ଯ୍ୟକ୍ରମ ଏବଂ ପ୍ରକ୍ରିୟାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏକ 'ନିବେଶ ଅନୁକୂଳ ଚାର୍ଟର' ପ୍ରସ୍ତୁତ କରିବାକୁ ସେ ନୀତି ଆୟୋଗକୁ ନିର୍ଦ୍ଦେଶ ଦେଇଛନ୍ତି। ପୁଞ୍ଜି ନିବେଶ ଆକୃଷ୍ଟ କରିବା ପାଇଁ ସେମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ମାନଦଣ୍ଡର ଉପଲବ୍ଧି ଉପରେ ରାଜ୍ୟମାନଙ୍କୁ ତଦାରଖ କରାଯାଇପାରିବ। କେବଳ ପ୍ରୋତ୍ସାହନ ପରିବର୍ତ୍ତେ ପୁଞ୍ଜିନିବେଶ ଆକୃଷ୍ଟ କରିବା ପାଇଁ ଆଇନ ଶୃଙ୍ଖଳା, ସୁଶାସନ ଏବଂ ଭିତ୍ତିଭୂମି ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ଜଳ ସମ୍ପଦର ଫଳପ୍ରଦ ଉପଯୋଗ ପାଇଁ ରାଜ୍ୟସ୍ତରରେ ଗ୍ରୀଡ୍ ନିର୍ମାଣକୁ ପ୍ରଧାନମନ୍ତ୍ରୀ ଉତ୍ସାହିତ କରିଥିଲେ। ସେ ପରାମର୍ଶ ଦେଇଥିଲେ ଯେ ଆମେ ଏକ ବିକଶିତ ଭାରତ ପାଇଁ ପ୍ରାଥମିକତା ଭାବରେ ଶୂନ୍ୟ ଦାରିଦ୍ର୍ୟକୁ ଲକ୍ଷ୍ୟ କରିବା ଉଚିତ। କେବଳ କାର୍ଯ୍ୟକ୍ରମ ସ୍ତରରେ ନୁହେଁ ବରଂ ବ୍ୟକ୍ତିଗତ ଭିତ୍ତିରେ ଦାରିଦ୍ର୍ୟ ମୁକାବିଲା କରିବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ତୃଣମୂଳ ସ୍ତରରୁ ଦାରିଦ୍ର୍ୟ ହଟାଇବା ଦ୍ୱାରା ଆମ ଦେଶରେ ପରିବର୍ତ୍ତନମୂଳକ ପ୍ରଭାବ ପଡ଼ିବ ବୋଲି ସେ କହିଥିଲେ।

କୃଷିକ୍ଷେତ୍ରରେ ଉତ୍ପାଦକତା ଓ ବିବିଧତା ବୃଦ୍ଧି କରିବା ଏବଂ କୃଷକମାନଙ୍କୁ ବଜାର ସଂଯୋଗ ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ସମସ୍ତ ରାଜ୍ୟକୁ ଉତ୍ସାହିତ କରିଥିଲେ। ଜୈବିକ କୃଷି ପଦ୍ଧତିକୁ ଆପଣାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଯାହା ମାଟିର ଉର୍ବରତାରେ ଉନ୍ନତି ଆଣିପାରିବ, କମ୍ ଖର୍ଚ୍ଚ ହେତୁ କୃଷକମାନଙ୍କୁ ଉତ୍ତମ ଓ ଶୀଘ୍ର ଲାଭ ସୁନିଶ୍ଚିତ କରିପାରିବ ଏବଂ ଉତ୍ପାଦ ପାଇଁ ଏକ ବିଶ୍ୱସ୍ତରୀୟ ବଜାର ମଧ୍ୟ ପ୍ରଦାନ କରିପାରିବ।

ପ୍ରଧାନମନ୍ତ୍ରୀ ଭବିଷ୍ୟତରେ ଜନସଂଖ୍ୟା ବୃଦ୍ଧି ସମସ୍ୟାର ସମାଧାନ ପାଇଁ ଜନସଂଖ୍ୟା ପରିଚାଳନା ଯୋଜନା ଆରମ୍ଭ କରିବାକୁ ରାଜ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ସ୍ତରରେ ସରକାରୀ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ପ୍ରଧାନମନ୍ତ୍ରୀ ରାଜ୍ୟମାନଙ୍କୁ କହିଥିଲେ ଏବଂ ଏଥିପାଇଁ ଦକ୍ଷତା ବିକାଶ ଆୟୋଗ ସହ ସହଯୋଗ କରିବାକୁ ସେମାନଙ୍କୁ ଉତ୍ସାହିତ କରିଥିଲେ।

ମୁଖ୍ୟମନ୍ତ୍ରୀ/ଉପରାଜ୍ୟପାଳମାନେ ୨୦୪୭ ମସିହାରେ ବିକଶିତ ଭାରତର ପରିକଳ୍ପନା ପାଇଁ ବିଭିନ୍ନ ପରାମର୍ଶ ଦେବା ସହ ନିଜ ରାଜ୍ୟରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। କୃଷି, ଶିକ୍ଷା ଓ ଦକ୍ଷତା ବିକାଶ, ଉଦ୍ୟୋଗ, ପାନୀୟ ଜଳ, ଅନୁପାଳନ ହ୍ରାସ, ପ୍ରଶାସନ, ଡିଜିଟାଲକରଣ, ମହିଳା ସଶକ୍ତୀକରଣ, ସାଇବର ନିରାପତ୍ତା ଇତ୍ୟାଦି କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଓ ସର୍ବୋତ୍ତମ ଅଭ୍ୟାସ ଉପରେ ଆଲୋକପାତ କରାଯାଇଥିଲା। ୨୦୪୭ ପାଇଁ ଏକ ରାଜ୍ୟ ସଂକଳ୍ପ ପ୍ରସ୍ତୁତ କରିବା ପାଇଁ ଅନେକ ରାଜ୍ୟ ମଧ୍ୟ ସେମାନଙ୍କର ପ୍ରୟାସ ବିଷୟରେ ସୂଚନା ଦେଇଥିଲେ। ବୈଠକରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପରାମର୍ଶକୁ ଅଧ୍ୟୟନ କରିବାକୁ ପ୍ରଧାନମନ୍ତ୍ରୀ ନୀତି ଆୟୋଗକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅଂଶଗ୍ରହଣ କରି ନିଜର ମତାମତ ଓ ଅଭିଜ୍ଞତା ବିନିମୟ କରିବା ପାଇଁ ସେ ସମସ୍ତ ମୁଖ୍ୟମନ୍ତ୍ରୀ ଓ ଉପରାଜ୍ୟପାଳଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ସହଯୋଗୀ ସଂଘୀୟ ବ୍ୟବସ୍ଥାର ଶକ୍ତି ମାଧ୍ୟମରେ ବିକଶିତ ଭାରତ -୨୦୪୭ର ସ୍ୱପ୍ନକୁ ସାକାର କରିବା ଦିଗରେ ଭାରତ ଅଗ୍ରଗତି କରୁଛି ବୋଲି ବିଶ୍ୱାସ ବ୍ୟକ୍ତ କରିଥିଲେ।

## ପ୍ୟାରିସ ଅଲମ୍ପିକ୍ସ ଉଦଘାଟିତ



**ପ୍ୟାରିସ,୨୭।୭ :** ବର୍ଷାରେ ବୁଡିଥିବା ଆଲୋକିତ ସହର ପ୍ୟାରିସ ୩୩ତମ ଅଲମ୍ପିଆଡର ଉତ୍ସବରେ ରାତିରେ ଝଲସିଉଠିଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମେକ୍ରାନ ମୁଖ୍ୟ ଷ୍ଟାଡିୟମ ବାହାରେ ପ୍ରଥମ ଥର ଆୟୋଜିତ ଉଦଘାଟନ ସମାରୋହକୁ ଔପଚାରିକ ଭାବେ ପ୍ୟାରିସ ଅଲମ୍ପିକ ଆରମ୍ଭ ହେବାର ଘୋଷଣା କରିଥିଲେ। ମେକ୍ରାନ ପ୍ୟାରିସରେ ଶେଷ ଥର ଅଲମ୍ପିକର ଆୟୋଜନର ଠିକ୍ ଶହେ ବର୍ଷ ପରେ ଖେଳର ଶୁଭାରମ୍ଭ କରି କହିଛନ୍ତି ଯେ, ମୁଁ ଆଧୁନିକ ଯୁଗର ୩୩ତମ ଅଲମ୍ପିୟାଡର ଉତ୍ସବ ମନାଇ ପ୍ୟାରିସରେ ଖେଳର ଉଦଘାଟନର ଘୋଷଣା କରୁଛି। ଏହାସହିତ ସିନ୍ ନଦୀ ଉପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ଅଲମ୍ପିକର ଶୁଭାରମ୍ଭ ହୋଇଛି। ଲେଡି ଗାଗାଙ୍କ ପ୍ରସ୍ତୁତିର ଉଦଘାଟନ ସମାରୋହକୁ ଆହୁରି ରଙ୍ଗୀନ କରିଥିଲା। ୨୦୫ ଦେଶର ଖେଳାଳି ସିନ ନଦୀ ଉପରେ ନୌକା ପରେଡରେ ଭାଗ ନେଇଥିଲେ। ସର୍ବପ୍ରଥମେ ଗ୍ରୀସ ଟିମ ଆସିଥିଲେ ପୁଣି ଅନ୍ୟ ଦେଶର ଖେଳାଳି ବୋଟ ପରେଡରେ ଦର୍ଶକଙ୍କ ଅଭିବାଦନ କରିଥିଲେ। ସର୍ବପ୍ରଥମେ ପିଲା ଅଲମ୍ପିକ ମଶାଲ ନେଇକରି ଆସିଥିଲେ। ଏହାପରେ ବୋଟ ପରେଡ ଆରମ୍ଭ ହୋଇଥିଲା। ଧ୍ୱଜାବାହକ ପିଭି ସିନ୍ଧୁ ଓ ଅଭିଜ୍ଞ ଟେବୁଲ ଟେନିସ ଷ୍ଟାର ଶରତ କମଲଙ୍କ ନେତୃତ୍ୱରେ ୭୮ ଭାରତୀୟ ଆଥଲେଟ ଓ ଅଧିକାରୀଙ୍କ ଗୋଷ୍ଠୀ ଶୁକ୍ରବାର ପ୍ୟାରିସ ଅଲମ୍ପିକ ୨୦୨୪ର ଉଦଘାଟନୀ ସମାରୋହରେ ସିନ୍ ନଦୀରେ ରାଷ୍ଟ୍ର ପରେଡରେ ପହଂଚିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ନାଁରେ କଂଗ୍ରେସ ଆଣିବ ସ୍ୱାଧିକାର ଭଙ୍ଗ ନୋଟିସ୍

**ଭୁବନେଶ୍ୱର,୨୭।୭(ମହାଭାରତ):** ମୁଖ୍ୟମନ୍ତ୍ରୀଙ୍କ ନାଁରେ କଂଗ୍ରେସ ଆଣିବ ସ୍ୱାଧିକାର ଭଙ୍ଗ ନୋଟିସ୍। ଅଗ୍ନିବୀରଙ୍କୁ ୧୦% ସଂରକ୍ଷଣ ଘୋଷଣା ନେଇ କଂଗ୍ରେସ ବିଧାୟକ ତାରା ବାହିନୀପତିଙ୍କ ପ୍ରତିକ୍ରିୟା। ସେ କହିଛନ୍ତି ଯେ, ବିଧାନସଭା ଅଧିବେଶନ ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ଗୃହ ବାହାରେ ଅଗ୍ନିବୀରଙ୍କ ପାଇଁ ୧୦% ସଂରକ୍ଷଣ ଘୋଷଣା କରିବା ସମ୍ବିଧାନ ବିରୋଧୀ। ତାରା ବାହିନୀପତି ପୁଣି କହିଛନ୍ତି ଯେ, ପୋଲିସ ବିଭାଗରେ ପ୍ରତିବର୍ଷ ୨ ରୁ ୩ ହାଜର କନେଷ୍ଟବଳ ପଦବୀ ପୂରଣ ହୁଏ, କିନ୍ତୁ ଅଗ୍ନିବୀରଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ କଲେ। ବିହାର ଓ ଆନ୍ଧ୍ରକୁ ଯେପରି ପ୍ୟାକେଜ ଦେଇଛନ୍ତି ସେପରି ପ୍ୟାକେଜ ଆଣନ୍ତୁ। ଏନେଇ ନୀତି ଆୟୋଗ ବୈଠକରେ ଓଡ଼ିଶା ସରକାର ଦାବି କରନ୍ତୁ। ଅନେକ ଯୋଜନା ବନ୍ଦ କରିଛନ୍ତି। ତାକୁ ଚାଲୁ କରାଯାଉ ବୋଲି ଓଡ଼ିଶା ଦାବି କରୁ। କୋଇଲା ରୟାଲିଟି ବଢାଯାଉ। ପ୍ରତି ପଞ୍ଚାୟତକୁ ୨୦୦ ଘର ଦିଆଯାଉ। ଆଳୁ ଦର ପ୍ରସଙ୍ଗରେ କଂଗ୍ରେସ ବିଧାୟକ କହିଛନ୍ତି ଯେ, ବିଜେଡି ବିଜେପି ୯ ବର୍ଷ ମିଶିକରି ଥିଲେ। ଆଳୁ ମିସନ୍ ଫେଲ୍ ମାରିଲା।

### ସାମ୍ବାଦିକା ମଧୁମିତାଙ୍କ ମୃତ୍ୟୁ ମାମଲା

## ଲ୍ୟାବକୁ ପଠାଯିବ ମୋବାଇଲ

**ଭୁବନେଶ୍ୱର,୨୭।୭ (ମହାଭାରତ):** ଭୁବନେଶ୍ୱରରେ ମହିଳା ସାମ୍ବାଦିକା ମଧୁମିତାଙ୍କ ଆତ୍ମହତ୍ୟା ଘଟଣାର ଖୋଳତାଡ଼ ଆରମ୍ଭ ହୋଇଛି। ବାୟୁସେନା ଅଧିକାରୀ ଏ ସମ୍ପର୍କିତ ତଥ୍ୟ ସଂଗ୍ରହ କରିଛନ୍ତି। ମଧୁମିତାଙ୍କ ସ୍ୱାମୀ ତଥା ଗିରଫ ଅଭିଯୁକ୍ତ ଶ୍ରୀଧର ଜେନା ବାୟୁସେନାରେ ଚାକିରି କରିଥିବାରୁ କମିଶନରେଟ୍ ପୋଲିସ ପାଖରୁ ଶ୍ରୀଧରଙ୍କ କେସ୍ ସମ୍ପର୍କିତ ତଥ୍ୟ ନେଇଛନ୍ତି ଅଧିକାରୀ।



ଶ୍ରୀଧରଙ୍କ ଫୋନ୍ ଫରେନ୍ସିକ୍ ଲ୍ୟାବକୁ ପଠାଯିବ ବୋଲି କମିଶନରେଟ୍ ପୋଲିସ କହିଛିଯ ଶ୍ରୀଧରଙ୍କ କେତେ ଝିଅଙ୍କ ସହ ସମ୍ପର୍କ ଥିଲା ଏହା ପରେ ସ୍ପଷ୍ଟ ହୋଇଯିବ। ସ୍ୱାମୀଙ୍କ ପରକୀୟା ପ୍ରୀତି ଯୋଗୁ ମଧୁମିତା ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଶ୍ରୀଧରଙ୍କୁ ଧଉଳି ଥାନା ପୋଲିସ ଗିରଫ କରିଥିଲା।

### ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

## ଧାମରା ଓ ଗୋପାଳପୁରରେ ବନ୍ଦରଭିତ୍ତିକ ଶିଳ୍ପାଞ୍ଚଳ ଦାବି

**ନୂଆଦିଲ୍ଲୀ,୨୭।୭ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ନୀତି ଆୟୋଗର ନବମ ପରିଚାଳନା ବୈଠକ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦ ରାଜ୍ୟ ଓ ୬ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ, ଉପରାଜ୍ୟପାଳ ଯୋଗ ଦେଇଥିଲେ। ଏହି ବୈଠକରେ ଯୋଗଦେଇ ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ପାଇଁ କେନ୍ଦ୍ରୀୟ ସହଯୋଗ ଲୋଡିବା ସହ ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୋସିଆଲ ସାଇଟ୍ ଏକ୍ସରେ ସୂଚନା ଦେଇଛନ୍ତି।

ଓଡ଼ିଶାର ସୁଦୀର୍ଘ ୪୫୦ କି.ମି ଉପକୂଳ ଅଞ୍ଚଳକୁ ବିକଶିତ କରିବା ନିମନ୍ତେ ବନ୍ଦରଭିତ୍ତିକ ବିକାଶ ମଡେଲକୁ ଆପଣାଇବା ସହ ଏକ ବୃହତ ବନ୍ଦର ଭିତ୍ତିକ ଶିଳ୍ପ ଜୋନ୍ ପ୍ରତିଷ୍ଠା କରାଯାଇପାରିବ। ଯାହାକି ଓଡ଼ିଶାକୁ ପୂର୍ବ ଏବଂ ଦକ୍ଷିଣ ପୂର୍ବ ଏସିଆର ପ୍ରବେଶ ଦ୍ୱାର ଏବଂ ପଡୋଶୀ ରାଜ୍ୟଗୁଡିକ ପାଇଁ ଏକ ଯୋଗାଯୋଗର କେନ୍ଦ୍ର ପାଲଟିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ବନ୍ଦରଭିତ୍ତିକ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ସହାୟତା ଲୋଡ଼ିଛନ୍ତି। ଭଦ୍ରକ ଜିଲ୍ଲା ଧାମରା ଓ ଗଂଜାମ ଜିଲ୍ଲା ଗୋପାଳପୁରରେ ନିକଟରେ ଶିଳ୍ପାଞ୍ଚଳ ଗଠନ ଦାବି କରିଛନ୍ତି। ଅସ୍ତରଙ୍ଗ, ପାଲୁର, ବାହୁଦା, ଏବଂ ସୁବର୍ଣ୍ଣରେଖା ଠାରେ ଗ୍ରୀନ୍ ଫିଲ୍ଡ ବନ୍ଦରଗୁଡିକର ବିକାଶ କରାଯିବା ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ



ଅଧୀନରେ ଥିବା ଗଞ୍ଜାମ ଜିଲ୍ଲାର ପ୍ରାୟ ୪୩୦୦ଏକରର ଲବଣାକ୍ତ ଜମି ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବାର ବ୍ୟବସ୍ଥା କରିବା ନିମନ୍ତେ ଦାବି ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ।

ଆର୍ଥିକ ଅର୍ନ୍ତଭୁକ୍ତିକୁ ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ରାଜ୍ୟର ବ୍ୟାଙ୍କ ସେବା ଅପହଞ୍ଚ ପଞ୍ଚାୟତ ଗୁଡିକରେ ଅଧିକ ସଂଖ୍ୟକ ବ୍ୟବସାୟିକ ଶାଖା (ବ୍ୟାଙ୍କ) ଏଟିଏମ୍ ଏବଂ ଟେଲିକମ୍ ଭିତିଭୂମି ବିକାଶର ଆବଶ୍ୟକତା ରହିଛି। ଜାତୀୟ ହାର ତୁଳନାରେ ଓଡ଼ିଶାର ରେଳ ଘନତା କମ୍ ରହିଛି। ଓଡ଼ିଶାରେ ରେଳ ଘନତା ବୃଦ୍ଧି ଏବଂ ଭିତିଭୂମି ବିକାଶ ପାଇଁ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ଦାବି ଜଣାଇଛନ୍ତି।

ମୋଟ ୩୩ %ରୁ ଅଧିକ ଜଙ୍ଗଲରେ ପରିପୂର୍ଣ୍ଣ ଥିବା ଓଡ଼ିଶାର ଅବଦାନ ପରିବେଶ ସୁରକ୍ଷା କ୍ଷେତ୍ରରେ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଏହା ଅନେକ ସମୟରେ ବିକାଶମୂଳକ ପ୍ରକଳ୍ପରେ ବାଧା ସୃଷ୍ଟି କରୁଛି ଯାହାକି ସିଧାସଳଖ ରାଜ୍ୟର ଆର୍ଥିକ ପ୍ରଗତିରେ ପ୍ରତିବନ୍ଧକ ସାଜୁଛି। ଏହାର ସ୍ଥାୟୀ ସମାଧାନ ଏବଂ ପ୍ରତିକାର ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡିଛନ୍ତି ମୁଖ୍ୟମନ୍ତ୍ରୀ।

ଓଡ଼ିଶାକୁ ସେମିକଣ୍ଡକ୍ଟର ହବ୍ କରିବା ନିମନ୍ତେ ଏଫ୍‌ଡିଆଇ ବ୍ୟବସ୍ଥା ସହ ଆବଶ୍ୟକୀୟ ଅତ୍ୟାଧୁନିକ ଜ୍ଞାନକୌଶଳ ଯୋଗାଇଦେବା ପାଇଁ ଅନୁରୋଧ କରାଯାଇଛି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ବିକଶିତ ଓଡ଼ିଶା ନିର୍ମାଣ କରିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ଏକ୍ସରେ କହିଛନ୍ତି।

## ବିମାନଯାତ୍ରୀଙ୍କୁ ଆକୃଷ୍ଟ କରିବ ଓଡ଼ିଶାର ହସ୍ତତନ୍ତ

**ଭୁବନେଶ୍ୱର,୨୭।୭(ମହାଭାରତ):** ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବିଜୁ ପଟ୍ଟନାୟକ ବିମାନବନ୍ଦର ଭିତରେ ବୟନିକାର ଏକ ସ୍ୱତନ୍ତ୍ର ବିକ୍ରୟ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବୟନିକାର ଏହି ସ୍ୱତନ୍ତ୍ର ଶୋରୁମ୍ ଓଡିଶାର ପାରମ୍ପରିକ ହସ୍ତତନ୍ତର ଗାରିମାକୁ ରାଜ୍ୟ ଓ ଦେଶ ବାହାରେ ପ୍ରତିପାଦିତ କରିବା ସହିତ ଏହା ପ୍ରଚାର ପ୍ରସାରରେ ସହାୟକ ହେବ। ଏଥିପାଇଁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି ମଧ କହିଥିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ସ୍ଥାନୀୟ ଉତ୍ପାଦର ପ୍ରଚାର ପ୍ରସାର ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଏହି ଦୂରଦୃଷ୍ଟି ସଂପନ୍ନ ଚିନ୍ତାଧାରା ଆଧାରରେ ଓଡିଶାର ହସ୍ତତନ୍ତ ସହିତ ଅନ୍ୟାନ୍ୟ ସ୍ଥାନୀୟ ଉତ୍ପାଦ ଗୁଡିକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆଦୃତ କରିବା ପାଇଁ ଏହି ପଦକ୍ଷେପ ସହାୟକ ହେବ।

ଉତ୍କର୍ଷ କଳାର ନିଦର୍ଶନ ଭାବରେ ଓଡିଶା ହସ୍ତତନ୍ତ ତାହାର ପରିଚୟ ଜାତୀୟ ତଥା ଅର୍ନ୍ତଜାତୀୟ ବଜାରରେ ଜାହିର କରିପାରିଛି। ଓଡିଶା ହସ୍ତତନ୍ତର ରୁଚିପୂର୍ଣ୍ଣ



ବୁଣାଶୈଳୀ ଓ ଆକର୍ଷଣୀୟ ଡିଜାଇନ୍ ଯୋଗୁଁ ବିଶ୍ୱ ବଜାରରେ ଚାହିଦା ରହିଛି।

ଓଡିଶା ହସ୍ତତନ୍ତ ଉତ୍ପାଦର ପ୍ରଚାର ଓ ପ୍ରସାର ନିମନ୍ତେ ଓଡିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସର୍ବଦା କାର୍ଯ୍ୟ କରିଆସୁଛି । ଏହି ବିଭାଗ ଅଧିନରେ ଥିବା ଓଡିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ, ବୟନିକା ଓଡିଶାର ହସ୍ତତନ୍ତକୁ ବିଶ୍ୱ ଦରବାରରେ ଆଦୃତ କରାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଅଛି।

ଏହି ଉଦ୍ଦେଶ୍ୟରେ କେବଳ ଜିଆଇ ମାନ୍ୟତା ପ୍ରାପ୍ତ ୯ ଗୋଟି ଓଡିଶା ହସ୍ତତନ୍ତ ଉତ୍ପାଦ ଯଥା କୋଟପାଡ୍ ବସ୍ତ୍ର, ଓଡିଶା ଇକ୍, ଖଣ୍ଡୁଆ। ଶାଢୀ, ଗୋପାଳପୁର ଟସର ବସ୍ତ୍ର, ଧଳାପଥର ପରଦା ଓ ବସ୍ତ୍ର, ସମ୍ବଲପୁରୀ ବାନ୍ଧ ଶାଢୀ ଓ ବସ୍ତ୍ର, ବମକାଇ ଶାଢୀ, ହାବାସ୍ପୁରୀ ଶାଢୀ, ବରହମ୍ପୁର ପାଟ ଶାଢୀ ଓ ଫୋଡାକୁମ୍ଭ ଶାଢୀ ଇତ୍ୟାଦିର ପ୍ରଦର୍ଶନ ଓ ବିକ୍ରୟ ନିମନ୍ତେ ବିଜୁ ପଟ୍ଟନାୟକ ଅର୍ନ୍ତଜାତୀୟ ବିମାନ ବନ୍ଦରର ଗେଟ୍ ନଂ.୭ ନିକଟସ୍ଥ ପ୍ରଥମ ମହଲାର ସୁରକ୍ଷା ହୋଲ୍ଡ ଅଂଚଳରେ ଏକ ସ୍ୱତନ୍ତ୍ର ବିକ୍ରୟ କେନ୍ଦ୍ର ଖୋଲାଯାଇଛି ।

ଏହି ଉଦଘାଟନ କାର୍ଯ୍ୟକ୍ରମରେ ଦୁଇ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ସହିତ ଓଡିଶା ସରକାରଙ୍କ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗର ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ମଧ ଉପସ୍ଥିତ ରହିଥିଲେ। ଉଦଘାଟନ ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ ପାଢୀ ମୁଖ୍ୟମନ୍ତ୍ରୀଙ୍କୁ ବିକ୍ରୟ କେନ୍ଦ୍ରରେ ଉପଲବ୍ଧ ଥିବା ରୁଚିପୂର୍ଣ୍ଣ ହସ୍ତତନ୍ତ ଉତ୍ପାଦ ଗୁଡିକ ବିଷୟରେ ସବିଶେଷ ତଥ୍ୟ ରଖିଥିଲେ। ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଶୋଭନ କୃଷ୍ଣ ସାହୁ, ବୟନିକାର ନିର୍ଦ୍ଦେଶିକା ଶ୍ରୀମତୀ ପ୍ରଣତୀ ଛୋଟରାୟ, ଯୁଗ୍ମସଚିବ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ଶ୍ରୀମତୀ ଅନନ୍ୟା ଦାସ, ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଭୁବନେଶ୍ୱର ବିଜୁପଟ୍ଟନାୟକ ଅର୍ନ୍ତଜାତୀୟ ବିମାନ ବନ୍ଦରରୁ ଦେଶ ତଥା ଦେଶ ବାହାରକୁ ଯାତ୍ରା କରୁଥିବା ଯାତ୍ରୀ, ବିମାନ ବନ୍ଦରରେ ଏହି ଜିଆଇ ମାନ୍ୟତା ପ୍ରାପ୍ତ ଓଡିଶା ହସ୍ତତନ୍ତ ଉତ୍ପାଦ ଗୁଡିକୁ କିଣି ପାରିବେ। ସମସ୍ତଙ୍କୁ ଓଡିଶା ହସ୍ତତନ୍ତ ବିଷୟରେ ଅବଗତ କରିବା ପ୍ରୟାସେ ଏହି ଆଧୁନିକ ନୂଆ। ବୟନିକା ବିକ୍ରୟ କେନ୍ଦ୍ରକୁ ଖୋଲାଯାଇଛି। ଏହି କେନ୍ଦ୍ରରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ରିହାତିର ବ୍ୟବସ୍ଥା କରାଯାଇଛି।

## ଓଡ଼ିଶାକୁ ଆସିଲା ଆଳୁ

**ଭୁବନେଶ୍ୱର,୨୭।୭(ମହାଭାରତ):** ଗତ ଦୁଇ ଦିନ ହେଲା ଓଡ଼ିଶାରେ ଦେଖାଦେଇଛି ଆଳୁ ସଂକଟ। ଏହି ସମସ୍ୟା ସମାଧାନ ପାଇଁ ଆରମ୍ଭ ହୋଇଛି ଉଦ୍ୟମ। ଆଜି ନୂଆଦିଲ୍ଲୀରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପଶ୍ଚିମବଙ୍ଗରୁ ଆଳୁ ଆସିବା ବନ୍ଦ ହୋଇଯାଇଥିବାରୁ ରାଜ୍ୟରେ ଅହେତୁକ ଦରବୃଦ୍ଧି ଯୋଗୁ ସାଧାରଣ ଜନତା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଶ୍ରୀ ମାଝୀ ମମତା ବାନାର୍ଜୀଙ୍କୁ ଅବଗତ କରିଛନ୍ତି। ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ସେ ମମତା ବାନାର୍ଜୀଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ପରେ ପଶ୍ଚିମବଙ୍ଗରୁ ଆଳୁ ଆସିବା ପ୍ରକ୍ରିୟା ସ୍ୱାଭାବିକ ହୋଇଛି। ଆଳୁ ଦର ନିୟନ୍ତ୍ରଣ ଏବଂ ଯୋଗାଣ ସମସ୍ୟାର ଯଥାଶୀଘ୍ର ସମାଧାନ ପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସ ମାଧ୍ୟମରେ ସୂଚନା ଦେଇଛନ୍ତି। ଏହି ଅସ୍ଥାୟୀ ସମସ୍ୟାର ସମାଧାନ ପାଇଁ ଯୋଗାଣ ମନ୍ତ୍ରୀ ଗୋଦାମରେ ସ୍ଥିତିର ସମୀକ୍ଷା କରିବା ସହ ସ୍ଥିତି ପରଖିଛନ୍ତି। ଉଭୟ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ବୈଠକରେ ଯୋଗ ଦେବା ପାଇଁ ଦିଲ୍ଲୀରେ ଅଛନ୍ତି।

ବର୍ତ୍ତମାନ ରାଜ୍ୟରେ ଆଳୁ ୫୦ରୁ ୬୦ ଟଙ୍କାରେ ବିକ୍ରି ହେଉଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆଳୁ ଆମଦାନୀ ସ୍ୱାଭାବିକ ହୋଇଛି। ରାଜ୍ୟରେ ଆଳୁ ଦର ନିୟନ୍ତ୍ରଣରେ ଥିବା ବେଳେ ଦର ସ୍ୱାଭାବିକ ହେଉଛି। ପଶ୍ଚିମବଙ୍ଗରୁ ଆଳୁ ଆସୁନଥିବାରୁ ଦର ବଢ଼ିଥିଲା। ଏବେ ଆସିବା ଆରମ୍ଭ ହୋଇଛ। ପଶ୍ଚିମବଙ୍ଗ ସରକାରଙ୍କ ସହ ଆଲୋଚନା ପରେ ଆଳୁ ଆସିବା ଆରମ୍ଭ ହୋଇଛି।

# ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



ଖବର

# ଶାହରୁଖଙ୍କ ବଡ଼ ଉପଲବ୍ଧି: ଗୋଲ୍ଡ କଏନରେ ରହିଲା କିଙ୍ଗଖାନ୍‌ଙ୍କ ଫଟୋ



ବଲିଉଡ ବାଦଶାହା ଶାହରୁଖ ଖାନ୍‌ଙ୍କୁ ମିଳିଛି ଆଉ ଏକ ବଡ଼ ଉପଲବ୍ଧି। ପୂର୍ବରୁ କୌଣସି କଳାକାର ହାସଲ କରି ନ ଥିବା ସମ୍ମାନର ହକ୍‌ଦାର ହୋଇଛନ୍ତି ଶାହରୁଖ। ଫ୍ରାନ୍ସ ରାଜଧାନୀ ପ୍ୟାରିସ୍ର ଗ୍ରେଭିନ ମ୍ୟୁଜିୟମ ଶାହରୁଖ ଖାନ୍‌ଙ୍କୁ ସମ୍ମାନିତ କରିଛି, ତାହା ପୁଣି ଗୋଲ୍ଡ କଏନ ସହ। ମ୍ୟୁଜିୟମ ଶାହରୁଖଙ୍କ ଉଦ୍ଦେଶ୍ୟରେ ଏକ ଗୋଲ୍ଡ କଏନ୍ ଜାରି କରିଛି, ଯେଉଁଥିରେ ତାଙ୍କ ନାମ ସହ ଏକ ଫଟୋ ମଧ୍ୟ ରହିଛି। ଏପରି ସମ୍ମାନର ହକ୍‌ଦାର ହେବାରେ ଶାହରୁଖ ହେଉଛନ୍ତି ପ୍ରଥମ ଅଭିନେତା। ୨୦୨୩ରେ ତିନୋଟି ବ୍ୟାକ୍ ଟୁ ବ୍ୟାକ ହିଟ୍ ଫିଲ୍ମ ଭେଟି ଦେଇଥିଲେ କିଙ୍ଗ ଖାନ୍। ତାଙ୍କ ଅଭିନୀତ 'ପଠାନ', 'ଯବାନ' ଏବଂ 'ଡଙ୍କି' ବକ୍ସ ଅଫିସରେ ଧୂମ ମଚାଇଥିଲା। ଚଳିତବର୍ଷ ତାଙ୍କର କୌଣସି ସିନେମା ପରଦାକୁ ଆସି ନ ଥିଲେ ମଧ ବର୍ତ୍ତମାନ ସେ 'କିଙ୍ଗ୍' ସିନେମା ପାଇଁ ସୁହାନାଙ୍କ ସହ କାମ କରୁଛନ୍ତି।



# ଚନ୍ଦନ ତେଲ, ପାଉଡର୍‌ର ରହିଛି ୫ଟି ଲାଭ

ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ଚନ୍ଦନ ବହୁତ ଭଲ । ଚନ୍ଦନ ପାଉଡର ଓ ତେଲରେ ୧୨୫ ପ୍ରକାର ତତ୍ତ୍ୱ ରହିଛି,ଯାହା ତ୍ୱଚାକୁ ସୁନ୍ଦର କରିବା ପାଇଁ ସାହାଯ୍ୟ କରିଥାଏ । ତେଣୁ ସମସ୍ତ ପ୍ରକାର ବିୟୁଟି ପ୍ରଡକ୍ଟରେ ଚନ୍ଦନକୁ ଉପଯୋଗ କରାଯାଇଥାଏ । ତେବେ ଆସନ୍ତୁ ଜାଣିବା ଚନ୍ଦନ ତେଲ ଓ ପାଉଡର ବ୍ୟବହାର କଲେ, କେଉଁସବୁ ଲାଭ ମିଳିଥାଏ।

■ ଚନ୍ଦନ ପ୍ରାକୃତିକ ଭାବରେ ଥଣ୍ଡା ପ୍ରଦାନ କରିଥାଏ । ତେଣୁ ଏହାର ଲେପ ମୁହଁରେ ଲଗାଇଲେ, ତ୍ୱଚାରେ ହେଉଥିବା ଜଳାପୋଡା ଭଲ ହୋଇଥାଏ। ଏହାର ବାସ୍ନାରେ ମାନସିକ ଶାନ୍ତି ମିଳିଥାଏ ।

■ ଯେଉଁମାନେ କଥା କଥାରେ ରାଗି ଯାଇଥାନ୍ତି, ସେମାନଙ୍କୁ ଚନ୍ଦନ ଟିକା ଲଗାଇବା ପାଇଁ ପରାମର୍ଶ ଦିଆଯାଇଥାଏ। କାରଣ ଆମ ଶରୀରରେ ଥିବା ୭ଟି ଚକ୍ର ମଧ୍ୟରୁ ଗୋଟିଏ ଶକ୍ତିଶାଳୀ ଚକ୍ର ଦୁଇ ଆଇବ୍ରୋ ମଝିରେ ରହିଛି । ତେଣୁ ସେହି ସ୍ଥାନରେ ଚନ୍ଦନ ଲଗାଇଲେ ମନ ଓ ମସ୍ତିଷ୍କ ଶାନ୍ତ ରହିଥାଏ ।

■ ଆଖିର ଆଖପାଖ ତ୍ୱଚାକୁ ସୁନ୍ଦର କରିବା ପାଇଁ ଏହାର ଚାରିପଟେ ଚନ୍ଦନ ଓ ମହୁର ଲେପ ଲଗାନ୍ତୁ ।

■ ଡ୍ରାଏନେସ୍ ଯୋଗୁ ତ୍ୱଚାରେ କୁଞ୍ଚନ ପଡିବା ସହ ତ୍ୱଚା ଢିଲା ହୋଇଯାଏ । ଚନ୍ଦନ ଡ୍ୟାମେଜ ସେଲକୁ ରିପାୟାର କରିବାର କାର୍ଯ୍ୟ କରିଥାଏ । ଏହାର ବାସ୍ନା ବ୍ରେନ୍ ସେଲକୁ ରିଲାକ୍ସ କରିଥାଏ ।

■ ଚନ୍ଦନ ପାଉଡରରେ ଆଣ୍ଟି-ବ୍ୟାକ୍ଟେରିଆ ଗୁଣ ରହିଛି । ତେଣୁ ଏହାକୁ ଲଗାଇବା ଦ୍ୱାରା ସ୍କିନରେ ବ୍ୟାକ୍ଟେରିଆ ସକ୍ରିୟ ହୁଅନ୍ତି ନାହିଁ । ଏହି ପାଉଡର ମୁହଁର ତ୍ୱଚାକୁ ଅଏଲ ଫ୍ରି ମଧ୍ୟ ରଖୁଥିବାରୁ ବ୍ରଣ ସମସ୍ୟା ଦେଖା ଦିଏ ନାହିଁ ।

# ଘରେ ଲଗାନ୍ତୁ ୭ଟି ଦୌଡୁଥିବା ଧଳା ଘୋଡାର ଫଟୋ

ଅନେକ ଥର, ବହୁତ ପରିଶ୍ରମ କରିବା ପରେ ମଧ ସଠିକ୍ ଫଳ ମିଳିନଥାଏ। ଏହା ପଛର କାରଣ ଘରର ବାସ୍ତୁ ଦୋଷ ହୋଇଥାଏ। ଏହି କାରଣରୁ, ସଫଳତା ଏବଂ ପ୍ରଗତିର ପଥରେ ବାଧା ଆସିବା ସହିତ ଘରେ ଚିନ୍ତା ବୃଦ୍ଧି ପାଇବାରେ ଲାଗିଥାଏ। କିନ୍ତୁ ଆପଣ ଏହାକୁ ଅତି ସରଳ ଉପାୟରେ ଠିକ୍ କରିପାରିବେ। ବାସ୍ତୁ ଶାସ୍ତ୍ରରେ ୭ ଅଙ୍କ ବିଶିଷ୍ଟ ଧଳା ଘୋଡାମାନଙ୍କର ବିଶେଷ ଗୁରୁତ୍ୱ ରହିଛି। ତେଣୁ, ଘରେ ସାତ ଅଙ୍କ ବିଶିଷ୍ଟ ଧଳା ଘୋଡାର ଫଟୋ ଲଗାଇବା ଦ୍ୱାରା, ବାସ୍ତୁ ତ୍ରୁଟି ଦୂର ହେବା ସହିତ ଜୀବନର ଅନେକ ସମସ୍ୟାରୁ ମୁକ୍ତି ପାଇପାରିବେ। ତେବେ ଆସନ୍ତୁ ଜାଣିବା ଏହା ବିଷୟରେ ବିସ୍ତୃତ ଭାବରେ



ବାସ୍ତୁରେ ୭ ଅଙ୍କର ମହତ୍ତ୍ୱ :ବାସ୍ତୁ ଶାସ୍ତ୍ରରେ ୭ ଅଙ୍କକୁ ବହୁତ ଗୁରୁତ୍ୱ ଦିଆଯାଇଥାଏ । ଏହାକୁ ଶୁଭର ପ୍ରତୀକ ଏବଂ ଫଳପ୍ରଦ ଭାବରେ ବିବେଚନା କରାଯାଏ। ଏଥି ସହିତ, ୭ ର ସଂଖ୍ୟା ମଧ ସପ୍ତ ଋଷି, ଇନ୍ଦ୍ର ଧନୁର ସାତୋଟି ରଙ୍ଗ, ସାତ ଘେରା ବୁଲିବା ଇତ୍ୟାଦି ସହିତ ଜଡିତ। ତେଣୁ ଏହାକୁ ବହୁତ ଶୁଭ ବୋଲି ବିବେଚନା କରାଯାଏ । ତେବେ ଚାଲନ୍ତୁ ଜାଣିବା ସାତଟି ଧଳା ଘୋଡାର ଫଟୋ ରଖିବାର ଫାଇଦା

ସଫଳତା ଏବଂ ପ୍ରଗତି ଆଣିଥାଏ : ବାସ୍ତୁ ଅନୁଯାୟୀ, ଦୌଡୁଥିବା ଘୋଡା ସଫଳତା, ଗତି ଏବଂ ଶକ୍ତିର ପ୍ରତୀକ ହୋଇଥାଏ । ତେଣୁ ଏହାର ଫଟୋକୁ ଘରେ ଲଗାଇବା ଦ୍ୱାରା ପ୍ରଗତି ଏବଂ ସଫଳତାର ପଥ ଖୋଲିଥାଏ । ଆହୁରି ମଧ, ଘରେ ସୁଖ, ସମୃଦ୍ଧତା ଏବଂ ଶାନ୍ତିର ବାସ ହୋଇଥାଏ।

କାର୍ଯ୍ୟ କ୍ଷେତ୍ରରେ ମିଳିବ ସଫଳତା : ଆପଣଙ୍କ କାର୍ଯ୍ୟ କ୍ଷେତ୍ରରେ ଦୌଡୁଥିବା ୭ ଟି ଧଳା ଘୋଡାର ଫଟୋ ରଖନ୍ତୁ । ଏହା ବ୍ୟବସାୟ ଅଭିବୃଦ୍ଧିରେ ସାହାଯ୍ୟ କରିବ। ଯଦି ଆପଣ ଘରେ କାମ କରୁଛନ୍ତି, ତେବେ ଏହି ଫଟୋକୁ ଘରର ପୂର୍ବ କାନ୍ଥରେ ଲଗାନ୍ତୁ। ଅଫିସ୍ ଏବଂ ଦୋକାନର ଦକ୍ଷିଣ ଦିଗରେ ଏହି ଫଟୋ ରଖନ୍ତୁ ।

ଆର୍ଥିକ ସମସ୍ୟା ହେବ ଦୂର : ଘରେ ଏପରି ସ୍ଥାନରେ ଦୌଡୁଥିବା ୭ଟି ଘୋଡାର ଫଟୋ ଲଗାନ୍ତୁ ଯେପରି ଏହା ସମସ୍ତଙ୍କୁ ଦେଖାଯାଉଥିବ। ଏହା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହେବା ସହିତ ଘରେ ସୁଖ, ସମୃଦ୍ଧି ବୃଦ୍ଧି ହୋଇଥାଏ।

# ଫ୍ୟାଶନରେ ପିଙ୍କ୍ ଆଇ ଲାଇନର୍



କୁହାଯାଏ ହୃଦୟକୁ ପହଞ୍ଚିବାର ମାଧ୍ୟମ ହେଉଛି ଆଖି। ଏଣୁ ମେକ୍‌ଅପ ଦୁନିଆରେ ଆଖିକୁ ବା ଆଇ ମେକ୍‌ଅପକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଠିକ୍ ଭାବେ କରାଯାଇଥିବା ଆଇ ମେକ୍‌ଅପ୍ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱକୁ ବଦଳାଇଦେଇ ପାରେ। ଯଦି ଆପଣ ମଧ ଆଖିକୁ ସଜେଇବାକୁ ଭଲ ପାଆନ୍ତି ଆଉ ନିଜ ମେକ୍‌ଅପରେ କିଛି ଡ୍ରାମା ଭରିଦେବାକୁ ଚାହାନ୍ତି, ଏଇ ଆର୍ଟିକଲଟି ଆପଣଙ୍କ କାମରେ ଲାଗିପାରେ। ଯେପରି କି ମେକ୍‌ଅପ ପ୍ରେମୀମାନେ ଜାଣନ୍ତି ଯେ, ଠିକ୍ ଆଇ ମେକ୍‌ଅପ୍ ଆପଣଙ୍କ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ। କିନ୍ତୁ ଯେତେବେଳ ଡେଲି ମେକ୍‌ଅପ କଥା ଆସେ, ଆମେ ସେହି ରେଡ୍ ସେଡ୍ ଲିପଷ୍ଟିକ୍, ବ୍ଲାକ୍ ଲାଇନର୍, କାଜଲ୍, ଓ ମସ୍କାରା ଲଗାଇ ନିଅନ୍ତି। ଯଦି ଆପଣ ବି ଏଭଳି ନିତି ଦିନିଆ ମେକ୍‌ଅପରେ ବୋର୍ ହୋଇଗଲେଣି ତେବେ ଆଜି ପ୍ରସ୍ତୁତ ହୋଇଯାନ୍ତୁ ନିଜ ଆଖିରେ କିଛି ରଙ୍ଗ ମିଶାଇବାକୁ। ଲାଇଟ୍ ପିଙ୍କ୍ ବା ଡାର୍କ ପିଙ୍କ୍ ଆଏଲାଇନର୍ ସହ ନିଜ ମେକ୍‌ଅପ ଏକ୍ସପେରିମେଣ୍ଟ କରନ୍ତୁ। କେବଳ ବ୍ଲାକ୍ କାହିଁକି ବିଭିନ୍ନ କଲର୍ ସହ ଆପଣ ନିଜର ଆଇ ମେକ୍‌ଅପ୍ ଏକ୍ସପେରିମେଣ୍ଟ କରିପାରିବେ। ହେଲେ ଆଜିକାଲି ଫ୍ୟାଶନ ଟ୍ରେଣ୍ଡରେ ଚାଲିଛି ପିଙ୍କ୍ ସେଡ। ବ୍ଲାକ୍ ଡ୍ରାମା ଆଇ ଲାଇନର ସହ ପିଙ୍କ୍ ଲାଇନର୍ ମିଶାଇ ନିଜ ଆଇ ମେକ୍‌ଅପରେ ଟିକେ ଅଧିକା ଡ୍ରାମା ଭରିଦେଇପାରିବେ। ଏବେ ଗ୍ରୀଷ୍ମଋତୁ ଆରମ୍ଭ ହୋଇଯାଇଛି। ଏହି ସମୟରେ ଏଭଳି ଆଇ ମେକ୍‌ଅପ ଆଣଙ୍କୁ ଏକ ଗ୍ଲାମର୍ସ ଲୁକ୍ ଦେଇପାରିବ। ଟ୍ରାଏ କରନ୍ତୁ । ଚଳିତବର୍ଷ ପିଙ୍କ ସେଡ୍ ଆଏଲାଇନର୍ ଫ୍ୟାଶନରେ ଟ୍ରେଣ୍ଡ ହେଉଛି। ଆପଣ ନିଜ ତ୍ୱଚାର ସେଡ୍ ଅନୁସାରେ ପିଙ୍କ୍ ଆଇ ଲାଇନର୍ ସେଡ୍ ଚୟନ କରିପାରିବେ। ତେବେ ଫ୍ୟାଶନ୍ ଟ୍ରେଣ୍ଡରେ ଚାଲିଥିବାରୁ ଭିନ୍ନ ଭିନ୍ନ ବ୍ରାଣ୍ଡର ପିଙ୍କ୍ ଆଇ ଲାଇନର୍ ଅନଲାଇନ୍ ଓ ଅଫଲାଇନ୍ ମାର୍କେଟରେ ଆପଣ ପାଇପାରିବେ। ଯଦି ଆପଣଙ୍କୁ ଡାର୍କ ପିଙ୍କ୍ ସେଡ୍ ପସନ୍ଦ କିନ୍ତୁ ଆପଣ ଡବଲ କୋଟ୍ କରିବାକୁ ଚାହାନ୍ତି ନାହିଁ। ତା'ହେଲେ ସିଙ୍ଗଲ୍ କୋଟ୍ କରି ବ୍ଲୁ ସେଡ୍ କିମ୍ବା ବ୍ଲାକ୍ ସେଡ୍ ଜେଲ୍ ଆଇ ଲାଇନର୍ ସହ ମିଶାଇ ଆପଣ ନିଜ ଆଖିକୁ ଆକର୍ଷଣୀୟ ଲୁକ୍ ଦେଇପାରିବେୟ ପିଙ୍କ୍ ଏକ ସଫ୍ଟ କଲର୍ ହୋଇଥିବାରୁ ସମସ୍ତଙ୍କୁ ଭଲ ଲାଗିଥାଏ। ଏଣୁ ପିଙ୍କ୍ ଆଇ ଲାଇନର୍ ବ୍ୟବହାର କଲେ ଆପଣ ଗ୍ଲିଟରି ଆଏ ସେଡୋ ବ୍ୟବହାର କରିପାରିବେ କିମ୍ବା ନ୍ୟୁଡ୍ ସେଡ୍ ଆଏ ସେଡୋ ଲଗାଇ ଟିକେ ହାଇଲାଇଟର୍ ମିଶାଇଦେଲେ ଆପଣଙ୍କ ଲୁକ୍ ଟିକେ ହଟକେ ଦେଖାଯିବ। ତେବେ ଧ୍ୟାନ ରଖିବେ, ଏଭଳି ଆଇ ମେକ୍‌ଅପ କରୁଥିଲେ, ସବୁବେଳେ କନଟ୍ରାଷ୍ଟ କଲର୍ ଲିପଷ୍ଟିକ୍ ହିଁ ମାନିଥାଏ।



# ରାଜାଙ୍କୁ ଦୀର୍ଘଜୀବୀ କଲେ ସୂର୍ଯ୍ୟଦେବ

ବହୁବର୍ଷ ପୂର୍ବେ ଭାରତ ବର୍ଷର ଏକ ରାଜ୍ୟରେ ରାଜା ରାଜ୍ୟବର୍ଦ୍ଧନ ରାଜୁତି କରୁଥିଲେ । ସେ ଅତ୍ୟନ୍ତ ଧର୍ମାତ୍ମା ତଥା ପ୍ରଜା ହିତୈଷୀ ରାଜା ଥିଲେ । ଥରେ ରାଣୀ ରାଜାଙ୍କ



ମୁଣ୍ଡରେ ତେଲ ମାଲିସ୍ କରିବା ବେଳେ ଏକ ପାଚିଲା କେଶ ଦେଖିବାକୁ ପାଇଲେ । ରାଣୀଙ୍କ ମନ ଦୁଃଖ ହେଲା । ରାଜା ଏକଥା ଜାଣିବା ପରେ ରାଣୀଙ୍କୁ କହିଲେ, ଏହା ତ' ଜୀବନର ନିୟମ । ଜନ୍ମ ହେଲା ପରେ ଶୈଶବ, ଯୁବାବସ୍ଥା ପରେ ବାର୍ଦ୍ଧକ୍ୟ ଆସିଥାଏ । ଏଥିରେ ଚିନ୍ତା କରିବାର କ'ଣ ଅଛି । ଏହାପରେ ଦିନେ ରାଜା ଘୋଷଣା କଲେ, ମୁଁ ବହୁଦିନ ଧରି ନିଷ୍ଠାର ସହ ରାଜ୍ୟ ପାଳନ କରିଛି । ଏବେ ସମୟ ଆସିଗଲାଣି । ମୋତେ ରାଜ ସିଂହାସନ ଛାଡ଼ି ବନବାସ କରିବାକୁ ହେବ । ରାଜା ରାଜ୍ୟବର୍ଦ୍ଧନଙ୍କୁ ପ୍ରଜାମାନେ ଅତି ଭଲ ପାଉଥିଲେ । ସେମାନେ ତାଙ୍କୁ ଛାଡ଼ିବାକୁ ରାଜି ହେଲେ ନାହିଁ । ଏହି ସମୟରେ ଗନ୍ଧର୍ବ ସୁଦାମାଙ୍କ ପରାମର୍ଶ କ୍ରମେ ରାଜ୍ୟବାସୀ ଭଗବାନ ସୂର୍ଯ୍ୟଦେବଙ୍କୁ ପ୍ରାର୍ଥନା କଲେ । ସୂର୍ଯ୍ୟଦେବ ପ୍ରସନ୍ନ ହେବାରୁ ରାଜ୍ୟବାସୀ ତାଙ୍କ ଠାରେ ରାଜାଙ୍କ ଦୀର୍ଘ ଜୀବନ କାମନା କଲେ । ସୂର୍ଯ୍ୟଦେବ ତଥାସ୍ତୁ କହିଲେ । ମାତ୍ର ରାଜା ଏକଥା ଜାଣିବା ପରେ କହିଲେ, ସେତେବେଳକୁ ରାଣୀଙ୍କର ମୃତ୍ୟୁ ଘଟିସାରିଥିବ । ବନ୍ଧୁବାନ୍ଧବ, ସଖା ସହୋଦର, ପ୍ରଜା ସମସ୍ତେ ଆରପାରିକୁ ଚାଲିଯାଇଥିବେ । ଏତେଦିନ ବଞ୍ଚି ମୁଁ କ'ଣ କରିବି ? ସେ ପୁଣି ଥରେ ତପସ୍ୟା କରିବାରୁ ସୂର୍ଯ୍ୟଦେବ ପ୍ରସନ୍ନ ହୋଇ ରାଜାଙ୍କ ସମେତ ସମସ୍ତ ପ୍ରଜାଙ୍କୁ ଦୀର୍ଘଜୀବୀ ହେବାର ବରଦାନ ଦେଲେ ।

# ୭୬ ତମ ସଂସ୍କୃତି ଚର୍ଚ୍ଚା ସମାରୋହ

**ଭୁବନେଶ୍ୱର,୨୭।୭ (ମହାଭାରତ):** ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୭୬ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ଉତ୍ସବରେ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ ଜିତୁ ମିଶ୍ର, ବିଶିଷ୍ଟ ଶିକ୍ଷାବିତ୍, ଲେଖକ ଓ ଐତିହ୍ୟବିତ୍। ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ। ସମ୍ମାନରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଶ୍ରୀମତୀ ବନାନୀ ମହାପାତ୍ର। ଉକ୍ତ ଉତ୍ସବରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ଅଶୋକ କୁମାର ପଟ୍ଟନାୟକ, ଡ. ଅନୀଲ ଧୀର, ପ୍ରଦୋଷ ପଟ୍ଟନାୟକ, ଡ. ସତ୍ୟନାରାୟଣ ମିଶ୍ର, ଗୌତମ ମହାନ୍ତି ପ୍ରମୁଖ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ।

ଏହି ଅବସରରେ ମୁଖ୍ୟ ବକ୍ତା ଜିତୁ ମିଶ୍ର କହିଥିଲେ ଯେ ଓଡ଼ିଶା ଭାରତର ଗୋଟିଏ ରାଜ୍ୟ ଯେଉଁଠିକି ଶତକଡା ୨୫ ଭାଗ ଆଦିବାସୀ ଜନଜାତିର ଲୋକ ବସବାସ କରନ୍ତି। ସେମାନେ ମୁଖ୍ୟତଃ ପୂର୍ବଘାଟ ପର୍ବତମାଳା ଏବଂ ଛୋଟନାଗପୁର ମାଳଭୂମି ଅଂଚଳରେ କେଉଁ ଆଦିମ କାଳରୁ ବସବାସ କରିଆସୁଛନ୍ତି। ଆଜିର ସଂସ୍କୃତି ଚର୍ଚ୍ଚାରେ ଶ୍ରୀ ମିଶ୍ର ତିନୋଟି ବିଷୟରେ ବକ୍ତୃତା ରଖିଛନ୍ତି। ପ୍ରଥମ ଅଂଶରେ ଶ୍ରୀ ମିଶ୍ର ତାଙ୍କର ଅନୁଭୂତି ଠାରୁ ଆରମ୍ଭ କରି ଆଦିବାସୀମାନଙ୍କର ଗୁଣି ଗାରେଡି ବିଷୟରେ ବର୍ଣ୍ଣନା କରିଥିଲେ।ଶ୍ରୀ ମିଶ୍ର ଓଡ଼ିଶାର କୁଟିଆ କନ୍ଧ ଏବଂ ଲାଞ୍ଜିଆ ସଉରାଙ୍କ ଗୁଣି ଗାରେଡି ବିଷୟରେ ଆଲୋଚନା କରିଥିଲେ। ବକ୍ତୃତାର ଦ୍ୱିତୀୟ ଅଂଶରେ ଶ୍ରୀ ମିଶ୍ର ପାରମ୍ପରିକ ଚାଷ ସହିତ ମହାଭାରତର ଭୀମଙ୍କ ଆଦିବାସୀ ସଂସ୍କୃତିରେ କିଭଳି ସମ୍ପର୍କ ରହିଅଛି ତାହା ଲୋକକଥା ଏବଂ ପର୍ବପର୍ବାଣୀ ଏବଂ ଚିତ୍ରକଳା, ନାଚଗୀତ ମାଧ୍ୟମରେ ବର୍ଣ୍ଣନା କରିଥିଲେ। ଆଜି ସାରା ବିଶ୍ୱରେ ଗୋଟିଏ ମୁଖ୍ୟ ସମସ୍ୟା ହେଉଅଛି ଜଳବାୟୁ ପରିବର୍ତନ। ଶ୍ରୀ ମିଶ୍ର ତାଙ୍କ ବକ୍ତୃତାର ତୃତୀୟ ଅଂଶରେ ମୁଖ୍ୟତଃ କନ୍ଧ ସମାଜରେ ପାହାଡ ଉପରେ ଏବଂ ଢ଼ାଲୁରେ, ତାଙ୍କର ପାରମ୍ପରିକ ମିଶ୍ରିତ ଚାଷ କିଭଳି ଏକ ସମାଧାନ ରୂପେ ଜଳବାୟୁ ପରିବର୍ତନ ସମୟରେ ଏକ ମାର୍ଗଦର୍ଶକ ହୋଇ ପାରିବ, ସେ ବିଷୟରେ ବର୍ଣ୍ଣନା କରିଥିଲେ।

# ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଓ ପ୍ରାକୃତିକ ସମ୍ବଳ ହ୍ରାସକୁ ନେଇ ସଚେତନତା

**ଭୁବନେଶ୍ୱର,୨୭।୭ (ମହାଭାରତ):** ଶିକ୍ଷାନୀତି-୨୦୨୦ର ଚାରି ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ଶିକ୍ଷା ସପ୍ତାହ କାଯର୍ୟକ୍ରମ ପାଳନ କରାଯାଉଛି । ଏହି କାଯର୍ୟକ୍ରମ ଆନୁକୂଲ୍ୟରେ ୭ ଦିନ ବ୍ୟାପୀ ବିଭିନ୍ନ ଦିବସ ପାଳନ କରାଯାଉଛି । ଶନିବାର ଏହାର ଷଷ୍ଠ ଦିନରେ 'ପରିବେଶ ସଚେତନତା ଓ ସୁରକ୍ଷା'କୁ ପ୍ରାଧାନ୍ୟ ଦେଇ ବିଦ୍ୟାଳୟସ୍ତରରେ ଇକୋ କ୍ଲବ/ସ୍କୁଲ ପୋଷଣ ଦିବସ ପାଳନ କରାଯାଇଛି । ପରିବେଶର ସୁରକ୍ଷା କରିବା ପ୍ରତ୍ୟେକ ନାଗରିକର ପ୍ରାଥମିକ ଦାୟିତ୍ୱ ଓ କର୍ତ୍ତବ୍ୟ। ଭବିଷ୍ୟତ ପିଢ଼ିଙ୍କୁ ଏହାର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇବାକୁ ହେଲେ ବିଦ୍ୟାଳୟସ୍ତରରୁ ହିଁ ସଚେତନତା ସୃଷ୍ଟି କରିବା ଆବଶ୍ୟକ ।



ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ଦିଗଦର୍ଶନରେ ସାରା ଦେଶ ତଥା ରାଜ୍ୟରେ 'ମାଆ ପାଇଁ ଗଛଟିଏ' ଅଭିଯାନ ଆରମ୍ଭ ହୋଇଛି। ଏହାକୁ ବର୍ତ୍ତମାନ ବିଦ୍ୟାଳୟସ୍ତରରେ ଅଧିକ ବ୍ୟାପକ କରାଯାଇଛି। ଶିକ୍ଷା ସପ୍ତାହର ଷଷ୍ଠ ଦିବସରେ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଚାରା ରୋପଣ କରାଯାଇଛି। ତେବେ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ କିପରି ନିଜ ଦୈନନ୍ଦିନ ଜୀବନରେ ପରିବେଶ ଅନୁକୂଳ ଆଚରଣବିଧି ଆପଣେଇବେ ସେ ନେଇ ସେମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା । ସ୍କୁଲ ପରିସର, ଖାଲି ସ୍ଥାନ ଓ ସ୍ଥାନୀୟ ଅଞ୍ଚଳରେ ଛାତ୍ରଛାତ୍ରୀମାନେ ନିଜ ମାଆଙ୍କ ସହ ମିଶି ଚାରା ରୋପଣ କରିଥିଲେ । ପ୍ରତ୍ୟେକ ବିଦ୍ୟାଳୟ ଅନ୍ୟୁନ ୩୫ଟି ଚାରା ରୋପଣ କରାଯିବା ସହ ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଚାରାଗୁଡ଼ିକର ଯତ୍ନ ନେବା ପାଇଁ ଦାୟିତ୍ୱ ଦିଆଯାଇଛି। ଏହି ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଉଦେଶ୍ୟରେ ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଆଉ ୬୨୫ଟି ଇକୋ କ୍ଲବ୍ ସ୍ଥାପନା କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତି ଇକୋ କ୍ଲବରେ ୪ ରୁ ୫ ଜଣ ବିଦ୍ୟାର୍ଥୀ ରହିବେ ଓ ଜଣେ ବିଦ୍ୟାର୍ଥୀ ଇକୋ କ୍ଲବ୍‌ରେ ଅଧକ୍ଷ ରହିବେ । ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଓ ପ୍ରାକୃତିକ ସମ୍ବଳ ହ୍ରାସକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦେଶ୍ୟ ।

# ୩ ଲୁଟେରା ଗିରଫ

**ଭୁବନେଶ୍ୱର,୨୭।୭ (ମହାଭାରତ):** ଭୁବନେଶ୍ୱର କମିସନରେଟ ପୋଲିସ ହାତରେ ବାୱରିଆ । ଗ୍ୟାଙ୍ଗ । ଗ୍ୟାଙ୍ଗର ମୁଖ୍ୟ ଉତ୍ତରପ୍ରଦେଶର ରାମକୁମାରଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି ପୋଲିସ। ଗିରଫ ଲୁଟେରାଙ୍କ ଠାରୁ ୨ଟି ସୁନା ଚେନ ଓ ବାଇକ ଜବତ ହୋଇଛି। ଏମାନେ ରାସ୍ତାରୁ ଚେନ ଝାମ୍ପିନେଇ ବାଇକରେ ଫେରାର ହୋଇ ଯାଉଥିଲେ। ସାରା ଦେଶରେ ବୁଲି ବୁଲି ଲୁଟ କରିବା ପରେ ଏମାନେ ଟ୍ରେନରେ ଫେରାର ହୋଇଯାନ୍ତି । ଯେଉଁ ସହରକୁ ଯିବେ ସେଠାରେ ପ୍ରଥମେ ଏକ ବାଇକ୍ ଚୋରି କରିବେ। ପରେ ଚୋରି ବାଇକରେ ଚେନ ଲୁଟ କରିବେ। କିଛି ଦିନ ଲୁଟପାଟ ପରେ ସେହି ସହରରୁ ଫେରାର ହୋଇ ଯାଉଥିଲେ । ଗ୍ୟାଙ୍ଗର ମୁଖ୍ୟ କୁଖ୍ୟାତ ଲୁଟେରା ଉତ୍ତର ପ୍ରଦେଶ କାନପୁରର ରାମ କୁମାର। ଅନ୍ୟ ଦୁଇଜଣ କୁଖ୍ୟାତ ଲୁଟେରା କଟକ ସଦର ଅଞ୍ଚଳର ଆକାଶ ସାମଲ ଓ ବିଡ଼ାନାସୀ ଅଞ୍ଚଳର ଶୀତଲ ବେହେରାକୁ ସ୍ପେସାଲ ସ୍କ୍ୱାର୍ଡ ଗିରଫ କରିଛି। ଏମାନଙ୍କ ନାମରେ କଟକ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୪ ରୁ ଅଧିକ ମାମଲା ରହିଛି।

# ଖୁବଶୀଘ୍ର ଖୋଲିବ ବିଜୁ ପଟ୍ଟନାୟକ ପାର୍କ

**କଟକ,୨୭।୭ (ମହାଭାରତ):** ବନ୍ଦ୍ ହୋଇ ପଡିଥିବା କଟକ ବିଜୁ ପଟ୍ଟନାୟକ ପାର୍କ ନବୀକରଣ କାର୍ଯ୍ୟର ତଦାରଖ କରିଛନ୍ତି କଟକ ମେୟର ଓ ସିଡିଏର ଅଧିକାରୀ ମାନେ। କାମ ଏକ ପ୍ରକାରର ବନ୍ଦ ହୋଇ ପଡ଼ିଥିବା ନେଇ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ତଦାରଖ କରାଯିବା ସହ ଏକ ମାସ ମଧ୍ୟରେ ପାର୍କ ଖୋଲା ଯିବା ନେଇ କହିଛନ୍ତି ମେୟର। କହିବାକୁ ଗଲେ ନବେ ଦଶକରେ କଟକିଆ ମାନଙ୍କର ଏକଦା ମନୋରଞ୍ଜନ ର ଖୋରାକ ଯୋଗାଇଥିବା ବିଜୁପଟ୍ଟନାୟକ ପାର୍କର ହେଉଛି ନବ କଳେବର।

କଟକ ସିଡିଏ ସେକ୍ଟର ୧୧ ରେ ଥିବା ବିଜୁ ପଟ୍ଟନାୟକ ପାର୍କ ର ପ୍ରତିଷ୍ଠା କରାଯାଇଥିଲା ୧୯୯୭ ମସିହାର। ସହରର ଗହଳି ରୁ ଟିକିଏ ବାହାରେ ଥିବା ଏହି ପାର୍କ ମନୋରଞ୍ଜନ ସହ ବଣଭୋଜି ପାଇଁ ବେଶ୍ ପସନ୍ଦର ସ୍ଥାନ ପାଲଟିଥିଲା କଟକ ତଥା ଆଖପାଖ ଅଞ୍ଚଳର ଲୋକଙ୍କର।

ପୂର୍ବରୁ ୨୦୧୦ରେ ଏହାର ନବୀକରଣ କରାଯାଇଥିବା ବେଳେ ପୁନର୍ବାର ଏହାର ପରିସୀମାକୁ ବୃଦ୍ଧି କରାଯାଇ ୨୦୨୩ ମସିହାରେ ନବୀକରଣ କାର୍ଯ୍ୟ କରାଯାଉଛି। ଏଥିପାଇଁ ୨୪ କୋଟି ଟଙ୍କା ବ୍ୟୟ ବରାଦ ରହିଥିବା ବେଳେ ଏପର୍ଯ୍ୟନ୍ତ ସରି ପାରିଲା ନାହିଁ ନିର୍ମାଣ କାର୍ଯ୍ୟ ପୂର୍ବରୁ ମାର୍ଚ୍ଚ ମାସରେ ଶେଷ ହେବାକୁ ଥିବା ବେଳେ ଏପର୍ଯ୍ୟନ୍ତ ସରି ନାହିଁ। ଏମିତିକି ପାର୍କ ଭିତରେ ଅନେକ ଜିନିସ ଅଧା ପନ୍ତରିଆ। ହୋଇ କାମ ପଡ଼ି ରହିଛି। ଅନେକ ସ୍ଥାନରେ ଦୋଳି ଭାଙ୍ଗି ଯାଇଛି ତ ଘାସ ଦୁଇଫୁଟ ଉଠି ଗଲାଣି। ହେଲେ ଆଜି କଟକ ସିଏମ୍ସି ମେୟର ଅନ୍ୟ ସିଡିଏ ଅଧିକାରୀ ଓ ବୁଦ୍ଧିଜୀବୀ ମାନଙ୍କ ସହ ପାର୍କରେ ପହଞ୍ଚି ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଆଜି ମେୟର ଓ ବିଭାଗୀୟ ଅଧିକାରୀ ଅଧିକାରୀ ମାନଙ୍କ ସହ ସ୍ଥାନୀୟ ବାସିନ୍ଦା, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମାନେ ମଧ୍ୟ ପାର୍କ ମଧ୍ୟରେ ପହଂଚି ଆଲୋଚନା କରିଥିଲେ। ଯେହେତୁ ଏହି ପାର୍କ ରେ ଶତାଧିକ ଲୋକ ଚାଲିବାକୁ ଆସନ୍ତି ତେଣୁ ପାର୍କ ର କାର୍ଯ୍ୟ ଏପର୍ଯ୍ୟନ୍ତ ସରି ନଥିବା କାରଣରୁ ଅନେକ ଅସୁବିଧା ହେଉଛି। ତେଣୁ ଶୀଘ୍ର ପାର୍କ ଜନ ସାଧାରଣ ଙ୍କ ପାଇଁ ଖୋଲିବା ପାଇଁ ଆଶା ବାନ୍ଧି ଅଛନ୍ତି ସ୍ଥାନୀୟ ବାସିନ୍ଦା।

# ଦାଦା ବଟିକୁ ନେଇ ବୁଲିଲା ଖଣ୍ଡା

**ଭୁବନେଶ୍ୱର,୨୭।୭ (ମହାଭାରତ):** ଦାଦା ବଟିକୁ ନେଇ ବସ୍ତିରେ ବୁଲିଲା ଖଣ୍ଡା। ଦିନ ଦି'ପହରେ ଖଣ୍ଡାରେ ମୁଣ୍ଡ ଓ ଗୋଡ଼କୁ ହାଣି ଲହୁଲୁହାଣ କଲେ ଦୁଇ ଭାଇ। ଏନେଇ ଖାରବେଳନଗର ଥାନାରେ ଅଭିଯୋଗ କରିଛନ୍ତି କରୁଣାକର ସ୍ୱାଇଁଙ୍କ ପତ୍ନୀ ଦମୟନ୍ତୀ ସ୍ୱାଇଁ। ଛୋଟ ଘଟଣାକୁ କେନ୍ଦ୍ର କରି ୟୁନିଟ ୯ ମଙ୍ଗଳା ବସ୍ତିରେ ଅଭିଯୁକ୍ତ ନଣ୍ଡା ଓ କୁନା ଗତକାଲି ପ୍ରଥମେ କରୁଣାକର ସ୍ୱାଇଁ ଘରେ ନଥିଲା ବେଳେ ତାଙ୍କ ପରିବାରକୁ ଗାଳିଗୁଲଜ କରି ମହିଳାଙ୍କୁ ଆକ୍ରମଣ କରିଥିଲେ। ବାହାରେ ଥିବା କରୁଣାକର ଆଜି ଫୁଲବେପାର ସାରି ଦୋକାନରୁ ଘରକୁ ଫେରୁଥିଲା ବେଳେ ଟାର୍ଗେଟ କରିଥିଲେ ଦୁଇ ଭାଇ।

ମଙ୍ଗଳା ବସ୍ତି ନିକଟରେ ଅପରାହ୍ନ ୪ ଟା ସମୟରେ କରୁଣାକରଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। କୌଶଳ କ୍ରମେ ଜୀବନ ବଞ୍ଚାଇ ଖସି ଯାଇଥିଲେ କରୁଣାକର। ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଇଥିଲେ। ଗତକାଲି କରୁଣାକରଙ୍କ ପରିବାରଙ୍କୁ ଧମକ ଓ ମାଡ଼ ନେଇ ଖରବେଲାନଗର ଥାନାରେ ଅଭିଯୋଗ କରିଥିଲେ। ଆଜି ଏଭଳି ଅତର୍କିତ ଆକ୍ରମଣକୁ ନେଇ ପୁନଃ ଅଭିଯୋଗ ହେଲା ପରେ ପୁଲିସ ମୋବାଇଲରେ କଏଦ ହୋଇଥିବା ତଥ୍ୟକୁ ଆଧାର କରି ତନାଘନା ଆରମ୍ଭ କରିଛି। ଅନ୍ୟପଟେ ଅଭିଯୁକ୍ତ ଦୁଇ ଭାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

# ସଂଗୀତଜ୍ଞ ସିକନ୍ଦର ଆଲମ୍‌ଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୨୭।୭ (ମହାଭାରତ):** ବିଶିଷ୍ଟ ସଂଗୀତଜ୍ଞ, କଣ୍ଠଶିଳ୍ପୀ, ନିଜ ସୁଲଳିତ କଣ୍ଠରେ ଅସଂଖ୍ୟ ଜଗନ୍ନାଥ ଭଜନ, ଜଣାଣ ଓ ଅନ୍ୟ ସଙ୍ଗୀତ ଗାନ କରି ଶ୍ରୋତାମାନଙ୍କୁ ନିଜ ସ୍ୱରର ଯାଦୁରେ ମନ୍ତ୍ରମୁଗ୍ଧ କରି ଆସିଥିବା ଓଡ଼ିଶାର ଦ୍ୱିତୀୟ ସାଲବେଗ ଭାବେ ଖ୍ୟାତ ମହମ୍ମଦ ସିକନ୍ଦର ଆଲମ୍‌ଙ୍କ ୮୫ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ସମ୍ମୁଖସ୍ଥ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଶିଷ୍ଟ ସାହିତ୍ୟିକ ଡକ୍ଟର ଲେଲିନ୍ ମହାନ୍ତି, ଡକ୍ଟର ମିହିର ପଟ୍ଟନାୟକ, ପ୍ରବୀର ମହାନ୍ତି, ସ୍ୱର୍ଗତ ଆଲମ୍‌ଙ୍କ ଧର୍ମପତ୍ନୀ ବିଶିଷ୍ଟ ଗାୟିକା ନଇମା ଆଲମ୍, କନ୍ୟା ସୋଫିଆ ଆଲମ୍, ନାତୁଣୀ ମାୟରା, ଇପ୍ସିତା ସାହୁ, ଗାନ୍ଧୀବାଦୀ ବିଜୟ କୁମାର ତ୍ରିପାଠୀ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ପ୍ରାଧ୍ୟାପକ ଡକ୍ଟର ରଙ୍ଗାଧର ସାହୁ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅମୂଲ୍ୟ କୁମାର ସ୍ୱାଇଁ, ଗୋପବନ୍ଧୁପ୍ରେମୀ ସଂଜୟ କୁମାର ପରିଡ଼ା, ନିଶାମୁକ୍ତି ଆନ୍ଦୋଳନର ପ୍ରବକ୍ତା ସାମାଜିକ କର୍ମୀ ମୀର ଅହମ୍ମଦ ଅଲ୍ଲୀ, ଅଶ୍ୱିନୀ ପଟ୍ଟନାୟକ, ଜୟ ଓଡ଼ିଶା ପକ୍ଷରୁ ହରପ୍ରିୟା ପଟ୍ଟଯୋଶୀ, ଜ୍ୟୋତିରଂଜନ ରାଉତ, ବିକ୍ରମ ଦାସ, ସୌରଭ ମହାନ୍ତି, ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ସ୍ୱର୍ଗତ ଆଲାମ୍‌ଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ମୁସ୍‌ଲିମ୍ ସମ୍ପ୍ରଦାୟରେ ଜନ୍ମ ହୋଇ ମଧ ପିଲାବେଳୁ ତାଙ୍କ ସୁଲଳିତ କଣ୍ଠରେ ସେ ଅସଂଖ୍ୟ ଜଗନ୍ନାଥ ଜଣାଣ ସହିତ ବହୁ ଆଧ୍ୟାତ୍ମିକ ସଂଗୀତ ଗାନ କରି ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଆସିଛନ୍ତି ଓ ସେ ଗାଇଥିବା ଗୀତ ଶୁଣି ସବୁ ସମୟରେ ଲୋକେ ଭାବ ବିହ୍ୱଳ ହୋଇଥାନ୍ତି ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧିକ୍ଷକ ଡକ୍ଟର ସେଖ୍ ସୋଲେମାନ୍ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ ।



# ବହୁଭାଷୀ ହୋଇଯାଇଛି ମେଟାଏଆଇ

**ଭୁବନେଶ୍ୱର,୨୭।୭ :** ଆମର ଆପସ ତଥା ଉପକରଣ ଗୁଡ଼ିକର ସହାୟତା ନିମନ୍ତେ ଆମେ ମେଟା ଏଆଇ ଗ୍ରହଣୀୟତାକୁ ଆହୁରି ବ୍ୟାପକ କରିଛୁ ଏବଂ ଅପାଣଙ୍କର ଉ?ର, ଧାରଣା ତଥା ପ୍ରେରଣାଦାୟୀତାରେ ସାହାଯ୍ୟ କରିବା ଉଦ୍ଦେଶ୍ୟ ନେଇ ଆମେ ଅନେକ ଗୁଡ଼ିଏ ନୂତନ ବୈଶିଷ୍ଟ୍ୟର ଉପସ୍ଥାପନ କରିଅଛୁ। ମେଟା ଏଆଇ ବ?ମାନ ୨୨ଟି ଦେଶରେ ଉପଲବ୍ଧ ହେଉଅଛି ଏବଂ ଆଜି ଯେଉଁ ନୂଆ ଦେଶ ଗୁଡ଼ିକ ଏଥିରେ ସାମିଲ ହୋଇଛନ୍ତି ସେମାନେ ହେଲେ, ଆର୍ଜେଂଟିନା, ଚି଼ଲି, କଲମ୍ବିଆ, ଇକ୍ୱାଡ଼ର, ମେକ୍ସିକୋ, ପେରୁ ଏବଂ କ୍ୟାମେରୁନ। ଆପଣ ମଧ୍ୟ ହ୍ୱାଟସଅପ, ଇଂଷ୍ଟାଗ୍ରାମ, ମେସେଞ୍ଜର ତଥା ଫେସବୁକରେ ନୂଆ ଭାଷା ସହିତ ଏକାଠି ହୋଇପାରିବେ ଯେମିତିକି ହିନ୍ଦୀ, ହିନ୍ଦୀର ମେରାନା ସଂଳାପ, ଫରାସୀ, ଜର୍ମାନୀ, ଇଟାଲୀ, ପ?ର୍ତ୍ତୁଗାଲ ଏବଂ ସ୍ପେନ ତଥା ଆଉ ଅନେକ ଯାହା ଆସିବାକୁ ବାକି ଅଛି। ମେଟା ଏଆଇ ସହିତ ହ୍ୱାଟସଅପ୍, ଇଂଷ୍ଟାଗ୍ରାମ, ମେସେଞ୍ଜର, ଫେସବୁକ୍ ତଥା ମେଟା ଏଆଇକୁ ନେଇ ଏହାରି ମାଧ୍ୟମରେ, ଲୋକମାନେ ଏଆଇର କ୍ଷମତାକୁ ବିନିଯୋଗ କରି କମ୍ ସମୟରେ ଅଧିକ କାର୍ଯ୍ୟ, ସୃଜନଶୀଳ ଧାରଣାକୁ ଜୀବନରେ ପ୍ରବେଶ, ତଥା ନିଜର ଜ୍ଞାନକୁ ଆହୁରି ବ୍ୟାପକ କରିପାରିଛନ୍ତି। କାମ କିପରି କରାଯିବ, ପ୍ରଶ୍ନର ଉ?ର ତଥା ଅନୁପ୍ରେରଣା ଓ ପଥ ପ୍ରଦର୍ଶନ ଇତ୍ୟାଦି କୌଶଳ ସମାଧାନ ଠାରୁ ଆରମ୍ଭ କରି ମେଟା ଏଆଇ ଲୋକମାନଙ୍କର ଦୈନନ୍ଦିନ କାର୍ଯ୍ୟ ଧାରାକୁ ବ୍ୟାପକ କରିବା ସହିତ ଜଣେ ସୃଜନଶୀଳ ସହଯୋଗୀଭଳି ଏହାକୁ ଆହୁରି ଆଗକୁ ବଢ଼ାଇପାରିଛି। ଏହା କେବଳ ଆରମ୍ଭ ହୋଇଛି - ଆଗକୁ ରହିଛି ଆପଣମାନଙ୍କ ଫିଡ଼ବ୍ୟାକର ଶୁଣାଣି। ଆପଣଙ୍କ ଅଭିଜ୍ଞତା ତଥା ଅଭିନବୀକରଣକୁ ପ୍ରତି ଦୁଇ ସପ୍ତାହରେ ବ୍ୟାପକ କରିବା ସହିତ, ନୂତନ ବୈଶିଷ୍ଟ୍ୟପୂର୍ଣ୍ଣତାକୁ ସ୍ଥାନ ଦେଇ ନୂଆ ସୃଷ୍ଟି, ଏହା ଦ୍ୱାରା ପ୍ରେରିତ ତଥା ଅଧିକ କାର୍ଯ୍ୟକାରୀତାର ସୁଫଳ ପ୍ରାପ୍ତି ଇତ୍ୟାଦି।

# ଶିକ୍ଷକ ଓ ଅତିଥି ଅଧ୍ୟାପକ ନିଯୁକ୍ତିରେ ୨୭% ସଂରକ୍ଷଣ ଦାବି

**ଭୁବନେଶ୍ୱର,୨୭।୭ (ମହାଭାରତ):** ୧୭ ହଜାର ୭୬୧ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ମଧ୍ୟରୁ ରାଜ୍ୟ ସରକାର ୧୬ହଜାର ଶିକ୍ଷକ ନିଯୁକ୍ତି ଦେବାକୁ ଯାଉଛନ୍ତି । ରାଜ୍ୟରେ ୨୭ ଭାଗ ଓବିସି ସଂରକ୍ଷଣ କାର୍ଯ୍ୟକାରୀ କରାଯାଉ ନଥିବା ଯୋଗୁଁ ପଛୁଆବର୍ଗର ଯୁବକ ଯୁବତୀମାନେ ଏହି ଶିକ୍ଷକ ନିଯୁକ୍ତିରେ ପାଖାପାଖି ୩ହଜାର ୧୪୪ ପଦବୀ ହରେଇବାକୁ ଯାଉଛନ୍ତି । କାରଣ ଏଠାରେ ପ୍ରକାଶ ଥାଉକି, ଓଡ଼ିଶାରେ ଦୀର୍ଘ ୨୦ ବର୍ଷ ହେଲା ଓବିସି ବର୍ଗ ପାଇଁ ନିଯୁକ୍ତି କ୍ଷେତ୍ରରେ ୨୭ଭାଗ ସଂରକ୍ଷଣ ବଦଳରେ ୧୧.୨୫ ପ୍ରତିଶତ ସଂରକ୍ଷଣ ପ୍ରଚଳିତ ହୋଇଆସୁଅଛି । ସରକାରୀ ଉଦାସୀନତା ଓ ନିଷ୍କ୍ରିୟତା ଯୋଗୁଁ ରାଜ୍ୟର ୫୨ ଭାଗ ଓବିସି ବର୍ଗ ନିଜର ସାମ୍ବିଧାନିକ ହକ୍‌ରୁ ବଞ୍ଚିତ ହେବାରେ ଲାଗିଛନ୍ତି । ସେହିଭଳି ଭାବରେ ରାଜ୍ୟରେ ଖାଲି ପଡ଼ିଥିବା ୧୪୯୭ ଅଧ୍ୟାପକ ପଦବୀରେ ସରକାର ଅତିଥି ଅଧ୍ୟାପକମାନଙ୍କୁ ନିଯୁକ୍ତି ଦେବାର ପ୍ରକ୍ରିୟାର ଆରମ୍ଭ କରିଛନ୍ତି । ଅତିଥି ଅଧ୍ୟାପକ ନିଯୁକ୍ତି କ୍ଷେତ୍ରରେ ୨୭ ଭାଗ ଓବିସି ସଂରକ୍ଷଣ ଲାଗୁ କରାଯାଉଥିଲେ ରାଜ୍ୟର ପଛୁଆବର୍ଗର ଯୁବକଯୁବତୀମାନେ ୪୦୨ଟି ପଦବୀରେ ଅତିଥି ଅଧ୍ୟାପକ ହେବାରେ ସୁଯୋଗ ପାଇଥାନ୍ତେ । ଯେହେତୁ ରାଜ୍ୟ ସରକାର ଓବିସି ବର୍ଗଙ୍କୁ ମାତ୍ର ୧୧.୨୫ ପ୍ରତିଶତ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଦେଉଛନ୍ତି, ତେଣୁ ଏହି ବର୍ଗର ୨୩୭ଜଣ ବେକାର ଯୁବକଯୁବତୀ ଅତିଥି ଅଧ୍ୟାପକ ହେବରୁ ବଞ୍ଚିତ ହେବେ । ତେଣୁ ସରକାର ରାଜ୍ୟରୁ ଓବିସି ବର୍ଗଙ୍କୁ ତାଙ୍କର ସାମ୍ବିଧାନିକ ହକ୍ ଓ ଅଧିକାର ଯଥା ସରକାରୀ ନିଯୁକ୍ତି କ୍ଷେତ୍ରରେ ଶତକଡ଼ା ୨୭% ସଂରକ୍ଷଣ ଦେବାପାଇଁ ରାଜ୍ୟ ଓବିସି ଫୋରମ୍ ପକ୍ଷରୁ ଏହାର ଅଧକ୍ଷ ରବି ବେହେରା ଦାବି କରିଛନ୍ତି । ଏଠାରେ ଉଲ୍ଲେଖ ଥାଉକି, ଓଡ଼ିଶାରେ ମେଡିକାଲ୍ ଓ ଇଂଜିନିୟରିଂ ସମେତ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଓବିସି ଛାତ୍ରଛାତ୍ରୀମାନଙ୍କୁ ନାମଲେଖା କ୍ଷେତ୍ରରେ ଆଦୌ ସଂରକ୍ଷଣ ଦିଆଯାଉନାହିଁ ।

# ଶିକ୍ଷକ ଓ ଶିକ୍ଷା ନୀରିକ୍ଷକ ସଂଘ ତରଫରୁ ସ୍ମାରକପତ୍ର ପ୍ରଦାନ

**ଭୁବନେଶ୍ୱର,୨୭।୭ (ମହାଭାରତ):** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ଗୃହ ବିଭାଗ ସ୍ୱୀକୃତି ପ୍ରାପ୍ତ ସଂଘ, ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନୀରିକ୍ଷକ ସଂଘ ତରଫରୁ ସଭାପତି ଚନ୍ଦ୍ରମଣି ତାଜନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଅର୍ଥ ବିଭାଗ ସଚିବ ଶାଶ୍ୱତ ମିଶ୍ର, ବିଭାଗର କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ, ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଯୁଗ୍ମ ନିର୍ଦ୍ଦେଶକ ଟୁକୁ ବାରିକ ତଥା ଉପନିର୍ଦ୍ଦେଶକ ମନୋଜ ନାୟକଙ୍କୁ ଭେଟି ପ୍ରାଥମିକ ଶିକ୍ଷକ ମାନଙ୍କର ଏଲିମେଂଟାରି କ୍ୟାଡର ନିୟମ ପ୍ରଚଳନ, ବିଭିନ୍ନ ବର୍ଗର ଶିକ୍ଷକ ଯଥା ମାଟ୍ରିକ୍ ସିଟି, +୨ ସିଟି, ବିଏ ସିଟି, ହିନ୍ଦୀ, ସଂସ୍କୃତ, କ୍ରୀଡା ଶିକ୍ଷକ, ଟିଜିଟି, ଶିକ୍ଷା ସହାୟକରୁ ନିୟମିତ ହୋଇଥିବା ବିଷୟ ଶିକ୍ଷକ, ମାଟ୍ରିକ ସିଟି ପଦବୀରେ ଥାଇ ବିଏଡ୍ ଯୋଗ୍ୟତା ଥିବା ଶିକ୍ଷକ, ଅର୍ଥ ବିଭାଗର ଏସ.ଓ.ପି. ଦ୍ୱାରା ଏଯାଏଁ କୌଣସି ଲାଭ ପାଇନଥିବା ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅନ୍ୟ ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଦରମାଗତ ଅସଂଗତି ଦୂର କରିବା, ସମସ୍ତ ଉଚ୍ଚ ବିଦ୍ୟାଳୟକୁ ଦ୍ୱିତୀୟ ଶ୍ରେଣୀ ପାହ୍ୟା ପ୍ରଦାନ, ଛାତ୍ରାବାସ ପରିଚାଳନା ଦାୟିତ୍ୱରୁ ଅବ୍ୟାହତି, ଅଧିକ ନିରୀକ୍ଷକ ପଦବୀ ସୃଷ୍ଟି କରି ବିଭାଗର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା, ବଦଳି ନୀତିରେ ପରିବର୍ତନ କରି ଅନ୍‌ଲାଇନ୍ ପୋର୍ଟାଲ ପ୍ରଚଳନ କରିବା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ପଦୋନ୍ନତି ତଥା ସ୍ଥାୟୀ ଅଧକ୍ଷ ପଦବୀ ସୃଷ୍ଟି ତଥା ଅନ୍ୟାନ୍ୟ ୧୨ଦଫା ଦାବି ସମ୍ବଳିତ ସ୍ମାରକପତ୍ର ସମସ୍ତଙ୍କୁ ପ୍ରଦାନ କରିଥିଲେ। ଯଦି ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଏମିତି ଅବହେଳିତ କରି ରଖାଯାଏ ତେବେ ଆଗାମୀ ଦିନରେ ସଂଘ ଆମରଣ ଅନଶନ କରିବାକୁ ପଛେଇବ ନାହିଁ ବୋଲି ଉପସଭାପତି ଦୈତାରୀ ଦିଗଲ, ଯୁଗ୍ମ ସମ୍ପାଦକ ତ୍ରିଲୋଚନ ପଣ୍ଡା, ଜୋନାଲ୍ ସମ୍ପାଦକ ଅନିମା ମହାପାତ୍ର, ଉମା ପଣ୍ଡା ତଥା ଜିଲ୍ଲା ପ୍ରତିନିଧି ସୁଜିତ୍ ଶାନ୍ତିକାମି ପ୍ରକାଶ କରିଛନ୍ତି।

# ସାଙ୍କେତିକ ପ୍ରଣାଳୀର ସଠିକ କାର୍ଯ୍ୟକାରିତା ପାଇଁ ରେଳବାଇର ପଦକ୍ଷେପ

**ଭୁବନେଶ୍ୱର,୨୭।୭ (ମହାଭାରତ):** ଭାରତୀୟ ରେଳବାଇରେ ରେଳ ବ୍ରିଜ୍ ଏବଂ ଟ୍ରାକ୍ ଯାଂଚର ଏକ ପ୍ରତିଷ୍ଠିତ ବ୍ୟବସ୍ଥା ଅଛି। ରେଲୱେ ଟ୍ରାକର ନୀରିକ୍ଷଣ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିଯୁକ୍ତ ଅଧିକାରୀଙ୍କ ଦ୍ୱାରା କରାଯାଏ। ନିୟମିତ ରକ୍ଷଣାବେକ୍ଷଣ ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ସହିତ, ସାଙ୍କେତିକ ପ୍ରଣାଳୀର ସଠିକ୍ କାର୍ଯ୍ୟକାରିତା ସୁନିଶ୍ଚିତ କରିବାକୁ ମୌସୁମୀ ସମୟରେ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ ଯାଉଅଛି । ୟାର୍ଡ ଡ୍ରେନ୍ ସଫା କରିବା ଦ୍ୱାରା ୟାର୍ଡରେ ଡ୍ରେନେଜ୍ ବ୍ୟବସ୍ଥା ଉନ୍ନତ ହୁଏ । ଟ୍ରାକ୍ ସର୍କିଟ୍ ବିଫଳତା ପାଇଁ ଚିହ୍ନିତ ଅସୁରକ୍ଷିତ ସ୍ଥାନଗୁଡିକ ଠାରେ ପୂର୍ବରୁ ସଜାଗ। ପଏଂଟ ଏବଂ ଟ୍ରାକ୍ ସର୍କିଟ୍ ର ମିଳିତ ଯାଂଚ ଟ୍ରାକ୍ ଏବଂ ସିଗନାଲ୍ ଅଧିକାରୀଙ୍କ ଦ୍ୱାରା କରାଯାଏ ଏବଂ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଏ । ଜଳ ବନ୍ଦୀ କରୁଥିବା ସମ୍ବେଦନଶୀଳ ସ୍ଥାନମାନଙ୍କରେ ଆକ୍ସଲ୍ କାଉଂଟର ଯୋଗାଇ ଦିଆଯାଉଛି ।

ସମ୍ବେଦନଶୀଳ ରେଳ ଧାରଣା ଠାରେ ମୌସୁମୀ ସମୟରେ ପାଟ୍ରୋଲିଂ ବ୍ୟବସ୍ଥା, ଜଗୁଆଳି ନିୟୋଜନ, ପ୍ରବଳ ବର୍ଷା ହେଲେ ଟ୍ରାକର ସ୍ୱତନ୍ତ୍ର ପାଟ୍ରୋଲିଂ ଭଳି ସ୍ୱତନ୍ତ୍ର ସତର୍କତା ଅବଲମ୍ବନ କରାଯାଏ । ପାଣିପାଗ ସୂଚନା ପାଇଁ ଏବଂ ଜଳଭଣ୍ଡାର / ଡ୍ୟାମରୁ ଅଧିକ ଜଳ ଛାଡିବା ବିଷୟରେ ସୂଚନା ପାଇବା ପାଇଁ ସଂପୃକ୍ତ ଆଂଚଳିକ ପାଣିପାଗ କେନ୍ଦ୍ର ଏବଂ ଜିଲ୍ଲା ଅଧିକାରୀ ମାନଙ୍କ ସହିତ ସମନ୍ୱୟ ରକ୍ଷା କରାଯାଇଥାଏ ।

ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତରରେ ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ପ୍ରବଳ ବର୍ଷାଜନୀତ ବନ୍ୟା ପରିସ୍ଥିତି ସମୟରେ ରେଳ ଚଳାଚଳ କ୍ଷେତ୍ରରେ ବାଧାକୁ ହ୍ରାସ କରିବା ସହ ଟ୍ରେନ ଗୁଡିକର ନିରାପତା ପାଇଁ ପୂର୍ବ ତଟ ରେଳପଥ ପକ୍ଷରୁ ସାବଧାନତା ଓ ସୁରକ୍ଷିତ ପଦକ୍ଷେପମାନ ଯୋଜନା କରାଯାଇ ସତର୍କତା ଅବଲମ୍ବନ କରାଯିବାକୁ ମଧ ଯୋଜନା କରାଯାଇଛି । ମୌସୁମୀ ସମୟରେ ପ୍ରାକ୍ ସାବଧାନତା ଅବଲମ୍ବନ ପାଇଁ ପୂର୍ବ ତଟ ରେଳପଥ ନିରାପତାକୁ କଡ଼ାକଡ଼ି କରିଛି । ରେଳ ପୋଲ, ଟ୍ରକ, ୱାର୍ଡ, ସାଙ୍କେତିକ ପ୍ରଣାଳୀ ପ୍ରତି ସତର୍କ ଦୃଷ୍ଟି ରଖାଯାଇଅଛି। ଡ୍ରେନ ଓ ପୋଲ ମାନଙ୍କରୁ ପଟୁମାଟି, ଝାଡ଼ି ଓ ଅନ୍ୟ ବାଧକକୁ ସଫା କରାଯାଇଅଛି । ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ଜଗୁଆଳି ପ୍ରହରା କରାଯିବ । ବର୍ଷା ସମୟରେ ଟ୍ରେନ ଟ୍ରାକ ନିରାପତା ପାଇଁ ଗ୍ୟାଙ୍ଗ ମ୍ୟାନ ନିୟୋଜନ, ସଙ୍କଟକାଳୀନ ପରିସ୍ଥିତିରେ ଅତିରିକ୍ତ ନିୟନ୍ତ୍ରଣ କକ୍ଷ ସହ ଆପାତକାଳୀନ ପ୍ରବନ୍ଧନ କକ୍ଷ ଖୋଲାଯିବ ।

ପ୍ରବଳ ବର୍ଷାଜନୀତ ସଙ୍କଟ ପରିସ୍ଥିତିରେ ଯାତ୍ରୀମାନଙ୍କର ନିରାପତା ଓ ରେଳ ଚଳାଚଳ କ୍ଷେତ୍ରରେ ନିରାପତାକୁ କଡ଼ାକଡ଼ି କରିବା ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରେଳପଥର ଅଧିକାରୀ ଓ କର୍ମଚରୀମାନଙ୍କୁ ଆଦେଶ ଦେଇ ରେଳ ପୋଲ ଓ ରେଳ ଧାରଣାର ନିରାପତା ପ୍ରତି ସତର୍କ ଦୃଷ୍ଟି ରଖି କାର୍ଯ୍ୟ କରିବାକୁ କହିଛନ୍ତି । ତଦନୁସାରେ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ପ୍ରାକ୍ ସାବଧାନତା ଅବଲମ୍ବନ କରାଯାଇଛି। ସେଥିପାଇଁ ପାଣି ଧରିରଖୁଥିବା ଓ ପାର୍ଶ୍ୱ ଡ୍ରେନମାନଙ୍କରୁ ପଟୁମାଟି, ଝାଡ଼ି ଏବଂ ଅନ୍ୟାନ୍ୟ ବାଧକଗୁଡ଼ିକୁ ସଫା କରାଯାଉଛି। ରେଳ ପୋଲମାନଙ୍କ ପାଖରୁ ମଧ ଝାଡ଼ି ପରିଷ୍କାର କରାଯିବା ସହ ପଟୁମାଟିକୁ କଢ଼ାଯାଉଅଛି ଯାହାଫଳରେ ପାଣି ଜମା ନରହି ସଠିକ୍ ଭାବେ ଅତିକ୍ରମ କରିପାରିବ।

# ହେପାଟାଇଟିସ 'ଏ' କ'ଣ ତାହା ବୁଝିବା : ୱାନ୍-ଶଟ୍ ଟୀକାକରଣର ଭୂମିକା

**ଭୁବନେଶ୍ୱର,୨୭।୭ :** ହେପାଟାଇଟର ମୁକାବିଲା କରିବା ଏବଂ ଜନସ୍ୱାସ୍ଥ୍ୟ ପ୍ରସ୍ତୁତି ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅନ୍ତର୍ଗତ ରାଜ୍ୟ ସରକାର ହେପାଟାଇଟିସକୁ ଏକ ଗୁରୁତର ରୋଗ ବୋଲି ଘୋଷଣା କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ସରକାରୀ ଏବଂ ବେସରକାରୀ ସୁବିଧା ସମେତ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ତୁରନ୍ତ ନିର୍ଦ୍ଦିଷ୍ଟ କର୍ତୃପକ୍ଷଙ୍କୁ ମାମଲା ସମ୍ପର୍କରେ ରିପୋର୍ଟ କରିବା ଜରୁରୀ। ଏହାର ଉଦ୍ଦେଶ୍ୟ ହେଉଛି ରୋଗରସଂକ୍ରମଣକୁ ରୋକିବା ପାଇଁ ଠିକ୍ ସମୟରେ ପ୍ରତିଷେଧକ କାର୍ଯ୍ୟକ୍ରମ ଏବଂ ନିୟନ୍ତ୍ରଣ ପଦକ୍ଷେପ ନିଶ୍ଚିତ କରିବା।

ହେପାଟାଇଟିସ 'ଏ' ହେଉଛି ହେପାଟାଇଟିସ 'ଏ' ଭୁତାଣୁ (ଏଚଏଭି) ଦ୍ୱାରା ସୃଷ୍ଟି ହୋଇଥିବା ଏକ ଭାଇରାଲ୍ ଯକୃତ ସଂକ୍ରମଣ। ସାଧାରଣତଃ ଦୂଷିତ ଖାଦ୍ୟ କିମ୍ବା ଜଳ ବ୍ୟବହାର ଦ୍ୱାରା ଏହାର ସଂକ୍ରମଣ ହୋଇଥାଏ। ଏହି ଭୁତାଣୁ ମୁଖ୍ୟତଃ ଯକୃତକୁ ପ୍ରଭାବିତ କରିଥାଏ ଏବଂ ଏହାର ସଂକ୍ରମଣ ଯୋଗୁ ଜ୍ୱର, ଥକାପଣ, ବାନ୍ତି, ପେଟ ଯନ୍ତ୍ରଣା ଏବଂ ଜଣ୍ଡିସ(ଚର୍ମ ଏବଂ ଆଖି ହଳଦିଆ) ଭଳି ଲକ୍ଷଣ ସୃଷ୍ଟି କରିଥାଏ। ହେପାଟାଇଟିସ 'ଏ' ମୌସୁମୀ ସମୟରେ ଏକ ସଙ୍କଟ ଜନକ ବିପଦ ସୃଷ୍ଟି କରିଥାଏ। ବିଶେଷକରି ଶିଶୁ, ହଷ୍ଟେଲ ବାସିନ୍ଦା ଏବଂ ବାରମ୍ବାର ବାହାରେ ଖାଉଥିବା ବ୍ୟକ୍ତିଙ୍କ ମଧ୍ୟରେ ଏହାର ସଂକ୍ରମଣ ଦେଖିବାକୁ ମିଳିଥାଏ। ବିଭିନ୍ନ ସ୍ୱଚ୍ଛତା ଅବସ୍ଥା ଏବଂ ଦୂଷିତ ଖାଦ୍ୟ ଏବଂ ଜଳ ଉତ୍ସଗୁଡିକର ସମ୍ଭାବ୍ୟ ସଂସ୍ପର୍ଶରେ ଆସିବା ଯୋଗୁ ଏହି ଗୋଷ୍ଠୀମାନେ ଅଧିକ ଅସୁରକ୍ଷିତ ହୋଇ ପଡ଼ିଥାନ୍ତି।

ୱାନ୍-ଶଟ୍ ହେପାଟାଇଟିସ 'ଏ' ଟିକା ଏହି ରୋଗ ବିରୁଦ୍ଧରେ ସବୁଠାରୁ ପ୍ରଭାବଶାଳୀ ପ୍ରତିଷେଧକ ଭାବରେ ପରିଗଣିତ ହୋଇଥାଏ। ଏହି ଟିକା ହେପାଟାଇଟିସ ଭୁତାଣୁ ବିରୁଦ୍ଧରେ ସୁଦୃଢ଼ ପ୍ରତିରକ୍ଷା ଯୋଗାଇଥାଏ ଏବଂ ଏହାର ସୁବିଧା ତଥା ଉପଯୁକ୍ତ କାର୍ଯ୍ୟକାରିତା ପାଇଁ ସ୍ୱାସ୍ଥ୍ୟ ସେବା ବିଶେଷଜ୍ଞଙ୍କ ଦ୍ୱାରା ଏହାର ବ୍ୟବହାର ପାଇଁ ପରାମର୍ଶ ପ୍ରଦାନ କରାଯାଇଥାଏ। ଆଂଟିବଡି ସୃଷ୍ଟି ପାଇଁ ପ୍ରତିରକ୍ଷା ପ୍ରଣାଳୀକୁ ଉତ୍ସାହିତ କରି ଏହି ଟିକା ଦୀର୍ଘକାଳୀନ ସୁରକ୍ଷା ପ୍ରଦାନ କରିଥାଏ, ଯାହା ଦ୍ୱାରା ଶାରୀରିକ ଦୃଷ୍ଟିରୁ ଦୁର୍ବଳ ଥିବା ଜନସଂଖ୍ୟା ମଧ୍ୟରେ ସଂକ୍ରମଣ ହେବାର ଆଶଙ୍କା କମିଯାଇଥାଏ।

ଚିକିତ୍ସା କରା ନ ଗଲେ ହେପାଟାଇଟିସ ସଂକ୍ରମଣ ଯୋଗୁ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପଡିପାରେ ବୋଲି ଭୁବନେଶ୍ୱର ଆପୋଲୋ ହସ୍ପିଟାଲ୍‌ର ଶିଶୁରୋଗ ଏବଂ ନିଓନାଟାଲୋଜୀର ସିନିୟର କନସଲଟାଂଟ ଏବଂ ମୁଖ୍ୟ ଡାକ୍ତର ରଞ୍ଜିତ କୁମାର ଯୋଶୀ କହିଛନ୍ତି।

ହେପାଟାଇଟିସ ସଂକ୍ରମଣକୁ ରୋକିବା ଏବଂ ଜନସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଆମର ପ୍ରୟାସରେ ଗୋଟିଏ ୱାନ୍-ଶଟ୍ ଟିକା ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ। ୧୨ ମାସ ବୟସ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁ ଏହି ଟିକା ଗ୍ରହଣ କରିବା ଉଚିତ। ଯଦି କାହାର ଶିଶୁ ଏହି ଟୀକା ନେଇ ନାହିଁ ତେବେ ଶୀଘ୍ର ଶିଶୁରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଜରୁରୀ। ହେପାଟାଇଟିସ ସଂକ୍ରମଣକୁ ନିୟନ୍ତ୍ରଣ କରିବା ଏବଂ ଗୋଷ୍ଠୀଙ୍କର ସୁସ୍ଥତା ପାଇଁ ଏହାର ଶୀଘ୍ର ଚିହ୍ନଟ, ଠିକ୍ ସମୟରେ ଚିକିତ୍ସା ଏବଂ ଟୀକାକରଣ ଗୁରୁତ୍ୱପୂର୍ଣ୍ଣ।

# ଡବଲ ଇଞ୍ଜିନ ସରକାର

ବିଜେପି ଯାହା ଚାହୁଁଥିଲା ଯେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେଉ ବୋଲି ଏଥର ତାହା ହିଁ ହୋଇଛି । ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ବିଜେପି କ୍ଷମତାସୀନ ହୋଇଛି । ତେଣୁ ସ୍ୱାଭାବିକ ଭାବେ ସମସ୍ତେ ଆଶା କରିବେ ଯେ ଏଥର ଓଡ଼ିଶାର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ । ବିଜେପି ରାଜ୍ୟ ବିଧାନସଭା ନିର୍ବାଚନରେ ସଂଖ୍ୟାଗରିଷ୍ଠତା ହାସଲ କରିବା ପରେ ପ୍ରଶ୍ନ ଉଠିଥିଲା ଯେ, କିଏ ହେବେ ମୁଖ୍ୟମନ୍ତ୍ରୀ, କିଏ ରାଜ୍ୟରେ ପ୍ରଥମ ବିଜେପି ସରକାରର ନେତୃତ୍ୱ ନେବ । ଏଥିପାଇଁ ଅନେକ ସମ୍ଭାବ୍ୟ ପ୍ରାର୍ଥୀଙ୍କ ନାମ ବିଚାରକୁ ଆସିଥିଲା । ଲପରିକି ବିଧାୟକ ଦଳ ବାହାରୁ କାହାରିକୁ ମୁଖ୍ୟମନ୍ତ୍ରୀ କରାଯାଇପାରେ ବୋଲି ବିଚାର ଆଲୋଚନା ହେଉଥିଲା । କିନ୍ତୁ ବିଜେପି କେନ୍ଦ୍ରୀୟ ନେତୃତ୍ୱ ବହୁ ବିଚାର ବିମର୍ଶ କରି ମୋହନ ଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ କରିବା ଲାଗି ନିଷ୍ପତ୍ତି ନେଲା । ଆଦିବାସୀ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବା ମୋହନ ଚରଣ ମାଝୀ ଚତୁର୍ଥ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ସେ ଜଣେ ତୃଣମୂଳ ସ୍ତରର କର୍ମୀ । ଶିକ୍ଷକତାରୁ ଆରମ୍ଭ କରି ସରପଞ୍ଚ ରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିବା ମୋହନ ଚରଣ ମାଝୀ ଜଣେ ନିର୍ବିବାଦୀୟ ବ୍ୟକ୍ତି । ତେଣୁ ବିଜେପି ହାଇକମାଣ୍ଡ ନେତୃତ୍ୱର ଡୋରୀ ହସ୍ତାନ୍ତର କଲା । ତାଙ୍କୁ ସହାୟତା ଏବଂ ସହଯୋଗ ନିମନ୍ତେ ଦୁଇଜଣ ଉପ-ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତ କରାଯାଇଛି । ସେମାନେ ଦୁଇଜଣ ହେଲେ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ବିଜେପି ରାଜ୍ୟ ମହିଳା ମୋର୍ଚ୍ଚାର ପୂର୍ବତନ ସଭାନେତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା । କନକ ବର୍ଦ୍ଧନ ଜଣେ ଅଭିଜ୍ଞ ଏବଂ ଦକ୍ଷ ନେତା । ତେଣୁ ତାଙ୍କୁ ଉପ-ମୁଖ୍ୟମନ୍ତ୍ରୀ କରାଯାଇଛି । ସେ ନିଜ ଅଭିଜ୍ଞତାକୁ କାମରେ ଲଗାଇବେ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ସହାୟତା କରିବେ ବୋଲି ଆଶା । ପ୍ରଭାତୀ ପରିଡ଼ା ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ମଧ୍ୟ ତାଙ୍କୁ ମହିଳାଙ୍କ ପ୍ରତିନିଧି ଭାବେ ଉପ-ମୁଖ୍ୟମନ୍ତ୍ରୀ କରାଯାଇଛି । ସେ ମଧ୍ୟ ଉପକୂଳ ଓଡ଼ିଶାରୁ ନିର୍ବାଚିତ ହୋଇଛନ୍ତି । ଏବେ ମୁଖ୍ୟମନ୍ତ୍ରୀ ଓ ଦୁଇ ଉପ-ମୁଖ୍ୟମନ୍ତ୍ରୀ ଯୁଆଡ଼େ ଯାଉଛନ୍ତି ସାଙ୍ଗ ହୋଇ ଯାଉଛନ୍ତି । ତିନିଜଣ ଯାକ ଏକାଠି ଦିଲ୍ଲୀ ଗଲେ ଏବଂ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଓଡ଼ିଶାର ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆଶା ଏବଂ ଭରସା କରି ଓଡ଼ିଶାବାସୀ ବିଜେପିକୁ ରାଜ୍ୟରେ କ୍ଷମତାସୀନ କରାଇଛନ୍ତି । ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ରାଜ୍ୟବାସୀ ବିଜେପିକୁ ଭୋଟ ଦେଇ ନାହାଁନ୍ତି । ତେଣୁ ଏବେ କେନ୍ଦ୍ର ସରକାର ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ହେଲା ରାଜ୍ୟର ବିକାଶ ନିମନ୍ତେ ସବୁ ପ୍ରକାର ସହାୟତା ଓ ସହଯୋଗ ପ୍ରଦାନ କରିବା । ଓଡ଼ିଶାରୁ କେନ୍ଦ୍ରରେ ତିନିଜଣ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ପାଇଛନ୍ତି । ଲୋକସଭାରେ ଓଡ଼ିଶାରୁ ବିଜେପିର ୨୦ଜଣ ଟାଣୁଆ ନେତା ବା ନେତ୍ରୀ ଅଛନ୍ତି । ରାଜ୍ୟର ବିକାଶରେ ସେମାନଙ୍କର ମଧ୍ୟ ଭୂମିକା ରହିଛି । କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି । ତାଙ୍କ ସମୟରେ ଓଡ଼ିଶାରେ ରେଳବିକାଶ ତ୍ୱରାନ୍ୱିତ ହୋଇଛି । ଏବେ ତାଙ୍କ ଦାୟିତ୍ୱ ଅଧିକ ବଢ଼ିଯାଇଛି । ଓଡ଼ିଶାର ବିକାଶରେ ରେଳବାଇର ବିକାଶ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଆଶା କରାଯାଉଛି ଓଡ଼ିଶାବାସୀଙ୍କ ସମର୍ଥନ ପ୍ରତିବଦଳରେ ରେଳବାଇ ମନ୍ତ୍ରୀ ଓଡ଼ିଶାକୁ ଉଚିତ ପ୍ରାପ୍ୟ ପ୍ରଧାନ କରିବେ । ଦିଲ୍ଲୀ ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରମୁଖଙ୍କୁ ଭେଟି ଓଡ଼ିଶାର ବିକାଶରେ ସେମାନଙ୍କ ସହଯୋଗ ଲୋଡ଼ିଛନ୍ତି ।

# ମାନବବାଦ ଓ ବିଶ୍ୱମୈତ୍ରୀର ଠାକୁର

॥ ମୀରା ବେଉରା ॥

*ପ୍ରକୃତରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ମାନବବାଦର ଠାକୁର, ବିଶ୍ୱମୈତ୍ରୀର ଠାକୁର । ସେ ସବୁବେଳେ ଚେତାଇ ଦିଅନ୍ତି ମଣିଷ ବଡ଼ ନୁହେଁ ମଣିଷ ପଣିଆ ବଡ଼ । ଜାତି ବଡ଼ ନୁହେଁ, ଧର୍ମ ବଡ଼ ନୁହେଁ, ଜଗତ ବଡ଼ । ଆଜି ଯଦି ମଣିଷ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ନିଜର ବିବେକ, ଜ୍ଞାନ, ପ୍ରଜ୍ଞା, ବିଚାର, ବୁଦ୍ଧି, ପାପପୁଣ୍ୟ, ନୀତି ଅନୀତି, ନ୍ୟାୟ ଅନ୍ୟାୟ, ଧର୍ମ ଅଧର୍ମ ଏ ସବୁକୁ ବିଚାର କରି ନିଜର ମଣିଷ ପଣିଆକୁ ବିଶ୍ୱ ଦରବାରରେ ପ୍ରତିପାଦନ କରିବ, ତେବେ ମଣିଷ ଦିବ୍ୟ ମାନବରେ ପରିଣତ ହୋଇପାରିବ ।*

ସଂସ୍କୃତି ଗୋଟିଏ ଜାତିର ପରିଚୟ ଦେଇଥାଏ । ମାନବ ସଭ୍ୟତାର ପ୍ରାଣକେନ୍ଦ୍ର ହେଉଛି ସଂସ୍କୃତି । ଓଡ଼ିଶାରେ ପ୍ରଭୁ ଜଗନ୍ନାଥଙ୍କୁ ବାଦ ଦେଲେ କୌଣସି ସଂସ୍କୃତି, ସାହିତ୍ୟ, ଐତିହ୍ୟ, ଧର୍ମବିଶ୍ୱାସ, ପ୍ରଜ୍ଞା, ଭିକ୍ଷା, ଜ୍ଞାନ, ଦୀକ୍ଷା, କୃଷି, ବାଣିଜ୍ୟ, ମାଙ୍ଗଳିକ କାର୍ଯ୍ୟ ପରମ୍ପରା ଆଦି ଓଡ଼ିଆ ଜାତିର କୌଣସି ପରିଚୟର କଳ୍ପନା କରାଯାଇପାରେନା । ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଭାଷା, ଧନୀ, ନିର୍ଦ୍ଧନ ଏସବୁ ଚିନ୍ତନର ବହୁ ଉର୍ଦ୍ଧ୍ୱରେ ପ୍ରଭୁ ଶ୍ରୀଜଗନ୍ନାଥ । ଜାତିର ଚିନ୍ତା, ଚେତନା, ଭାବ, ଅନୁଭବ, ଆବେଗ ମୂଲ୍ୟବୋଧ, ବୃତ୍ତି, ପ୍ରବୃତ୍ତି, ସାଫଲ୍ୟ ବିକାଶଧାରା ହିଁ ଅଟେ ଓଡ଼ିଶାର ସଂସ୍କୃତି । ପ୍ରଭୁ ଜଗନ୍ନାଥ ସମଗ୍ର ମାନବଜାତିର ପ୍ରାଣର ଅଧିଶ୍ୱର ଠାକୁର । ସେ ମୁକ୍ତି, ସାମ୍ୟ, ମୈତ୍ରୀ ପ୍ରୀତିର ପ୍ରତୀକ । ଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରାର ଦିବ୍ୟ ସନ୍ଦେଶ ହେଉଛି ବିଶ୍ୱମୈତ୍ରୀ । ଏହି ରଥଯାତ୍ରା ଐତିହ୍ୟରେ ଶୀର୍ଷସ୍ଥାନ ଅଧିକାର କରି ବିଶ୍ୱ ସଂସ୍କୃତିକୁ ସେ ଦିନ ସ୍ପନ୍ଦିତ କରୁଥିଲା ଆଜିବି କରୁଛି । ଆଗାମୀ ଦିନରେ ମଧ କରିବ । ଏହି ଯାତ୍ରା ବିଶ୍ୱାତ୍ମା ଚେତନା ସୃଷ୍ଟି କରେ "ବସୁଧୈବ କୁଟୁମ୍ବକମ୍"ର ଚେତନାରେ ସମଗ୍ର ମାନବ ସମାଜକୁ ଦ୍ରବୀଭୂତ କରେ ଘୋଷଯାତ୍ରା । ତାଙ୍କର ଲୀଳା ଅବର୍ଣ୍ଣନୀୟ । କୌଣସି ଜାତି, ଗୋଷ୍ଠୀ, ସମ୍ପ୍ରଦାୟ ଭିତରେ ସେ ସୀମିତ ନୁହେଁ । ଆଦିବାସୀ, ଦ୍ରାବିଡ଼, ଆର୍ଯ୍ୟ, ଅନାର୍ଯ୍ୟ, ଜୈନ, ବୌଦ୍ଧ, ଶିଖ୍, ଈଶାଇ, ବୈଷ୍ଣବ, ଶାକ୍ତ, ଯୋଗୀ ସର୍ବିଙ୍କର ଆରାଧ୍ୟ ଦେବତା ହେଉଛନ୍ତି ପ୍ରଭୁ ଜଗନ୍ନାଥ । ସଂକୀର୍ଣ୍ଣତାର ଉର୍ଦ୍ଧ୍ୱକୁ ଉଠିଯାଇ ସେ ସାମ୍ୟ, ମୈତ୍ରୀ, ଶାନ୍ତି, ପ୍ରୀତି, ସଂଘତି, ସଂପ୍ରତିର ପ୍ରତୀକ ସାଜି ସମଗ୍ର ବିଶ୍ୱରେ ଏକତା, ସମାନତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ବିଶ୍ୱଭାତୃତ୍ୱର ଭାବ ବଜାୟ ରଖିଛନ୍ତି । ଏ ଜଗନ୍ନାଥ ସଂସ୍କୃତି ସାର୍ବଜନୀନ ସଂସ୍କୃତି, ବିଶ୍ୱହିତୈଶୀ ସଂସ୍କୃତି । ସର୍ବପ୍ରାଚୀନ ସଂସ୍କୃତି ଯାହା ବିଭିନ୍ନତା ମଧ୍ୟରେ ମଧ ଏକତା ଆଣି ସମଗ୍ର ମାନବ ସମାଜର ମଙ୍ଗଳସାଧନା କରି ସଂହତି ସ୍ଥାପନ କରିଥାଏ । ଏହି ଘୋଷଯାତ୍ରା ମାନବ ସମାଜକୁ ଶିକ୍ଷା ଦିଏ ବୁଦ୍ଧି ହେଉଛି ସାରଥି ମନ ହେଉଛି ଘୋଡ଼ା, ତେଣୁ ମଣିଷ ଯଦି ବୁଦ୍ଧିର ଶକ୍ତିରେ ପଞ୍ଚମନ ପଚିଶ ପ୍ରକୃତିକୁ ସ୍ୱନିୟନ୍ତ୍ରିତ କରେ, ମାନବର ଭାବ ଦୂର ହୋଇ ଆତ୍ମବଳଶାଳୀ ହୋଇ ମାନବ ବିବେକର ଶକ୍ତିରେ ପରିଚାଳିତ ହୋଇବ ସମାଜର ତଥା ରାଷ୍ଟ୍ରର ଏବଂ ସମଗ୍ର ବିଶ୍ୱର କଲ୍ୟାଣ ସାଧନ କରିବାକୁ ସମର୍ଥ ହେବ ।

ପ୍ରକୃତରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ମାନବବାଦର ଠାକୁର, ବିଶ୍ୱମୈତ୍ରୀର ଠାକୁର । ସେ ସବୁବେଳେ ଚେତାଇ ଦିଅନ୍ତି ମଣିଷ ବଡ଼ ନୁହେଁ ମଣିଷ ପଣିଆ ବଡ଼ । ଜାତି ବଡ଼ ନୁହେଁ, ଧର୍ମ ବଡ଼ ନୁହେଁ, ଜଗତ ବଡ଼ । ଆଜି ଯଦି ମଣିଷ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ନିଜର ବିବେକ, ଜ୍ଞାନ, ପ୍ରଜ୍ଞା, ବିଚାର, ବୁଦ୍ଧି, ପାପପୁଣ୍ୟ, ନୀତି ଅନୀତି, ନ୍ୟାୟ ଅନ୍ୟାୟ, ଧର୍ମ ଅଧର୍ମ ଏ ସବୁକୁ ବିଚାର କରି ନିଜର ମଣିଷ ପଣିଆକୁ ବିଶ୍ୱ ଦରବାରରେ ପ୍ରତିପାଦନ କରିବ, ତେବେ ମଣିଷ ଦିବ୍ୟ ମାନବରେ ପରିଣତ ହୋଇପାରିବ । ପ୍ରଭୁ ଜଗନ୍ନାଥ ଚାହାଁନ୍ତି ଆଜିର ମଣିଷ ତା'ର ଆତ୍ମଘାତୀ ଚିନ୍ତାଧାରାକୁ ଦୂରେଇଦେଇ ନିଜର ଦୃଢ଼ ଇଚ୍ଛାଶକ୍ତି, ଶାରୀରିକ ଶକ୍ତି, ଐଶ୍ୱରୀକତାକୁ ପ୍ରୟୋଗ କରି ନିଜ ଭିତରେ ସତ୍‌ଚିନ୍ତା, ସତ୍‌ଚେତନା, ସତ୍‌କର୍ମ, ସତ୍‌ଭାବନା ଉଦ୍ରେକ କରି ଆତ୍ମାର ସନ୍ଧାନ କରୁ । ଏହି ଆତ୍ମସନ୍ଧାନ ହିଁ ତା' ଆଧ୍ୟାତ୍ମିକ ଚେତନାର ମୂଳଭିତ୍ତି । ସେ ଆକାର, ନିରାକାର, ସୁଖ, ଦୁଃଖ, ସେ ମାୟାବି, ସେ ପୁଣି ଭାବକୁ ନିକଟ ଅଭାବକୁ ଦୂର । ସେ ଅନ୍ତର୍ଯ୍ୟାମୀ, ସେ ସର୍ବବ୍ୟାପୀ, ସେ ଅବତାରୀ ପୁରୁଷ । ସେ ପୁଣି ଶବର ଦେବତା, ତାଙ୍କ ଭାବ ଗୀତା, ଭାଗବତ, ମହାଭାରତ, ସବୁର ବହୁ ଉର୍ଦ୍ଧ୍ୱରେ । ଥରେ ଯିଏ ସେ ଭାବକୁ ବୁଝିଛି ତାଙ୍କ ଚେତନାରେ ହଜିଛି, ପ୍ରେମରେ ପଡ଼ିଛି ତା'ର ଆଉ କିଛି ଐଶ୍ୱର୍ଯ୍ୟ ସୁଖ ସମ୍ପତ୍ତି ଲୋଡ଼ା ହୁଏ ନାହିଁ । ସମଗ୍ର ପୃଥିବୀରେ ଏମିତି ଠାକୁର ବିରଳ ଯାହାର ହାତ ନାହିଁ କିନ୍ତୁ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ହାତ ବଢ଼ାଇ ନିଅନ୍ତି, ଗୋଡ଼ ନାହିଁ କିନ୍ତୁ ଚାଲି ଚାଲି ଆସି ଭକ୍ତଦ୍ୱାରା ନିର୍ମିତ ହୋଇଥିବା ବାଲି ରଥରେ ବସନ୍ତି । ସେ ଭକ୍ତ ବଳରାମ ଦାସଙ୍କ ବାଲି ରଥରେ ବସନ୍ତି । ପୁଣି ପାଟି ନଥାଇ କଥା କହୁନ୍ତି । କାନ ନଥାଇ ଭକ୍ତର ଗୁହାରୀ ଶୁଣନ୍ତି । ଗଜ, ମୃଗଣୀ ଏବଂ ଦ୍ରୌପଦୀର ବସ୍ତ୍ରହରଣବେଳେ କୋଟି କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରଣ କରନ୍ତି । ପୁଣି ନାକ ନଥାଇ ମଲ୍ଲୀ, ହେନା, ଚମ୍ପାର ସୁଗନ୍ଧ ବାରିପାରନ୍ତି । ଏଭଳି ଠାକୁର ଭକ୍ତ ପାଇଁ ସହଜ, ସରଳ ହୋଇଥିବାବେଳେ ବିଦ୍ୱାନ ଗୁଣୀ ପାଖରେ ଅନେକ ଜଟିଳ । ତାଙ୍କ ଚିନ୍ତାଚେତନାକୁ ଓ ତତ୍ତ୍ୱକୁ ଭକ୍ତ ଅତି ସହଜରେ ବୁଝିପାରିଥାଏ । ପ୍ରିୟ ଭକ୍ତର ଆସିବା ବିଳମ୍ବ ହେଲେ ପ୍ରଭୁ ଛଳନା କରି ରଥକୁ ଅଟକାଇ ଦିଅନ୍ତି । ସତରେ ତାଙ୍କର ମହିମା ଅବର୍ଣ୍ଣନୀୟ । ସେଇଥିପାଇଁ ତ ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କୁ ସୃଷ୍ଟିର ଅଲୌକିକ ଦେବତା ବୋଲି ଅଭିହିତ କରିଛନ୍ତି ।

ପାଦ ନାହିଁ ସେ ଯେ ଗଗନ କରଇ  
କର୍ଣ୍ଣ ନାହିଁ ସବୁ ଶୁଣେ  
ଜିହ୍ୱା ନାହିଁ ସ୍ୱାଦ ମଣେ ।

ଶ୍ରୀଜଗନ୍ନାଥଙ୍କ ବିନା ଓଡ଼ିଆ ସାହିତ୍ୟ, କାବ୍ୟ, କବିତା, ମଧ୍ୟ ଅପୂରଣୀୟ ଏବଂ ଶ୍ରୀହୀନ । ଭକ୍ତ ସାଲବେଗଠାରୁ ଆରମ୍ଭ କରି ସାରଳା ଦାସ, ବଳରାମ ଦାସ, ବନମାଳୀ ଦାସ, ବୈଷ୍ଣବ ପାଣି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋପାଳ ଚନ୍ଦ୍ର ପ୍ରହରାଜ, କବି କାଳିଚରଣ ପଟ୍ଟନାୟକଙ୍କ କବିତା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ର ପରିଚୟ । ପୁଣି ଉତ୍କଳମଣି ଗୋପବନ୍ଧୁଙ୍କୁ ଲେଖିଲେ–

"ଉତ୍କଳେ ନେତାର ନାହିଁ ପ୍ରୟୋଜନ  
ଉତ୍କଳର ନେତା ନିଜେ ନାରାୟଣ" ।

ଜୈନ୍ୟ ସାହିତ୍ୟରେ ମହାବୀରଙ୍କୁ ଜଗନ୍ନାଥ । ବୌଦ୍ଧ ସାହିତ୍ୟରେ ବୁଦ୍ଧଦେବଙ୍କୁ ଜଗନ୍ନାଥ ରୂପରେ, ବିଷ୍ଣୁ ପୁରାଣରେ କୃଷ୍ଣଙ୍କୁ, ମସ୍ତ୍ୟପୁରାଣରେ କାର୍ତ୍ତିକେୟଙ୍କୁ ସାରଳା ମହାଭାରତରେ କୃଷ୍ଣଙ୍କୁ ଜଗନ୍ନାଥ ରୂପରେ ବର୍ଣ୍ଣନା କରାଯାଇଛି । ଆମେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କରି ସନ୍ତାନ । ପ୍ରଭୁ ପୁଣି ମାନବୀୟ ଲୀଳା କରନ୍ତି । ଶୀତଦିନେ ଗରମ ପୋଷାକ, ଗ୍ରୀଷ୍ମଦିନେ ଜଳକେଳି କରନ୍ତି ଏବଂ ଛାତିଏ ପଉଟି ଖାଦ୍ୟ ରାଜକୀୟ ରୀତିରେ ସେବନ କରନ୍ତି । ଭକ୍ତି ଓ ଭାବର ରଜ୍ଜୁରେ ସେ ବନ୍ଧା । ବଡ଼ ମାନୁଆ ଠାକୁର । ଜୟଦେବଙ୍କ ଗୀତଗୋବିନ୍ଦ ଶୁଣିବାକୁ ପୁଣି ବାଇଗଣ କିଆରୀରେ ପଶି ଆପଣା ପାଟବସ୍ତ୍ରକୁ ଚିରି ଗୀତ ଶୁଣନ୍ତି । ଭକ୍ତ ଅଭିମାନ କଲେ ଅବା ଗାଳି କଲେ ସେ ଚନ୍ଦନ ପ୍ରାୟେ ଗାଳିକୁ ବୋଲି ପକାନ୍ତି । ତାଙ୍କ ପାଇଁ ମହଣ ମହଣ ଘିଅ, ଧୂପଦୀପ, ଚନ୍ଦନ, ଅଗୁର, ତୁଳସୀ, ଫୁଲ ଲୋଡ଼ା ହୁଏନି । ଲୋଡ଼ା ଖାଲି ଟିକିଏ ଛଳନାହୀନ ପ୍ରେମ । ସେ ପ୍ରେମ ଭୌତିକ ନୁହେଁ ସେ ପ୍ରେମ ଚିର ଅମଳିନ, ଚିର ଶାଶ୍ୱତ, ଚିର ଜାଗ୍ରତ । ଏମିତି ଠାକୁର ସାରାବ୍ରହ୍ମାଣ୍ଡରେ ନଥିବେ ଯିଏ ରତ୍ନ ସିଂହାସନ ଛାଡ଼ି ପାଗଳ ପରି ଧାଇଁ ଆସେ ଭକ୍ତଙ୍କୁ କୋଳେଇ ନେବା ପାଇଁ । ଭକ୍ତ ସହ ଏକାକାର ହୋଇଯିବା ପାଇଁ ଭକ୍ତ ବି ଅଧିର । ଭକ୍ତ ଅଭିମାନ କରେ ପ୍ରଭୁ ପାଖରେ, ପ୍ରଭୁ କିଛି ଦେଲନାହିଁ । ପ୍ରଭୁ କିନ୍ତୁ ଯାହା ତା' ପାଇଁ ଚିର ମଙ୍ଗଳ ତାହା ହିଁ କରନ୍ତି । ପ୍ରଭୁଙ୍କ ଲୀଳା ବଡ଼ ବିଚିତ୍ର । ବେଳେବେଳେ ଭକ୍ତକୁ ପରୀକ୍ଷା କରନ୍ତି । ସୃଷ୍ଟିରେ ବିଚିତ୍ର ଲୀଳା କରନ୍ତି । ତାଙ୍କ ଲୀଳାକୁ ସାଧାରଣ ଭକ୍ତ ବୁଝିପାରେନି । ତାଙ୍କ ଇଚ୍ଛା ସବୁବେଳେ ମଙ୍ଗଳମୟ । ତାଙ୍କ ଲୀଳା ଜାଣିବାକୁ ହେଲେ ଧୈର୍ଯ୍ୟ ଦରକାର । ଥରେ ହାତ ଟେକି ତାଙ୍କୁ ସମର୍ପିତ ହେଲେ ସବୁ ସେ କୃପା ବର୍ଷା କରିଦିଅନ୍ତି । ଜାତିରେ ମୁସଲମାନ ଭକ୍ତ ସାଲବେଗକୁ ପ୍ରଭୁ ଆପଣେଇ ତାର କୁଷ୍ଠବ୍ୟାଧି ଭଲ କରିଦେଇଥିଲେ । ପୁଣି ଭୋକ ଉପାସରେ ସଢୁଥିବା ବନ୍ଧୁ ମହାନ୍ତିକୁ ଭୋଗଥାଳି ଟେକି ଦେଇଥିଲେ । ବିଦୂରର ସାଗ ଭଜା ପ୍ରଭୁଙ୍କୁ ଅପାର ଆନନ୍ଦ ଦେଇଥିଲା ସେ ଦିନ । କରମାବାଇର ଦାନ୍ତାକାଠିରେ ଗୋଳାଉଥିବା ଖେଚୁଡ଼ିକୁ ପ୍ରଭୁ ମହାଆନନ୍ଦରେ ଥାଆନ୍ତି । ସୁଦାମାର ଖୁଦ ଭଜା ପ୍ରଭୁଙ୍କୁ ଅମୃତ ପରିଲାଗେ । ଶବରୀର ଅଇଁଠା କୋଳି ଖାଇ ତାକୁ ସ୍ୱର୍ଗବାସୀ କରାଇଥିଲେ ।

ଆଜିର ମଣିଷ ଆଧୁନିକୀକରଣ, ପାଶ୍ଚାତ୍ୟକରଣ, ସହରୀକରଣ ଆଳରେ ଯେତେବେଳେ ଗର୍ବ ଅହଙ୍କାରରେ ଫାଟି ପଡୁଛି ତା' ମନରେ ଶାନ୍ତି ନାହିଁ । ମନରେ ଶ୍ରଦ୍ଧା, ପ୍ରେମ, ତ୍ୟାଗ ସେ ସବୁ ଭୁଲିଯାଇ ଚନ୍ଦ୍ରପୃଷ୍ଠରେ ଘର କରିବାକୁ ସ୍ଥିର କରୁଛି । ଅତି ସୂକ୍ଷ୍ମ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ଜୀବନଜୀବିକାକୁ ନେଇ ସଂଘର୍ଷ କରି ନିଇତି ମୃତ୍ୟୁ ସହ ଲଢୁଛି । ସମଗ୍ର ବିଶ୍ୱ କରୋନାବ୍ୟାଧିରେ ଆତଙ୍କିତ ହୋଇପଡ଼ିଛି, ଠିକ୍ ସେତିକିବେଳେ ସେହି ସର୍ବଶକ୍ତିମାନ ସାର୍ବଜନୀନ, ସର୍ବଧର୍ମ ସମନ୍ୱୟର ଠାକୁରଙ୍କ ପାଖେ ନିଜକୁ ଆତ୍ମସମର୍ପଣ କରିଦେଇଛି । ସେଠି ପ୍ରଭୁ ହିଁ ଏହି ବିପତ୍ତିଜନକ ମହାମାରୀରୁ ଭକ୍ତକୁ ଉଦ୍ଧାର କରିବେ, ଏଥିରେ ସନ୍ଦେହ ନାହିଁ । ନିଜକୁ ପ୍ରଭୁଙ୍କ ପାଖେ ସମର୍ପି ଦେଲେ ଆମେ ସଂକୀର୍ଣ୍ଣତାରୁ ମହାନତା, ବିଶାଳତା, ଗୌରବ, ବିଶ୍ୱାତ୍ମଭାବ, ବିଭବ, ଆଦର୍ଶ ପରିବାର, ଆଦର୍ଶବ୍ୟକ୍ତିତ୍ୱ, ସମୃଦ୍ଧ ସମାଜ ଏବଂ ଗୌରବୋଜ୍ଜ୍ୱଳ ରାଷ୍ଟ୍ର, କଲ୍ୟାଣମୟ ବିଶ୍ୱ ଗଠନ କରିବାକୁ ସମର୍ଥ ହେବୁ । ଯଦି ଅନ୍ତରାତ୍ମାରେ ପ୍ରଭୁଙ୍କ ଦର୍ଶନ କରି ସମସ୍ତ ନକାରାତ୍ମକ ମନୋଭାବକୁ ଦୂରେଇ ଦେଇ ସାତ୍ତ୍ୱିକ ଏବଂ ଆଧ୍ୟାତ୍ମିକଭାବେ ଜାଗ୍ରତ କରି ନିଜ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ତାହା ହିଁ ହେବ ଘୋଷଯାତ୍ରାର ପ୍ରକୃତ ଉଦ୍ଦେଶ୍ୟ । ପ୍ରଭୁଙ୍କୁ ଭକ୍ତର ଛୁଇଁବାର ଆବଶ୍ୟକତା ନାହିଁ ।

# ଓଡ଼ିଶାର ଅନନ୍ୟ ଅକ୍ଷୟ ସମ୍ପଦ - ମାଣ୍ଡିଆ

॥ ବିପିନ ବିହାରୀ ରାଉତ ॥

ଦିନ ଥିଲା ମାଣ୍ଡିଆକୁ ଗରିବ ଓ ଅନଗ୍ରସର ଲୋକଙ୍କ ଖାଦ୍ୟ ରୂପେ ବିବେଚନା କରାଯାଇ ଆଡ଼ ଆଖିରେ ଦେଖାଯାଉଥିଲା । କିନ୍ତୁ ଏବେ ସମୟ ବଦଳିଛି । ଆଜିର ଦିନରେ ମାଣ୍ଡିଆ ଓ ମାଣ୍ଡିଆ ଜାତୀୟ ଖାଦ୍ୟ ବା ମିଲେଟ ଥିଲାବାଲାଙ୍କ ଖାଦ୍ୟ ଥାଳିରେ ସ୍ଥାନ ପାଉଛି । ପୁଷ୍ଟିସାର, ଲୌହ, ଜୀବସାର, ଖଣିଜ ଓ ତନ୍ତୁଜାତୀୟ ଉପାଦାନରେ ସମୃଦ୍ଧ ମିଲେଟ ଏବେ ବିକଳ୍ପ ବିହୀନ ଖାଦ୍ୟ ଶସ୍ୟ ଭାବେ ମାନ୍ୟତା ପାଇଛି । ଅପରପକ୍ଷରେ ମିଲେଟ ଧାନ ପରି ଏକ ସୁକୁମାରୀ କୃଷିଜାତ ଶସ୍ୟ ନୁହେଁ । ଏହା ଯେ କୌଣସି ମାଟିରେ, ଯେକୌଣସି ଜଳବାୟୁରେ ବିନା ଜଳ ସେଚନରେ ମଧ ବଢ଼ିପାରେ । ଧାନ ଚାଷରୁ ଉତ୍ପନ୍ନ ମିଥେନ ବାଷ୍ପ ବିଶ୍ୱ ତାପମାନ ବୃଦ୍ଧିର ଅନ୍ୟତମ କାରଣ ହୋଇଥିବାବେଳେ ମିଲେଟ ଏହି ଅଭିଯୋଗରୁ ମୁକ୍ତ । ମିଲେଟର ରୋଗପୋକ ପ୍ରତିରୋଧକ ଶକ୍ତି ଧାନ ଠାରୁ ବହୁ ଅଧିକ । ତେଣୁ ମିଲେଟ ଚାଷ କୀଟନାଶକ ଓ ରାସାୟନିକ ସାର ଜନିତ ଖର୍ଚ୍ଚ ରହିତ । ଏକ ପକ୍ଷରେ ତୁଳନାତ୍ମକ ଭାବେ ବହୁ କମ ଖର୍ଚ୍ଚରେ ଓ ଅପରପକ୍ଷରେ ଅଧିକ ପୁଷ୍ଟିକର ଖାଦ୍ୟ ଭାବେ ମିଲେଟ ଯେ କ୍ଷୁଧାମୁକ୍ତ ଓ ପୌଷ୍ଟିକ ବିଶ୍ୱ ଗଠନରେ ପ୍ରଧାନ ଭୂମିକା ନିର୍ବାହ କରିବାକୁ ଯାଉଛି ଏଥିରେ ଦ୍ୱିରୁକ୍ତି ନାହିଁ । ଦେଶରେ ଯେପରି କୌଣସି ଲୋକ ଭୋକରେ ରହିବେ ନାହିଁ ତାହା ନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ନିକଟରେ କେନ୍ଦ୍ର ସରକାରଙ୍କୁ ଦେଇଥିବା ପରାମର୍ଶ କାର୍ଯ୍ୟକାରୀ କରିବାରେ ମଧ ମିଲେଟ ଏକ ନିର୍ଣ୍ଣାୟକ ଭୂମିକା ନେବ ।

କ୍ଷୁଧାମୁକ୍ତ ବିଶ୍ୱ ଗଠନ ପରିକଳ୍ପନାରେ ମିଲେଟର ଏହି ବିକଳ୍ପବିହୀନ ଓ ପ୍ରଧାନ ଅବଦାନକୁ ସମ୍ମାନ ଦେଇ ଏବଂ ମିଲେଟ ପ୍ରତି ଆଦରଣୀୟତା ବୃଦ୍ଧି ନିମନ୍ତେ ଜାତିସଂଘ ଆଗାମୀ ବର୍ଷ ଅର୍ଥାତ୍ ୨୦୨୩କୁ ଆନ୍ତର୍ଜାତିକ ମିଲେଟ ବର୍ଷ ରୂପେ ପାଳନ କରିବାକୁ ନିଷ୍ପତ୍ତି ନେଇଛି । ଇଟାଲୀର ରୋମ ଠାରେ ଅବସ୍ଥିତ ଖାଦ୍ୟ ଓ କୃଷି ସଂଗଠନର ମୁଖ୍ୟାଳୟ ଠାରେ ଗତକାଲି ଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନୀ ଉତ୍ସବର ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଯେ ବିଶ୍ୱରେ ଏବେ ବି ଖାଦ୍ୟ ସୁରକ୍ଷା ଏକ ମୁଖ୍ୟ ଆହ୍ୱାନ ହୋଇ ରହିଛି । ବିଶେଷକରି କରୋନା ମହାମାରୀ ପରେ କେତେକ ବିବାଦୀୟ ପରିସ୍ଥିତି ଏହି ସମସ୍ୟାକୁ ଆହୁରି ଜଟିଳ କରିଛି । ଏହି ପୃଷ୍ଠଭୂମିରେ ଭବିଷ୍ୟତର ପ୍ରମୁଖ ଖାଦ୍ୟ ରୂପେ ମିଲେଟକୁ ଗ୍ରହଣ କରିବା ହିଁ ବର୍ତ୍ତମାନ ସମୟର ଆବଶ୍ୟକତା । ଏହା ଗ୍ରାହକ, କୃଷକ ଓ ପରିବେଶ ପାଇଁ ହିତକର । କୃଷି ଉତ୍ପାଦନରେ ତଥା ଖାଦ୍ୟରେ ବିବିଧତା ସୃଷ୍ଟି ଏବଂ ପୁଷ୍ଟିହୀନତା ବିରୋଧ ସଂଗ୍ରାମରେ ମଧ ମିଲେଟ ସହାୟକ ହୋଇପାରିବ । ତେଣୁ ମିଲେଟ ମାଇଣ୍ଡଫୁଲନେସ ସୃଷ୍ଟି ହେବା ନିହାତି ଆବଶ୍ୟକ ।

ଆଉ ଦୁଇପାଦ ଆଗକୁ ଯାଇ ଓଡ଼ିଶା ସରକାର ଗତ ନଭେମ୍ବର ୧୦ ତାରିଖକୁ ମିଲେଟ ଦିବସ ଭାବେ ପାଳନ କରିସାରିଛନ୍ତି । ଓଡ଼ିଶାରେ ମିଶନ ଶକ୍ତି, ବିଏସକେୱାଇ ପରେ ମିଲେଟ ମିଶନ ଏକ ପ୍ରମୁଖ କୃଷିଭିତ୍ତିକ ଅର୍ଥନୈତିକ ଆନ୍ଦୋଳନ ରୂପ ନେଇଛି । ଓଡ଼ିଶା ସରକାର ମଧ ଏଥିପାଇଁ ପ୍ରଚୁର ପ୍ରୋତ୍ସାହନ ଯୋଗାଉ ଦେଉଛନ୍ତି । ତେଣୁ ଜାତିସଂଘ ଏବଂ ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ ମିଲେଟକୁ ମୁଖ୍ୟ ଯୋଜନାରେ ସାମିଲ କରିବା ଓଡ଼ିଶା ପାଇଁ ଯେତିକି ଗୌରବ ଆଣିଛି ଓଡ଼ିଶାର କୃଷିଜୀବୀଙ୍କୁ ତା ଠାରୁ ଅଧିକ ସୁଯୋଗ ଦେଇଛି । ବିଶ୍ୱରେ ମିଲେଟ ଖାଦ୍ୟ ଚାହିଦା ବଢ଼ିଲେ ଓଡ଼ିଶାର ଚାଷୀମାନେ ଅଧିକରୁ ଅଧିକ ଏହି ଶସ୍ୟ ଚାଷ କରି ଉପକୃତ ହୋଇପାରିବେ । ଧାନ ଚାଷ ସହିତ ଜଡ଼ିତ ମରୁଡ଼ି, ବନ୍ୟା, ବାତ୍ୟା, ରୋଗ, ପୋକ ଭୟରୁ ଚାଷୀମାନେ ମୁକ୍ତ ହେବେ । ଗରିବ ଭୂମିହୀନ ଚାଷୀମାନେ ଆଉ ଚାଷଜନିତ କ୍ଷତି ଓ ଋଣଭାରରେ ଚିନ୍ତାଗ୍ରସ୍ତ ହୋଇ ଆତ୍ମହତ୍ୟା କରିବେ ନାହିଁ । ଅଧିକନ୍ତୁ ଚାଷୀ ପରିବାର ସ୍ୱଚ୍ଛଳ ହେବା ସହିତ ରାଜକୋଷ ମଧ ସମୃଦ୍ଧ ହୋଇପାରିବ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଓଡ଼ିଶାରେ ୨୦୧୭ରୁ ଆରମ୍ଭ ହୋଇଥିବା ଓଡ଼ିଶା ମିଲେଟ ମିଶନ ଇତିମଧ୍ୟରେ ୩୦ଟି ଜିଲ୍ଲାର ୧୭୭ ବ୍ଲକରେ ସଫଳତାର ସହ କାର୍ଯ୍ୟକାରୀ ହେଉଛି । ୨୦୨୨-୨୩ ଖରିଫ ଋତୁ ସୁଦ୍ଧା ୭୪ ହଜାର ୮ଶହ ୨୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଉଥିବାବେଳେ ପ୍ରାୟ ୧ଲକ୍ଷ ୫୮ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଏଥିରେ ସାମିଲ ହୋଇଛନ୍ତି । ମିଲେଟ ଅମଳ ପରବର୍ତ୍ତୀ ପରିଚାଳନା ପାଇଁ ୟୁନିଟ ସ୍ଥାପନର ବିକେନ୍ଦ୍ରୀକରଣ କରାଯିବା ସହିତ ଚାଷୀମାନେ ଯେପରି ସମନ୍ୱିତ ଶିଶୁ ବିକାଶ ଯୋଜନା, ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମାଣ୍ଡିଆକୁ ସାମିଲ କରାଯାଇଛି ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ମାଣ୍ଡିଆରୁ ୩୦ରୁ ଉର୍ଦ୍ଧ୍ୱ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ଏହାର ବିକ୍ରୟ ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରାଯାଉଛି । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଆୟୋଜିତ ବୈଠକ ଓ ସମ୍ମିଳନୀରେ ମାଣ୍ଡିଆରୁ ପ୍ରସ୍ତୁତ ସ୍ନାକ୍ସ ପରସା ଯିବା ପାଇଁ ନିଷ୍ପତ୍ତି ହୋଇଛି । ମିଶନ ଶକ୍ତି ବିଭାଗ ସହାୟତାରେ ବିଭିନ୍ନ ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୧୨୬ଟି ମିଲେଟ ଟିଫିନ ସେଣ୍ଟର ପରିଚାଳିତ ହେଉଛି । ୨ଟି ମିଲେଟ ଶକ୍ତି କାଫେ, ୨ଟି ମିଲେଟ ଶକ୍ତି ଆଉଟଲେଟ ଖୋଲାଯାଇଛି । ମିଲେଟ ଓ ମିଲେଟରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀର ପ୍ରଚାର ପ୍ରସାର ତଥା ବିକ୍ରି ପାଇଁ ୪ଟି ମିଲେଟ ଶକ୍ତି ଅନହୁଇଲର ବ୍ୟବସ୍ଥା କରାଯାଇଛି । ବିଶ୍ୱକପ ହକି ଅବସରରେ ଭୁବନେଶ୍ୱର ଓ ରାଉରକେଲାର ବିଭିନ୍ନ ଷ୍ଟାଡ଼ିୟମରେ ମିଲେଟ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପରସା ଯିବାର ବ୍ୟବସ୍ଥା ହୋଇଛି । ରାଜ୍ୟର ଜନଜାତି ବିଦ୍ୟାଳୟମାନଙ୍କରେ ଦୈନିକ ଛାତ୍ରଛାତ୍ରୀ ମାନଙ୍କ ମିଲେଟରୁ ପ୍ରସ୍ତୁତ ପୌଷ୍ଟିକ ଲଡ୍ଡୁ ବଣ୍ଟନ କାର୍ଯ୍ୟ ମଧ ଆରମ୍ଭ ହୋଇଛି । ରାଜ୍ୟର ବିଭିନ୍ନ ରେସ୍ତୋରାଁ ଓ କାଫେର ମେନ୍ୟୁରେ ମଧ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ମାସ୍କଟ ମିଲିକୁ ଦାୟିତ୍ୱ ଦିଆଯାଇଛି । ଓଡ଼ିଶାର ମିଲେଟ ମିଶନକୁ ନିତି ଆୟୋଗ ଓ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହିତ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ସ୍ୱୀକୃତି ମିଳିଛି । ଅନ୍ୟ ରାଜ୍ୟମାନେ ଓଡ଼ିଶାର ଏହି ଯୁଗାନ୍ତକାରୀ ଅଭିଯାନକୁ ମଡ଼େଲ ଭାବେ ଗ୍ରହଣ କରୁଛନ୍ତି । ପ୍ୟାରିସରେ ଆୟୋଜିତ ବିଶାଳ ଅନ୍ତର୍ଜାତୀୟ ଖାଦ୍ୟ ଉତ୍ପାଦନ ପ୍ରଦର୍ଶନୀ ସିଆଲ୨୦୨୨ରେ ଓଡ଼ିଶାର ମିଲେଟ ସାମିଲ ହୋଇପାରିଛି । ଅନ୍ତର୍ଜାତୀୟ ସ୍ତରରେ ସବୁଜ ବିପ୍ଳବ କାର୍ଯ୍ୟକ୍ରମ ଜରିଆରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ମଧ ଓଡ଼ିଶା ମିଲେଟ ମିଶନର ଭାଗିଦାରୀ ହୋଇଛି ।

ଆଜି ସାଧାରଣ ମାଣ୍ଡିଆର ଅସାଧାରଣ ଗୁଣଗାନରେ ସାରା ବିଶ୍ୱ ପ୍ରଗଳ୍ଭ ହୋଇଥିବାବେଳେ ଓଡ଼ିଶାରେ ଗତ ପାଞ୍ଚ ବର୍ଷ ହେଲା ଆରମ୍ଭ ଏହି ନିରବ ବିପ୍ଳବ ଓଡ଼ିଶାର ଆଦିବାସୀ ଓ ଗ୍ରାମାଞ୍ଚଳ ପାଇଁ ପୌଷ୍ଟିକ ଖାଦ୍ୟ, କୃଷି ଆୟ ବୃଦ୍ଧି ଏବଂ କୃଷି ଓ ଖାଦ୍ୟାନ୍ନ ବିବିଧତାର ଅକ୍ଷୟ ଭଣ୍ଡାରର ବାର୍ତ୍ତା ଆଣିଦେଇଛି । ଦିନ ଆସିବ ମାଣ୍ଡିଆ, ବାଜରା, ଯଅ ଓ ସୁଆଁ ଆଦି ଧାନ ଓ ଗହମକୁ ଟପି କ୍ଷେତବାଡ଼ିରେ, ଖାଇବା ଥାଳିରେ ତଥା ହୋଟେଲ ଓ ରେସ୍ତୋରାଁରେ ପ୍ରାଧାନ୍ୟ ବିସ୍ତାର କରିବ, କେବଳ ଓଡ଼ିଶାରେ ନୁହେଁ ଓ ଭାରତରେ ନୁହେଁ ବରଂ ସାରା ବିଶ୍ୱରେ । ଓଡ଼ିଶାର ଦୂରଦର୍ଶୀ ମିଲେଟ ମିଶନ ଆମ ରାଜ୍ୟ ପାଇଁ ଏକ ନୂତନ ପୁଷ୍ଟିକର ପରିଚୟ ଆଣିଦେବ ।

**ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩**

# ରାବଣକୁ ବେଦମତୀଙ୍କ ଅଭିଶାପ

॥ ଦିଲ୍ଲୀପ କୁମାର ମହାରଣା ॥

ପୂର୍ବ କାଳରେ ବୃହସ୍ପତି ନାମରେ ଜଣେ ରାଜା ଥିଲେ । ସେ ଅତି ପ୍ରଭାବଶାଳୀ ଓ ଧାର୍ମିକ ଥିଲେ । ତାଙ୍କର ପୁତ୍ରଙ୍କ ନାମ କୁଶଧ୍ୱଜ । ସେହି କୁଶଧ୍ୱଜ ଯେପରି ସୁନ୍ଦର ସେହିପରି ଶାନ୍ତ, ଶୁଶୀଳ ମଧ ଥିଲେ । ପ୍ରଜା ମାନଙ୍କୁ ସେ ପୁତ୍ରସମ ପାଳନ କରୁଥିଲେ । କୁଶଧ୍ୱଜ ରାଜା ରାଜ କାର୍ଯ୍ୟରୁ ଅବସର ମିଳିଲେ ସର୍ବଦା ବେଦପାଠ କରନ୍ତି । ସେହି ବେଦବାକ୍ୟରୁ ଏକ ଅନୁପମା ସୁନ୍ଦରୀ କନ୍ୟା ଜାତ ହେଲା । ସେହି କନ୍ୟାର ନାମ ବେଦମତୀ ବୋଲି ଦେଇ ରାଜା ରାଣୀଙ୍କ କୋଳରେ କନ୍ୟାକୁ ପ୍ରଦାନ କରି କହିଲେ, ରାଣୀ ! ଏହି କନ୍ୟା ବେଦରୁ ସମ୍ଭୂତ ହୋଇଛି । ମୁଁ ଏହାର ନାମକରଣ କରିଛି ବେଦମତୀ । ଏହି କନ୍ୟା ପୃଥିବୀର ହିତାକାରିଣୀ ହେବ । ତେଣୁ ହେ ରାଣୀ ଏହାକୁ ଯତ୍ନରେ ପାଳନ କର । ଧୀରେ ଧୀରେ ଚନ୍ଦ୍ରମା ପରି ବେଦମତୀ ବଢ଼ିବାରେ ଲାଗିଲା । ବେଦମତୀଙ୍କ ରୂପ ଗୁଣ ଚମ୍ପକ ପୁଷ୍ପର ମହକ ପରି ଚଉଦିଗ ବ୍ୟାପିଗଲା । ଅନେକ ଦେଶ ଓ ରାଜ୍ୟରୁ ରାଜପୁତ୍ରମାନେ ଆସି କୁଶଧ୍ୱଜଙ୍କ ଦ୍ୱାରସ୍ଥ ହେଲେ ବେଦମତୀଙ୍କୁ ପ୍ରାପ୍ତି କରିବା ମାନସରେ । ତେବେ ସେ ବିଷ୍ଣୁଙ୍କ ପାଇଁ ଉଦ୍ଦିଷ୍ଟ ବୋଲି କହି କୁଶଧ୍ୱଜ ସମସ୍ତଙ୍କୁ ବାହୁଡ଼ାଇ ଦିଅନ୍ତି । ଶମ୍ଭୁ ନାମରେ ଏକ ରାକ୍ଷସ ଥିଲା ସେ ବେଦମତୀଙ୍କୁ ପାଇବାରେ ବିଫଳ ହେବାର ଦିନେ ଅର୍ଦ୍ଧରାତ୍ରିରେ କୁଶଧ୍ୱଜଙ୍କୁ ହତ୍ୟା କରି ପଳାୟନ କଲା ।

କୁଶଧ୍ୱଜଙ୍କ ମୃତ୍ୟୁ ସମ୍ବାଦ ପାଇ ଅଗ୍ନିଜାଳି ତା ମଧ୍ୟରେ ପ୍ରବେଶ କଲେ । ବେଦମତୀ ପିତୃମାତୃ ଶୂନ୍ୟ ହୋଇ ହିମଗିରି ନିକଟରେ ପ୍ରଭୁପ୍ରାପ୍ତି ନିମନ୍ତେ ତପସ୍ୟା ରତ ହେଲେ । ଏପଟେ ଲଙ୍କାର ରାଜା ରାବଣ ବନରେ ବୁଲୁଥିବା ବେଳେ ଦେଖିଲା ଏକ ଅନିନ୍ଦ୍ୟ ସୁନ୍ଦରୀ କନ୍ୟା ବସି ତପସ୍ୟା କରୁଛି । ରାବଣ ସେହି କନ୍ୟା ପାଖରେ ଯାଇ ପ୍ରବେଶ ହେଲା, କହିଲା ହେ ସୁନ୍ଦରୀ ! କାହିଁକି ଏହି ଘନ ଜଙ୍ଗଲ ମଧ୍ୟରେ ମୃଗଚର୍ମ ପରିଧାନ କରି ତପସ୍ୟା କରୁଛ ? ଆସ ମୁଁ ତୁମ୍ଭକୁ ନେଇ ଲଙ୍କାଗଡ଼ରେ ରାଣୀ କରି ରଖିବି । ବେଦମତୀ ସେତେବେଳେ ତପସ୍ୟାରେ ସିଦ୍ଧି ଲାଭ କରି ସାରିଥାନ୍ତି । ତେଣୁ ସେ କହିଲେ ହେ ବିଶ୍ରବା ନନ୍ଦନ ମୁଁ କୁଶଧ୍ୱଜ ରାଜାଙ୍କ ବେଦରୁ ଉତ୍ପନ୍ନ ହୋଇଛି । ମୋର ନାମ ବେଦମତୀ । ମୋର ପିତା ମୋତେ ବିଷ୍ଣୁଙ୍କୁ ପ୍ରଦାନ କରିଛନ୍ତି । ତୁମ୍ଭେ ମୋ ତପସ୍ୟାରେ ବିଘ୍ନ ନଘଟାଇ ତୁମ୍ଭ ଲଙ୍କାଗଡ଼କୁ ବାହୁଡ଼ିଯାଅ । ତେବେ ବେଦମତୀଙ୍କ କୌଣସି କଥା ଶୁଣିବା ପାଇଁ ରାବଣ ପ୍ରସ୍ତୁତ ନଥିଲା । ସେ ବେଦମତୀଙ୍କ ମସ୍ତକର କେଶକୁ ନିଜ ହସ୍ତରେ ସାଉଁଳି ଦେଲା । ବେଦମତୀ ପ୍ରଜ୍ୱଳିତ ଅଗ୍ନିସବ ପରି ଜଳି ଉଠି କହିଲେ ରେ ପାପୀ, ଦୁରାତ୍ମା ଯେଉଁ କେଶକୁ କେହି ଏ ପର୍ଯ୍ୟନ୍ତ ସ୍ପର୍ଶ କରିନଥିଲେ, ତୁ ପାଷାଣ୍ଡ ତାକୁ ସ୍ପର୍ଶ କରି ମୋ ଶରୀରକୁ ତୁ ଅପବିତ୍ର କଲୁ । ଏହା କହି ବେଦମତୀ କେଶକୁ ମୁକୁଳା କରି ଦେଇ ନିଜର ହସ୍ତ ଦ୍ୱାରା ସମସ୍ତ କେଶକୁ ଛେଦି ପକାଇଲେ । ତାଙ୍କ ନେତ୍ରରୁ ଅଗ୍ନିକଣା ବାହାରିବାକୁ ଲାଗିଲା ।

ଅତି କ୍ରୋଧରେ ବେଦମତୀ କହିଲେ ଯେ, ଦୁଷ୍ଟ ମନ୍ଦମତି ! ମୋତେ ଅନ୍ୟ ନାରୀ ସମ ଭାବି ନିଜ ନାରୀ କରିବାକୁ ଇଚ୍ଛା କଲୁ । ମୋ ନେତ୍ର ଅନଳରେ ଜାଳି ତତେ ଭସ୍ମ କରିଦେଇଥାନ୍ତି । କିନ୍ତୁ ମୋତେ ପୁରୁଷ ହତ୍ୟା ଦୋଷ ଲାଗିବ । ତୁ ପାପୀ ମୋର ଏହି ଶରୀର ଆଉ ବିଷ୍ଣୁଙ୍କ ଯୋଗ୍ୟ ନୁହେଁ । ମୋ ଲାଗି ତୋର ବିନାଶ ଘଟିବ । ମୁଁ ଆଉ ଗୋଟିଏ ଜନ୍ମ ନେବି । ରେ ପାପୀ ଦଶାନନ । ମୁଁ ପୁଣି ଥରେ କହୁଛି, ମୁଁ ପୁଣି ଜନ୍ମ ଗ୍ରହଣ କରିବି ତୋର ପ୍ରାଣ ବିନାଶ କରିବି । ଏହିପରି କହି ବେଦମତୀ ନିଜ ନେତ୍ରାନଳରେ ଅଗ୍ନି ପ୍ରଜ୍ୱଳିତ କରି ନିଜ ଶରୀରକୁ ଭସ୍ମ କଲେ । ରାବଣ ବିସ୍ମିତ ହୋଇ ଚାହିଁ ରହିଲା ।

ଶିଖରପୁର ଉପରସାହି, କଟକ, ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯,

## ଲଗାଣ ବର୍ଷା ଯୋଗୁଁ ଫସି ରହିଛି ଟ୍ରକ୍ ; ଯାତ୍ରୀ ହନ୍ତସନ୍ତ



**ବିଷମ କଟକ,(ମହାଭାରତ) :** ଦିର୍ଘ ଦିନ ହେଲା ବିଷମ କଟକ ଠାରୁ ତାଣ୍ଡିକଣା ଛକକୁ ସଂଯୋଗ କରୁଥିବା ୪୮ ନମ୍ବର ରାଜ୍ୟ ରାଜପଥ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛଯାଇଛି କିନ୍ତୁ ଏହି ସଡକରେ ଥିବା ମୁଖ୍ୟତ ଚାରୋଟି ବ୍ରିଜ ଯଥା ବିଷମ କଟକ ମାର୍କମା ନାଳ, ଡଙ୍ଗର ବାଙ୍କ, ବାଟପୁଲିଶି, ତାଣ୍ଡିକଣା କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ ଓ ଏହି ବ୍ରିଜ ଗୁଡାକର ଉଭୟ ପାର୍ଶ୍ବର ପ୍ରାୟ ୫୦୦ ମିଟର ରାସ୍ତା କାମ ହୋଇନାହିଁ ଓ ଏହା ସିଙ୍ଗଲ୍ ରାସ୍ତା ରହିଥିବା ଏବଂ ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ଜମା ଜମା ରହିଛି ଯାହାଫଳରେ ଲଗାଣ ବର୍ଷା ଯୋଗୁଁ ଭାରି ଜାନ ଚଳା ଚଳ ରେ ଅସୁବିଧା ହେଉଛି ଅଧିକାଂଶ ସମୟରେ ମଟର ଗାଡି ଜାମ ଯୋଗୁଁ ଏହି ରାସ୍ତାରେ ନିର୍ଭର କରୁଥିବା ଲୋକମାନଙ୍କ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହି ରାସ୍ତାରେ ଯାତାୟାତ କରିବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ପ୍ରାୟ ଅଧିକାଂଶ ସମୟରେ ଛଟ ବଡ ଦୁର୍ଘଟଣା ରେ ଧନ ଜୀବନ ନଷ୍ଟ ହେଉଛି । ଏହି ରାସ୍ତା କୁ ଯଥା ଶୀଘ୍ର ମରାମତି କରିବା ଓ ନୂତନ ବ୍ରିଜ୍ ନିର୍ମାଣ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ଲଗାତାର ବର୍ଷା ଯୋଗୁଁ ରାଜ୍ୟରେ ଧନ ଜୀବନ ନଷ୍ଟ



**କନ୍ଧମାଳ,(ମହାଭାରତ) :** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ମଧ୍ୟ ବର୍ଷା ଲାଗି ରହିଥିବାରୁ ବ୍ଲକର ଅନେକ ଯାଗାରେ କ୍ଷୟକ୍ଷତି ମଧ ହେଇଛି । ସୂଚନା ଅନୁଯାୟୀ ଏହି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ କାଶିନିପଦର ଗ୍ରାମପଞ୍ଚାୟତର ଶାଶିପଦର ଗ୍ରାମରେ ପାଣ କୁଳ ସମାଜ ଗ୍ରାମ୍ୟ କମିଟି ଦ୍ୱାରା ମୈ ।ଖିକ ଭାବରେ ଗ୍ରାମରେ ଥିବା ପ୍ରତ୍ୟେକ ପରିବାର ପିଛା ପାଞ୍ଚଶହ ଟଙ୍କା ଆଦାୟ କରି ଗ୍ରାମରେ ଏକ ଆଦିବେଷ୍ଟ୍ ଛପରେ ପାଣ କୁଳ ସମାଜ ଗୃହ ନିର୍ମାଣ କରି ସମାଜର ମାସିକ ବୈଠକ ଏବଂ ବିଭିନ୍ନ ସମାଜର କାର୍ଯ୍ୟ କରି ଆସୁଥିବା ବେଳେ । ଲଘୁଚାପ ପ୍ରଭାବରେ ଲଗାତାର ବର୍ଷା ଯୋଗୁଁ ସମାଜ ଗୃହ ଟି ସମ୍ପୁର୍ଣ୍ଣ ଭାଙ୍ଗି ନଷ୍ଟ ହେଇଯାଇଛି । ସମାଜ ଗୃହ ସମ୍ପୁର୍ଣ୍ଣ ଭାଙ୍ଗି ନଷ୍ଟ ହେଇଥିବା ବେଳେ ଶାଶିପଦର ପାଣ କୁଳ ସମାଜ ଗ୍ରାମ୍ୟ କମିଟିର ସଭାପତି ଦିବ୍ୟପ୍ରସାଦ ଦିଗାଲ , ସମ୍ପାଦକ ସୁନାଶିର ଦିଗାଲ , କୋଷାଧ୍ୟକ୍ଷ ମାନସ ଦିଗାଲ, ଉପଦେଷ୍ଟା ବାଳକୃଷ୍ଣ ଦିଗାଲ, କେଶବ ଦିଗାଲ , ମାୟାଧର ଦିଗାଲ, ତାପସ କୁମାର ଦିଗାଲ , ବିନଦ ଦିଗାଲ, ବଳଭଦ୍ର ଦିଗାଲ , ଦୁଃସାଶନ ଦିଗାଲ, ଆଲୋକ ଦିଗାଲ , ଅଲେଖ ଦିଗାଲ, ମାଧବ ଦିଗାଲ, ପାଣ ସମ୍ପ୍ରଦାୟ ଲୋକମାନେ ଦୁଖଃ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ କୁ ପୁଣି ସମାଜ ଗୃହ ଯେମିତି ପୂର୍ଣ୍ଣ ନିର୍ମାଣ କରାଯାଇ ପାରିବ ସେଥି ପ୍ରତି ସାହାଯ୍ୟ କରିବା ପାଇଁ ଦାବି କରିଛନ୍ତି ।

## ବିପିସିଏଲ ସିଟି ଗ୍ୟାସ ଷ୍ଟେସନକୁ ନେଇ ବଢୁଛି ଅସନ୍ତୋଷ

**ବ୍ୟାସନଗର,(ମହାଭାରତ) :** କୋରେଇ ବ୍ଲକ ବ୍ୟାସନଗର ତହସିଲର ବଡ଼ବିରୁହାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ ଅଧୀନସ୍ଥ ଛୋଟରାୟପୁରରେ ବିପିସିଏଲ୍ ସିଟି ଗ୍ୟାସ ଷ୍ଟେସନ ସ୍ଥାପନ କରାଯାଇଛି । ଏହାକୁ ନେଇ ସ୍ଥାନୟା ଲୋକେ ଆତଙ୍କିତ । ଏଥିସହ ବିପିସିଏଲ୍ ପକ୍ଷରୁ କୌଣସି ସ୍ଥାନୀୟ ନିଯୁକ୍ତି ନ ଥିବାରୁ ଏ ଅଞ୍ଚଳର ଲୋକେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି । କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ସଂସ୍ଥା ଭାରତ ଗ୍ୟାସ ରିସୋର୍ସେସ ଲିମିଟେଡର ସହରାଞ୍ଚଳରେ ଗ୍ୟାସ ବିତରଣ କେନ୍ଦ୍ର ପାଇଁ ପ୍ରସ୍ତାବ ରହିଥିଲା ଓ ଛୋଟରାୟପୁର ମୌଜା ଖାତା ନଂ୫୬୯, ପ୍ଲଟ ନଂ-୯୯ -୯୯୦୦୦ ୧୨.୭୮ ଡିସିମିଲ ଗୋଚର ଜମିର କିସମ ପରିବର୍ତ୍ତନ କରାଯିବା ନିମନ୍ତେ ସ୍ଥାନୀୟ ଗ୍ରାମବାସୀଙ୍କୁ ନୋଟିସ ଜାରି କରାଯାଇଥିଲା । ନୋଟିସ ଜା ଜାରି ପରେ ସ୍ଥାନୀୟ ଅଞ୍ଚଳର ଲୋକେ ଏହାକୁ ତୀବ୍ର ବିରୋଧ କରିଥିଲେ । ଏହି ଜମି ଗ୍ରାମର ଏକମାତ୍ର ଗୋଟ ଗାଚର ଜମି ହୋଇଥିବାରୁ ଏଠାରେ ପ୍ରକଳ୍ପ କରାଗଲେ ଗ୍ରାମରେ ଚାରଣ ଭୂମି ସମସ୍ୟା ଦେଖାଯିବ ବୋଲି ଅଭିଯୋଗ କରିଥିଲେ ।



## ସରକାରୀ ଯନ୍ତ୍ରୀଙ୍କୁ ଆକ୍ରମଣ ଥାନାରେ ଅଭିଯୋଗ

**ବରୀ,(ମହାଭାରତ) :** ବରୀ ବ୍ଲକର ସରକାରୀ ଯନ୍ତ୍ରୀ ସନ୍ଦୀପ କୁମାର ଦାସଙ୍କୁ ଆକ୍ରମଣ କରିବା ନେଇ ବରୀ ରାମଚନ୍ଦ୍ରପୁର ଥାନାରେ ବରୀ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ପଂଚାନନ ମଲିକ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ଯୋଗ୍ୟ ଅରଙ୍ଗାବାଦ ପଂଚାୟତର ଉମେଶ ଚନ୍ଦ୍ର ଦାସ( (ବାବାଜୀ) ଏକ କାର୍ଯ୍ୟର ବିଲ ପୈଠ କରିବାକୁ ବାଧ କରି ସରକାରୀ ଯନ୍ତ୍ରୀ ସନ୍ଦୀପ ଦାସଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଷା ଯାଇଛି । ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବରୀ ଥାନା ଅଧିକାରୀଣି ସୁକାନ୍ତି କୁମାରୀ ମହାନ୍ତି ମତ ରଖିଛନ୍ତି । ବାସ୍ତବରେ ବରୀ ବିଡିଓଙ୍କ ଅଭିଯୋଗ ଅନୁଯାୟୀ ଠିକାଦାର ଉମେଶ ଦାସଙ୍କୁ ଏ ବିଷୟରେ ପଚାରିବାରୁ ବରୀ ବ୍ଲକ ପରିସରରେ ରହିଥିବା ଶିଶି ଟିଭି ଯାଞ୍ଚ କରାଗଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି କହିଛନ୍ତି ।

## ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**ଆସିକା,(ମହାଭାରତ) :** ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ରେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧିନ ରେ ପରୀକ୍ଷା ଦେଉଥିବା ସମସ୍ତ ସ୍ନାତକୋତ୍ତର ଓଡ଼ିଆ ୨୦୨୨-୨୪ ବ୍ୟାଚ ର ଛାତ୍ର ଛାତ୍ରୀଙ୍କୁ ନେଇ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଗଣେଶ୍ୱର ମାଝୀ, ସମ୍ମାନିତ ଅତିଥି ଭାବେ ଶିକ୍ଷା କେନ୍ଦ୍ର ସଂଯୋଜକ ଡ଼କ୍ଟର ସରୋଜ କୁମାର ଜେନା, ପ୍ରାଧାପିକା ଡ଼. ସ୍ମିତାରାଣୀ ପଣ୍ଡା, ଅଧାପିକା ସସ୍ମିତା କୁମାରୀ ପାତ୍ର, ଅଧାପକ କେ ଓମ ନାରାୟଣ ରାଓ, ଅଧାପିକା ଡ଼. ଲିନା ଲିଲିଆନ, ଅଧାପିକା ଉର୍ମିଳା ମୁଦୁଲି, ଅଧାପିକା ଚାନ୍ଦିନୀ ସେଠୀ, ଅଧାପକ ବି. ପାଣ୍ଡୁ ରେଡ୍ଡୀ, ଲକ୍ଷ୍ମଣ ସୋରେନ ପ୍ରମୁଖ ମଞ୍ଚାସୀନ ଥିଲେ /ଏହି କାର୍ଯ୍ୟକ୍ରମରେ ଦେବାଶିଷ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଶୁତୋଷ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଶିବ ପ୍ରସାଦ ଗୌଡ଼, ନାସିରୁଦ୍ଦିନ ଖାନ,ସିଦ୍ଧାନ୍ତ କୁମାର ଗୌଡ଼ ବିଶ୍ୱଜିତ ସ୍ୱାଇଁ, ମାମିନି ମହାନ୍ତି, ଗୌରୀ ବିଷୋୟୀ, ବିଶେଷ ସହଯୋଗ କରିଥିଲେ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ କାମନା କରି ଅଧାପିକ ଓ ଅଧାପିକା ମାନେ ଅନେକ ଉପଦେଶ ଦେଇଥିଲେ ।

## ପଞ୍ଚମ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍ ଉଦ୍‌ଘାଟନ

**କଳାହାଣ୍ଡି,(ମହାଭାରତ) :** ପବନ ଅଗ୍ରୱାଲ ମେମୋରିଆଲ ପଞ୍ଚମ କଳାହାଣ୍ଡି ଜିଲ୍ଲା ବ୍ୟାଡ଼ମିଣ୍ଟନ ଚାମ୍ପିୟନସିପ ସ୍ଥାନୀୟ ଭବାନୀପାଟଣା ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମ ଠାରେ କଳାହାଣ୍ଡି ବ୍ୟାଡ଼ମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ର ସହଯୋଗରେ ଉଦଘାଟନ ହୋଇଯାଇଅଛି ଓ କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର ସଭାପତି ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ହୋଇଥିବା ଉଦଘାଟନୀ ଉତ୍ସବରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ତନ୍ମୟ ଦରୱାନ ମୁଖ୍ୟ ଅତିଥି ଭାବରେ ଉପସ୍ଥିତି ଥିବାବେଳେ ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ଅନ୍ୟତମ ଅତିଥି ଭାବରେ ଉପସ୍ଥିତ ରହିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ସନ୍ଦୀପ ମିଶ୍ର, ରାଜ୍ୟ ବ୍ୟାଡମିଣ୍ଟନ ସିଓସି ଉପ ଅଧ୍ୟକ୍ଷ ମନୋରଞ୍ଜନ ଦାସ, ବରିଷ୍ଠ ଉପସଭାପତି ଅରୁଣ ରଥ, ଅନ୍ୟତମ ଉପସଭାପତି ସମୀର ସାହୁ, ପ୍ରଣତି ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ଶିବାଶିଷ ବିଶି ମଞ୍ଚ ପରିଚାଳନା କରିଥିଲେ ଓ ସର୍ବପ୍ରଥମେ ସମସ୍ତ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ସ୍ୱର୍ଗତ ପଓ୍ୱନ ଅଗ୍ରୱାଲଙ୍କ ଫୋଟୋଚିତ୍ରରେ ପୁଷ୍ପମାଳା ଦିଆଯାଇଥିଲା ଓ ଏହାପରେ କୁନି ଖେଳାଳିମାନଙ୍କ ଦ୍ୱାରା ସମସ୍ତ ଅତିଥିମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା ଓ ଏହାପରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଦରୱାନଙ୍କୁ ସଂଘର ସଭାପତି ପ୍ରଦୀପ ଦାସ ଉପଢୌକନ ଦେଇ ସମ୍ମାନିତ କରିଥିଲେ, ତଥା ସମସ୍ତ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା ଓଏହାପରେ ସଂଘର ସଭାପତି ସ୍ୱାଗତ ଅଭିଭାଷଣରେ କଳାହାଣ୍ଡିରେ ଗୋଟିଏ ଆନ୍ତର୍ଜାତିକ ଇନଡୋର ଓ ବ୍ୟାଡମିଣ୍ଟନର ଉନ୍ନତି ପାଇଁ ଏକ କୋଚିଂ ଏକାଡେମୀର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ ।ଏହାପରେ ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଖେଳାଳି ଙ୍କୁ ଉତ୍ସାହିତ କରିବା ସହ ସମସ୍ତ ସୁବିଧା ଓ ସୁଯୋଗ ଯୋଗାଇଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଦୁଇ ଦିନ ଧରି ଏହି ପ୍ରତିଯୋଗିତା ରେ କଳାହାଣ୍ଡିର ବିଭିନ୍ନ ବ୍ଲକ ରୁ ସମୁଦାୟ ୧୬୧ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ।ସଂଘ ତରଫରୁ ବରିଷ୍ଠ ସଦସ୍ୟ ମହେଶ କୁକ୍ରେଜା ଙ୍କୁ ପ୍ରତିଯୋଗିତାର ସାଙ୍ଗଠନିକ ସମ୍ପାଦକ ଓ ପ୍ରତିଯୋଗିତା ପରିଚାଳନା ପାଇଁ ଅଭିଜ୍ଞ ରାଜ୍ୟ ସ୍ୱୀକୃତି ଅମ୍ପାୟାର ସମୀର ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଦୀପକ ସାଗର ଙ୍କୁ ପ୍ରତିଯୋଗିତା ପରିଚାଳକ ଦାୟିତ୍ୱ ଦିଆଯାଇଥିଲା ।ସହଯୋଗ କରିବା ପାଇଁ ରାକେଶ ବେମାଲ,ଜିତେନ୍ଦ୍ର ମିଶ୍ର,ଅନିଶ ହାସଦା, ସୁମନ ପାଣିଗ୍ରାହୀ,ଜୟପ୍ରକାଶ ଜେନା ଓ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ ଙ୍କୁ ନିୟୋଜିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଂଘ ର ସରୋଜ ମହାରଣା,ପରେଶ ପ୍ରଧାନ, ସାଇକୁମାର ସିଂ ସାମନ୍ତ, ରବି ସାହୁ,ଶକ୍ତି ଯୋଶୀ,ସନ୍ଦୀପ ଦାସ, ଅଶୋକ ପତି, ହେମନ୍ତ ମିଶ୍ର,ମାଣିକେଶ୍ୱରୀ ମହାପାତ୍ର, ବସନ୍ତ ଦୋରା, ସୁନୀଲ ଅଗ୍ରୱାଲ, ରଞ୍ଜିତ ସାହୁ,କମଳ ଅଗ୍ରୱାଲ,ଚତୁର୍ଭୁଜ ନାଏକ, ମନୀଷ ଦାସ ପ୍ରମୁଖ ସହଯୋଗ କରିଥିଲେ ।



## ଅପହରଣ ମାମଲାରେ ଚାରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ

**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଆଦର୍ଶ ଥାନା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧୀକାରୀ ପ୍ରଶାନ୍ତ କୁମାର ଭୁପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ ମିନି ଲିମା ନାମକ ମହିଳା ଜଣକ ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ ଦେଇଥିଲେ ତାଙ୍କ ସ୍ୱାମୀଙ୍କୁ କେହି ଜଣେ ବ୍ୟକ୍ତି କାରରେ ଆସି ଅପହରଣ କରି ନେଇଥିଲେ ତାଙ୍କ ସ୍ୱାମୀଙ୍କ ଅପହରଣ ପରେ ୩୦ ଲକ୍ଷ ଟଙ୍କା ଦାବି କରିଥିଲେ । ଟଙ୍କା ନ ଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଏହା ପରେ ସେ ସ୍ୱାମୀଙ୍କୁ ମୁକୁଳେଇବା ପାଇଁ ଫୋନ ପେ ମାଧ୍ୟମରେ ଛଅ ଲକ୍ଷ ଟଙ୍କା ଦେଇଥିଲେ । ଟଙ୍କା ଦେବା ପରେ ସ୍ୱାମୀଙ୍କୁ ନ ପାଇବାରୁ ଥାନାରେ ଅଭିଯୋଗ ଦେଇଥିଲେ ।ମିନି ଲିମାଙ୍କ ଅଭିଯୋଗ ପ୍ରକାରେ ପାରଳାଖେମୁଣ୍ଡି ଥାନା ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା । ତଦନ୍ତ ପରେ ତାଙ୍କ ସ୍ୱାମୀ ଙ୍କୁ ଚିଲିକାର ଗୋଟିଏ ହୋଟେଲ୍ ରୁ ପୋଲିସ ଉଦ୍ଧାର କରିଥିଲା ।ସେହି ସ୍ଥାନରେ ଚାରିଜଣ ଅଭିଯୁକ୍ତ କାରୀଙ୍କୁ ପାରଳାଖେମୁଣ୍ଡି ପୋଲିସ ଗିରଫ କରିଛି ।ଉକ୍ତ ଅଭିଯୁକ୍ତ ମାନେ ହେଲେ ଦୀପକ ବେହେରା, କବିରାଜ ମାଳି, ଚୈତନ୍ୟ ମାଳି ,ସୀବାଜି ମାଳି । ଏମାନଙ୍କ ମଧ୍ୟରୁ ଦୀପକ୍ ବେହେରା ଗଞ୍ଜାମ ଜିଲ୍ଲାର ହୋଇଥିବା ବେଳେ ଅନ୍ୟ ତିନିଜଣ ଗଜପତି ଜିଲ୍ଲାର ବୋଲି ଜଣାପଡ଼ିଛି । ଘଟଣା ସ୍ଥଳରୁ ପାଞ୍ଚୋଟି ମୋବାଇଲ ସହ ନକଲି ଟଙ୍କା ତିଆରି ମେସିନ୍ ଜବତ କରିଛି ପାରଳାଖେମୁଣ୍ଡି ପୋଲିସ୍ ।ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଗଣମାଧ୍ୟମକୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।



## ବିଧାୟକଙ୍କ ହସ୍ତକ୍ଷେପ ପରେ ବଦଳିଲା ପରୀକ୍ଷା କେନ୍ଦ୍ର



**କରଞ୍ଜିଆ,(ମହାଭାରତ) :** ଠାକୁରମୁଣ୍ଡା ବ୍ଲକରେ ନୂତନ ଭାବେ ଖୋଲିଥିବା ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ପାଇଁ ଆଗାମୀ ୪ ତାରିଖରେ ପ୍ରବେଶିକା ପରୀକ୍ଷା ହେବ । ମାତ୍ର ପରୀକ୍ଷା କେନ୍ଦ୍ର ୧୨୦ କିମି ଦୂର ବହଳଦା ଏକଲବ୍ୟ ବିଦ୍ୟାଳୟରେ ହେବ ବୋଲି ଆଡମିଟ କାର୍ଡ ପ୍ରଦାନ କରାଯାଇଥିଲା । ଅଭିଭାବକ ଏ ନେଇ ଖୁବ ଚିନ୍ତା ବ୍ୟକ୍ତ କରିବା ସହ ବିଧାୟକଙ୍କ ନିକଟରେ ଆପତ୍ତି ଜଣାଇ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ । ଗଣମାଧ୍ୟମକୁ ମଧ୍ୟ ସମସ୍ୟା ଖବର ପ୍ରସାରଣ କରି ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରିଥିଲେ । ବିଧାୟକ ଜିଲ୍ଲାପାଳ, ଓଡିଶା ମଡେଲ ଟ୍ରାଇବାଲ ଏଜୁକେସନ ସୋସାଇଟି ସଚିବ ତଥା ନିର୍ଦ୍ଦେଶକଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବାରେ ସଫଳ ହୋଇଥିଲେ । ଓଏମଟିଇଏସ୨୬ ଜୁଲାଇ ଚିଠି ନଂ ୮୯୯ ଯୋଗେ ବିଧିବଦ୍ଧ ବିଜ୍ଞପ୍ତି ଜାରି କରି ପରୀକ୍ଷା କେନ୍ଦ୍ର ବହଳଦା ପରିବର୍ତ୍ତେ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ( କନ୍ୟାଶ୍ରମ ) ରେ ୪ ତାରିଖରେ ଆୟୋଜିତ ହେବ ବୋଲି ଜଣାଇଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇଛି । ସମସ୍ତେ ବିଧାୟକ ଏବଂ ଗଣମାଧ୍ୟମର ପ୍ରଶଂସା କରୁଛନ୍ତି ।

## ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ କାର୍ଗିଲ ବିଜୟ ଦିବସ ପାଳିତ

**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ରାଜ୍ ନହର ଠାରେ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ବାଳ କୃଷ୍ଣ ପାତ୍ର ଙ୍କ ନେତୃତ୍ୱରେ ୨୫ ତମ କାର୍ଗିଲ ବିଜୟ ଦିବସ ପାଳିତ ହୋଇ ଯାଇଛି । କାର୍ଗିଲ ଯୁଦ୍ଧରେ ଶହୀଦ ହୋଇ ଥିବା ଯୋଦ୍ଧା




ମାନଙ୍କ ଫୋଟ ଚିତ୍ର ରେ ପୁଷ୍ପମାଲ୍ୟାର୍ପଣ କରି ବିଜୟ ଦୀପ ପ୍ରଜ୍ୱଳନ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ବୀର ଯବାନ ମାନଙ୍କୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଜେପିର ବହୁ କର୍ମୀ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଉପସ୍ଥିତ ରହି ଶହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବିଜେପିର ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, କେପଟେନ ମଲ୍ଲିକାର୍ଜୁନ, କାଉନସିଲର ବାବୁନା ବେହେରା, କୈଳାସ ଚନ୍ଦ୍ର ପଟ୍ଟନାୟକ, ହରି ମୋହନ ପଟ୍ଟନାୟକ, ଲୋକ ନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଟାଟାଷ୍ଟିଲ୍ ଯୋଡ଼ା ପକ୍ଷରୁ ସ୍ତନକର୍କଟ ସଚେତନତା




**ଯୋଡ଼ା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଟାଟା ଟ୍ରଷ୍ଟ ସହଯୋଗରେ, ଟାଟା ଷ୍ଟିଲ୍ ଯୋଡ଼ାର ଓଏମକ୍ୟୁ (ଖଣିଜ, ଖଣି ଓ ଖନନ) ଡିଭିଜନ ପକ୍ଷରୁ ଶୁକ୍ରବାର ଦିନ ଆଖପାଖ ଲୋକ ଓ ମହିଳା କର୍ମଚାରୀମାନଙ୍କ ମଧ୍ୟରେ ସ୍ତନ କର୍କଟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ (ଉଭୟ ଅଧିକାରୀ ଏବଂ ଅଣ-ଅଧିକାରୀ) ଅଂଶଗ୍ରହଣ କରିଥିଲେ ଯେଉଁଥିରେ ଠିକା କର୍ମଚାରୀ ଏବଂ ଏହାର ଆଖପାଖ ଅଞ୍ଚଳର ମହିଳାମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାମସେଦପୁରସ୍ଥିତ ଟାଟା ଷ୍ଟିଲର ମେଡିକାଲ ସର୍ଭିସେସ ର ମହାପ୍ରବନ୍ଧକ ( ପଦବୀ ଗ୍ରହଣ କରିବାକୁ ଯାଉଥିବା) ଡାକ୍ତର ବିନିତା ସିଂହ, ଜାମସେଦପୁରସ୍ଥିତ ଟାଟା ମେନ୍ ହସ୍ପିଟାଲର ମେଡିକାଲ ଅଙ୍କୋଲୋଜି କନସଲଟାଣ୍ଟ ତଥା ଭାରପ୍ରାପ୍ତ ଡାକ୍ତର ଅମିତାଭ କୁମାର ଉପାଧ୍ୟାୟ ଯୋଗ ଦେଇଥିଲେ । କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ଉପାଧ୍ୟାୟ ସ୍ତନ କର୍କଟ ମୁକାବିଲାରେ ସଚେତନତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରାରମ୍ଭିକ ଚିହ୍ନଟ ଚିକିତ୍ସା ଫଳାଫଳରେ ଯଥେଷ୍ଟ ଉନ୍ନତି ଆଣିଥାଏ ବୋଲି ସେ କହିଥିଲେ ଏବଂ ମହିଳାମାନଙ୍କୁ ନିୟମିତ ସ୍କ୍ରିନିଂ ଏବଂ ସ୍ୱାସ୍ଥ୍ୟ ପରୀକ୍ଷାକୁ ପ୍ରାଥମିକତା ଦେବାକୁ ଅନୁରୋଧ କରିଥିଲେ । ନୂଆମୁଣ୍ଡିଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଏମକ୍ୟୁର ମହାପ୍ରବନ୍ଧକ ଅତୁଲ କୁମାର ଭଟ୍ଟନାଗର, ଓଏମକ୍ୟୁର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଧୀରେନ୍ଦ୍ର କୁମାରଙ୍କ ସମେତ ସ୍ଥାନୀୟ ବ୍ଲକ ସଦସ୍ୟ ଓ ଆଖପାଖ ଲୋକମାନେ ଉପସ୍ଥିତ ଥିଲେ । ଏହି ଅଧିବେଶନର ଉଦ୍ଦେଶ୍ୟ ଅଂଶଗ୍ରହଣ କାରୀମାନଙ୍କୁ ସ୍ତନ କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ, ଲକ୍ଷଣ ଏବଂ ଉପଲବ୍ଧ ଚିକିତ୍ସା ବିଷୟରେ ସଚେତନତା କରିବା । ଏହି ପଦକ୍ଷେପ ଟାଟା ଷ୍ଟିଲର କର୍ମଚାରୀ ଏବଂ ଆଖପାଖ ଲୋକଙ୍କ ମଧ୍ୟରେ ଉତ୍ତମ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତାକୁ ଦର୍ଶାଉଛି ।

## ଖଣି ଅନିୟମିତତା ରୋକିବା ପାଇଁ ଯୋଡରେ ସ୍ୱତନ୍ତ୍ର ଟିମ୍

***ଯୋଡା,(ମହାଭାରତ) :*** କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ର ବିଭିନ୍ନ ଖଣି କୁ ଏକ ସ୍ୱତନ୍ତ୍ର ଟିମ୍ ଦୁଇ ଦିନ ଧରି ଯାଞ୍ଚ କରୁଛି ।ଶନିବାର ପ୍ରାୟ ୮ଜଣିଆ ଟିମ୍ ଯୋଡା ଖଣି ମଣ୍ଡଳ ର ଠାକୁରାଣୀ ,ଦେଓଝର, ଯୁରୁଡୀ,ପ୍ରଭୃତି ଅଞ୍ଚଳରେ ଥିବା ବିଭିନ୍ନ ଖଣି ଗୁଡ଼ିକର ଯାଞ୍ଚ କରିଛନ୍ତି । ଏତଦବ୍ୟତୀତ ଏହି ଟିମ୍ ରାଜପଥ ର ଟୋଲ ଗେଟ୍ ରେ ଖଣିଜ ପରିବହନ ହେଉଥିବା ଟ୍ରକ୍ ଗୁଡ଼ିକୁ ଯାଞ୍ଚ କରିବା ସହିତ ପରିବହନରେ ବ୍ୟବହୃତ ଟ୍ରକ ପାସକୁ ମଧ୍ୟ ଯାଞ୍ଚ କରିଛି । ନାମକୁ ଗୋପନରେ ରଖି ସ୍ୱତନ୍ତ୍ର ଟିମ୍ ର ଜୈନେକ ସଦସ୍ୟ କହିଛନ୍ତି ଯେ,ଗୋଟିଏ ଟ୍ରାଞ୍ଜିଟ ପାସରେ ଏକାଧିକ ଥର ପରିବହନ ହେଉଥିବା ଭଳି ବେଆଇନ ପରିବହନ ସମ୍ବନ୍ଧରେ ଖବର ପାଇବା ପରେ ଏହାକୁ ରୋକିବା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଇ ଏହି ସ୍ୱତନ୍ତ୍ର ଟିମ୍ କୁ ଯୋଡା ଖଣି ମଣ୍ଡଳ କୁ ପଠାଇ ଛନ୍ତି । ଖଣିଜ ଚୋରା କାରବାରକୁ ରୋକିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାର ଙ୍କ ଏହା ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ବୋଲି ଜଣାପଡିଛି । ଆସନ୍ତା କାଲି ରବିବାର ଛୁଟି ଦିନ ହୋଇଥିଲେ ସୁଦ୍ଧା ଏହି ଟିମ୍ ଯାଞ୍ଚ ପ୍ରକ୍ରିୟା କୁ ତ୍ୱରାନ୍ୱିତ କରିବ ବୋଲି ସୂଚନା ମିଳିଛି ।

## ବ୍ୟାସନଗ୍ ଗୋଲାଇ ଛକ ରାସ୍ତା ପାଲିଟିଛି ମରଣ ଜନ୍ତା



**ବ୍ୟାସନଗର,(ମହାଭାରତ) :** ବ୍ୟାସନଗ୍ ଗୋଲାଇ ଛକ ରାସ୍ତା ମରଣ ଗନ୍ତାଘର ସାଜିଛି ରାସ୍ତା ରେ ବଡ ବଡ଼ ଗାତ ହୋଇ ଯାଇଛି ଏହି ରାସ୍ତା ଦେଇ ପ୍ରତିଦିନ ଲକ୍ଷ୍ୟ ଲକ୍ଷ୍ୟ ଜନସାଧାରଣ ଚଳପ୍ରଚଳ କରିଆସୁଛନ୍ତି ବହୁତ ଦୃଘଟଣା ଶିକାର ହଉଛନ୍ତି ମିଲଟାରୀ ଛକ ଠାରୁ ଗୋଲାଇ ଛକ ରାସ୍ତା ବି ବିପର୍ଯୟ ଅବସ୍ତା ହୋଇପଡିଛି ନା ସେଠାର ଲଗାଯାଇଥିବା ଲାଇଟ ଜଳୁଛି ନା ରାସ୍ତା ମରାମତି ହଉଛି ଯାହା ଫଳରେ ବହୁତ ଜୀବନ ଯାଉଛି ଚୋରି ଲୁଟ ବଢିବାର ଲାଗିଛି ଏଥି ପ୍ରତି ର,ଏଣ୍ଡ,ବି ଏବଂ କେ,ନ, ଡି, ଏ ଅଧିକାରୀ ବାବୁଙ୍କୁ ଜଣାଇବା ପରେବି ତାଙ୍କର କିଛି ପ୍ରତିକ୍ରିୟା ମିଳୁନାହିଁ ନା ରାସ୍ତା ମରାମତି କରୁଛନ୍ତି ଲାଇଟ ଗୁଡିକ ବାଗଉଛନ୍ତି ।




# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ପନିପରିବା ଦର ଆକାଶ ଛୁଆଁ ଚିନ୍ତାରେ ଖାଉଟି

### ହାଣ୍ଡି ଶାଳରେ ପରିବା ମାଡ଼



କୋକସରା,(ମହାଭାରତ): ଦୈନନ୍ଦିନ ଜୀବନରେ ଖାଉଟି ସାମଗ୍ରୀର ବହୁ ମାତ୍ରାରେ ଆବଶ୍ୟକତା ରହିଛି। ଆଉ ଏହି ଖାଉଟି ସାମଗ୍ରୀର ଦର ଦାମ୍ ଏପରି ଭାବେ ହୁହୁ ହୋଇ ବଢ଼ି ଚାଲିଛି। ଶ୍ରାବଣ ମାସରେ ପ୍ରାୟତଃ ଲୋକ ନିରାମିଷ ହୋଇଥାନ୍ତି। ମଉକା ଦେଖି ଛକା ମାରୁଛନ୍ତି ପନିପରିବା ବିକାଳୀ ବର୍ତ୍ତମାନ ବଜାରରେ ପନିପରିବା ଦର ଆକାଶଛୁଆଁ। ପରିବା ଦର କଥା ଶୁଣି ବଜାରରୁ ଖାଲି ହାତରେ ଘରକୁ ଫେରୁଛନ୍ତି ଲୋକେ। କେଜି ପ୍ରତି ଟମାଟୋ ଓ ଫୁଲ କେବି ଶହେ ଟଙ୍କା ପାର୍ ହୋଇଥିବା ବେଳେ ପୋଟଳ ୬୦, ବନ୍ଧାକୋବି ୭୦ ଗାଜର ୮୦, ଆଳୁ ୪୦, ପିଆଜ ୪୦, ବିନ୍ସ ୬୦, ହରଡ଼ ଡାଲି ୧୮୦ ଥିବା ବେଳେ ତେଲ ମଧ୍ୟ ୧୫୦ ପାର ହୋଇଗଲାଣି। ଜିରା ଆଉ ରସୁଣ ଦର୍ କଥା ଶୁଣିଲେ ରକ୍ତଚାପ ବଢ଼ିଯିବ ତିନି ମାସ ତଳେ ୩୦୦ ଶହ ଟଙ୍କା ଧରି ବଜାରକୁ ଗଲେ ଯେଉଁ ବ୍ୟାଗ୍ ଭର୍ତ୍ତି ହୋଇ ଯାଉଥିଲା ଏବେ ୫୦୦ ଶହ ଟଙ୍କା ଧରି ବଜାରକୁ ଗଲେ ସେହି ବ୍ୟାଗ୍ ର ଅଧା ମଧ୍ୟ ଭର୍ତ୍ତି ହୋଇ ନାହିଁ। ଏକ ପ୍ରକାରର ଗରିବ, ଖଟିଖିଆ,କୁଲି ମଜୁରିଆ ଶ୍ରେଣୀର ଲୋକଙ୍କୁ ବଜାରକୁ ପ୍ରବେଶ ମନା ଭଳି ପରିସ୍ଥିତି ହୋଇ ଗଲାଣି। ଯଦି ଏଭଳି ପନିପରିବା ଦର ଦାମ୍ ବଢ଼ି ବଢ଼ି ଚାଲିବ ତାହା ହେଲେ ଗରିବ, ଖଟିଖିଆ କୁଲି ମଜୁରିଆ ପରିବାରର ଲୋକେ ଭୋକ ଉପାସରେ ଦିନ କାଟିବେ ବୋଲି ଲୋକେ କୁହା କୁହି ହେଉଛନ୍ତି । ସରକାର ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ଅସଫଳ ହେଉଥିବା ଯୋଗୁଁ ତାର ପରିଣାମ ଖାଉଟି ତଥା ସାଧାରଣ ଲୋକ ଭୋଗୁଥିବା ଦେଖିବାକୁ ମିଳୁଛି। କୃଷକ ମଧ୍ୟ ନିଜ ଉତ୍ପାଦିତ ଶସ୍ୟ,ପନିପରିବାକୁ କମ୍ ଦାମରେ ବ୍ୟବସାୟୀ ପାଖରେ ବିକ୍ରି କରୁଥିବା ବେଳେ ସମୟ ଆସିଲେ ତାହାର ଦରଦାମ୍ ଦୁଇ ଗୁଣିତ ହେଉଛି । ଏ ଦିଗରେ ସରକାର ତଥା ପ୍ରଶାସନ ମଧ୍ୟ ନିରବତା ଅବଲମ୍ବନ କରୁଥିବାରୁ ଦୋକାନ ବଜାରରେ ଖାଉଟି ସାମଗ୍ରୀର ଦରଦାମ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏଣୁ ପ୍ରଶାସନ ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣ କରିବା ଦିଗରେ ଦୃଷ୍ଟି ଦେବାକୁ ସର୍ବ ସାଧାରଣରେ ଦାବୀ ହେଉଛି ।

## ରାୟଗଡ ଜିଲ୍ଲାରେ କୌଶଳ ରଥ ପରିକ୍ରମା

### ଯୁବ ଦକ୍ଷତା ବିକାଶର ପ୍ରଚାର




ରାୟଗଡ(ମହାଭାରତ):୨୦୨୪ଖ୍ରି, ଗତ ୧୫ତାରିଖ ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଦକ୍ଷତା ରଥ ଗୁଣପୁର ଗାନ୍ଧୀ ଯାନ୍ତ୍ରିକ ମହାବିଦ୍ୟାଳୟ ଠାରେ ୨୨ତାରିଖ ସନ୍ଧ୍ୟାରେ ପହଁଚିବା ପରେ ୨୩ତାରିଖ ଦିନ ଗୁଣପୁର ଉପ ଜିଲ୍ଲାପାଳ ସୁଶ୍ରୀ କିରନ ଦୀପ କୌରଙ୍କ ଦ୍ୱାରା ଶୁଭାରମ୍ଭ ହୋଇ ରାୟଗଡ଼ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ବୁଲି ଯୁବକ ମାନଙ୍କୁ ଦକ୍ଷତା ବିକାଶ ଉପରେ ସଚେତନ କରିବା ନିମନ୍ତେ ପରିକ୍ରମା କରିଥିଲା । ଗୁଣପୁର ବସ ଷ୍ଟାଣ୍ଡ ନିକଟରେ ଏକ ରୋଡ ସୋ ର ଶୁଭାରମ୍ଭ ସମୟରେ ଉପ ଜିଲ୍ଲାପାଳ ଗୁଣପୁରଙ୍କ ସମେତ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ତ□ମସି ମହାପାତ୍ର, କନିଷ୍ଠ ନିୟୋଜନ ଅଧିକାରୀ ସନ୍ତୋଷ କୁମାର ନନ୍ଦ, ଦକ୍ଷତା ବିକାଶ ବିଭାଗର ପ୍ରିୟ ରଞ୍ଜନ ଦାଶ, ଜିଆଇଇଟି ଡିନ ଏନ ଭି ଜେ ରାଓ ପ୍ରମୁଖ ଉପସ୍ଥିତ ଥିଲେ । ତତପରେ ଗାନ୍ଧୀ ବିଶ୍ ବିଦ୍ୟାଳୟର ଛାତ୍ର ଛାତ୍ରୀ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ରଥର ସ୍ୱାଗତ କରିଥିଲେ । ଏହି ପରିପ୍ରେକ୍ଷୀରେ କୌଶଳ ରଥ ଗୁଣପୁର ଗାନ୍ଧୀ ଯାନ୍ତ୍ରିକ ବିଶ୍ୱ ବିଦ୍ୟାଳୟଗୁଣପୁର ବାଇପାସ ଛକ, ଗୁଣପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ପୁଟାସିଂ, ଗୁଣପୁର ମହାବିଦ୍ୟାଳୟ, ଖିଲାମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଦ୍ରୌପଦୀ ବିଦ୍ୟାପୀଠ, ଗୁମୁଡ଼ା, ପାଲୁପାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମଝିଘରିଆଣି ଯାନ୍ତ୍ରିକ ମହାବିଦ୍ୟାଳୟ, ଡ଼ଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, ଚାଟିକଣା, ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିଷମକଟକ, ଗଜବହଳ ଶିକ୍ଷ ତାଲିମ କେନ୍ଦ୍ର, ଉଗ୍ରତାରା ଉଚ୍ଚ ବିଦ୍ୟାଳୟ, ରାମକୃଷ୍ଣ ମିଶନ, ମୁନିଗୁଡା, ଜି ସି ଡି ଉଚ୍ଚ ବିଦ୍ୟାଳୟ, ଉତ୍କଳ ଗୌରବ ମଧୁସୂଦନ ଯାନ୍ତ୍ରିକ ମହାବିଦ୍ୟାଳୟ, ରାୟଗଡ଼ ଆଦି ପରିକ୍ରମା କରିବା ପରେ ରାୟଗଡ ସ୍ଥିତ ବାରିଝଲା ଏକଲବ୍ୟ ମଡେଲ ବିଦ୍ୟାଳୟ ଠାରେ ଉଦଯାପିତ ହୋଇଥିଲା ।୨୬ତାରିଖ ଅପରାହ୍ନ ୪ଘଟିକା ସମୟରେ ଉଦଯାପନୀ କାର୍ଯ୍ୟକ୍ରମରେ ରାୟଗଡ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦଯାପନ କରିଥିଲେ । ସମ୍ମାନିତ ଅତିଥି ଭାବେ ରାୟଗଡ ଆରକ୍ଷୀ ଅଧିକ୍ଷକ ହରିଷ ବି ସି, ରାୟଗଡ ଉପ ଜିଲ୍ଲାପାଳ କଲ୍ୟାଣି ସଂଘମିତ୍ରା ଦେବୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ତ□ମସି ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଉପ ନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।କୌଶଳ ରଥ ଜିଲ୍ଲା ପରିକ୍ରମା କରିବା ସହ ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ଆଇ ଟି ଆଇ ଆଦିର ଯୁବକ ମାନଙ୍କୁ ଦକ୍ଷତା କୌଶଳ ବିଷୟରେ ସଚେତନ କରିଥିବାରୁ ଅତିଥିମାନେ ଭୁୟସିଂ ପ୍ରଶଂସା କରିଥିଲେ । କୌଶଳ ରଥ ରାୟଗଡ ଜିଲ୍ଲା ପରିକ୍ରମା କରିବା ପରେ କୋରାପୁଟ ଜିଲ୍ଲା ପରିକ୍ରମା କରି ସଚେତନତା କରିବ, ରଥକୁ କୋରାପୁଟ ଜିଲ୍ଲା ପ୍ରଶାସନକୁ ଅର୍ପଣ କରାଯାଇଥିଲା। ପରିଶେଷରେ ଜିଲ୍ଲା ଦକ୍ଷତା ଅଧିକାରୀ ତଥା ନିୟୋଜନ ଅଧିକାରୀ ତ□ମସି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବାଣପୁରରେ ଶିକ୍ଷା ଓ ବାଳ ଅପରାଧ

### ଆଇନ ସଚେତନତା ଶିବିର ଅନୁଷ୍ଠିତ

ବାଣପୁର :( ମହାଭାରତ )ତାଲୁକ ଆଇନ ସେବା ସମିତି ର ଅଧକ୍ଷ ତଥା ବାଣପୁର ଅଦାଲତର ବରିଷ୍ଠ ଦେୱାନି ବିଚାରପତି ଅମରେଶ ମହାପାତ୍ରଙ୍କ ଅଧକ୍ଷତାରେ ଆଜି ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ଶିକ୍ଷା ଓ ବାଳ ଅପରାଧ ଆଇନ ସଚେତନତା ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଚାରପତି ଶ୍ରୀ ମହାପାତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଓ ବାଳ ଅପରାଧ ଆଇନ ସମ୍ପର୍କରେ ଅବଗତ କରାଇବା ସହ ସଚେତନ ମଧ୍ୟ କରାଇଥିଲେ । ଅନ୍ୟତମ ଅତିଥିଭାବେ ବାଣପୁର ଅଦାଲତର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ୱାତକୀ ଦାସ ଏବଂ ବାଣପୁର ତହସିଲଦାର ଟି. ପଦ୍ମନାଭ ଦୋରା ଛାତ୍ରଛାତ୍ରୀଙ୍କୁ ଉକ୍ତ ଆଇନ ସମ୍ପର୍କରେ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାଣପୁର ଆଇଆଇସି ରମେଶ କୁମାର ଦେବତା, ବାଣପୁର ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମା, ପୂର୍ବତନ ସମ୍ପାଦକ ଜଗନ୍ନାଥ ଭୋଳ,ଆଇନଜୀବୀ ଜଗଦୀଶ ପଟ୍ଟନାୟକ , ପ୍ରଦୀପ କୁମାର ପ୍ରଧାନ, ଶେଷଦେବ ମହାରଣା ଏବଂ ଏକାଧିକ ଓକିଲ ଯୋଗଦେଇଥିବା ବେଳେ ପିଏଲଭି ସନ୍ଧ୍ୟାରାଣୀ ଦେବୀ, ସନ୍ତୋଷ ଚୌଧୁରୀ ଏବଂ ବିଦ୍ୟାଳୟର ଅଧକ୍ଷ ସଞ୍ଜୟ କୁମାର ଦାସ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ବାଲିଗୁଡା ବଜାରରେ ଆଳୁ,ପିଆଜ ଦର ଆକାଶ ଛୁଆଁ

### ଯୋଗାଣ ବିଭାଗ ଶୋଇଛି ଚିର ନିଦ୍ରାରେ

ବାଲିଗୁଡା(ମହାଭାରତ): ସାରା ଓଡିଶାରେ ଆଳୁ,ପିଆଜ ଦର ହୁହୁ ହୋଇ ବଢୁଥିବା ବେଳେ ସେଥିରୁ ବାଦ ପଡିନାହିଁ ବାଲିଗୁଡା ଅଞ୍ଚଳ ।ମୋହନ ସରକାର ର ଯୋଗାଣ ମନ୍ତ୍ରୀ ଆଳୁ ଗଚ୍ଛିତ କରିଥିବା ଗୋଦାମ ଗୁଡିକରେ ଚଢାଉ କରିବାକୁ କଡାକଡି ଚଢାଉ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ନିର୍ଦ୍ଦେଶକୁ ମାନୁ ନାହାଁନ୍ତି କିଛି ଲୋଭି ବ୍ୟବସାୟୀ ।ଆଳୁ ଦର କିଲୋ ପ୍ରତି ଭୂଲ୍ୟ ୩୨ଟଙ୍କାରେ ବିକିବାକୁ ନିର୍ଦ୍ଦେଶ ଦେଇଛନ୍ତି ଯୋଗାଣ ବିଭାଗ ।ବାଲିଗୁଡା ଅଞ୍ଚଳରେ ଗତକାଲି ଆଳୁ,ପିଆଜ ମୂଲ୍ୟ ଠିକ୍ ଥିବାବେଳେ ଆଜି ଆଳୁ ଦର ୫୦ଟଙ୍କାଂ,ପିଆଜ ୫୦ଟଙ୍କା,ଟମାଟ କିଲୋ ପ୍ରତି ୭୦ରୁ ୮୦ଟଙ୍କା ରହିଛି ।ମନଇଛା ହୋଲସେଲର୍ ଦର ବୃଦ୍ଧି କରୁଥିବା ହେତୁ ଖୁଚୁରା ବ୍ୟବସାୟୀ ମଧ୍ୟ ମୂଲ୍ୟ ବୃଦ୍ଧି କରୁଥିବା କହିଛନ୍ତି ଦୋକାନୀ ।ବର୍ତ୍ତମାନ ପରିବା ଦର ଉଚ୍ଚା ଥିବାବେଳେ ବୋଝ ଉପରେ ନଳିତା ବିଡା ପରି ଆଳୁ,ପିଆଜ,ଟମାଟ ଦର ।ଏପଟେ କନ୍ଧମାଳ ଜିଲ୍ଲାରେ ଲଗାଣ ବର୍ଷା ଲାଗିରହିଥିବାରୁ ଲୋକେ କାମଧନ୍ଦା ନ କରି ଘରେ ହାତ ଯୋଡି ରହିଛନ୍ତି ,ଲୋକଙ୍କ ରୋଜଗାର ଠପ୍ ହୋଇଯାଇଛି ।ଯାହାଫଳରେ କି ମଧ୍ୟବିତ୍ତ ପରିବାର ଉପରେ ଏହି ଦରଦାମ ବୋଝ ହୋଇଛି ।ଏପଟେ ବାଲିଗୁଡା ପ୍ରଶାସନ,ଯୋଗାଣ ବିଭାଗ ଦରଦାମ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ଜଣାପଡିଛି ।ଆଶାନୁରୂପ ଭାବେ ଯୋଗାଣ ବିଭାଗ,ପ୍ରଶାସନ ଚଢାଉ କରି ପାରୁନଥିବା ହେତୁ ବାଲିଗୁଡା ଅଞ୍ଚଳରେ ବେପାରୀମାନେ ଗୋଦାମରେ ଆଳୁ,ପିଆଜ ଲୁକାୟିତ ଭାବରେ ରଖି କଳାବଜାରୀ କରିବାରେ ଲାଗିଛନ୍ତି ।କିନ୍ତୁ ଯୋଗାଣ ଅଧିକାରୀ କେବଳ କିଛି ଦୋକାନରେ ଛାପା ମାରି ନିଜ କାମ ସାରିଦେଇ ଚିର ନିଦ୍ରାରେ ଶୋଇଥିବା ଦେଖିବାକୁ ମିଳିଛି ।ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଲୁକାୟିତ ଗଛିତ ରଖି କଳାବଜାରୀ କରୁଥିବା ବେପରୀ ମାନଙ୍କ ଉପରେ ତିକ୍ଷ୍ଣ ଦୃଷ୍ଟି ରଖି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣ ଦାବୀ କରିଛନ୍ତି ।ଦେଖିବାକୁ ବାକିରହିଲା ଯୋଗାଣ ବିଭାଗ ଓ ପ୍ରଶାସନ ଏହି ଦରଦାମ ବୃଦ୍ଧିକୁ କିପରି ନିୟନ୍ତ୍ରଣ କରି ପାରୁଛନ୍ତି।

## ଲକ୍ଷାଧିକ ଟଙ୍କାର କାଠ ଜବତ



କପ୍ତିପଦା -(ମହାଭାରତ ): କପ୍ତିପଦା - ଚୋରା ଚାଲାଣ ହେଉଥିଲା ମୂଲ୍ୟବାନ ସାଗୁଆନ କାଠ, ମାଡି ବସିଲା ବନ ବିଭାଗ, ଜବତ କରିଲା ଲକ୍ଷାଧିକ ଟଙ୍କା ମୂଲ୍ୟର ସାଗୁଆନ କାଠ। ଉଦଳା ବନ ବିଭାଗ ବିଶେଷସୂତ୍ରରୁ ଖବର ପାଇ ଆଜି ଭୋର ସମୟରେ ବନାଞ୍ଚଳ ଅଧୀନ ବାଲିଚିଲିମା ଛକ ନିକଟରେ ଚଢ଼ାଉ କରିଥିଲା। ଏହି ସମୟରେ ଏକ ପିକଅପରେ ମୂଲ୍ୟବାନ ସାଗୁଆନ କାଠ ବାଲେଶ୍ୱର ଚାଲାଣ ହେଉଥିବା ଦେଖିବାକୁ ପାଇଥିଲା। ବନ ବିଭାଗ କୁ ଦେଖି ପିକଅପର ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିବା ବେଳେ ବନ ବିଭାଗ କାଠ ଭର୍ତ୍ତି ପିକଅପ କୁ ଜବତ କରିଥିଲା। ଜବତ ପିକଅପରେ ୨୯ ଗୋଟି ସାଗୁଆନ କାଠର ଲଗ ରହିଛି। ଯାହାର ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାଯାଇଛି। ଏହି କାଠ ଉଦଳା ଅଞ୍ଚଳ ରୁ ବାଲେଶ୍ୱର ଅଭିମୁଖେ ଚୋରା ଚାଲାଣ ହେଉଥିଲା। ସବୁଠାରୁ ବଡ଼ କଥା ହେଲା ଏହି ଜବତ ପିକଅପର ଅବସ୍ଥା କୁ ଦେଖିଲେ କେବଳ ଏହି ଚୋରା କାରବାର ନିମନ୍ତେ ପିକଅପକୁ ବ୍ୟବହାର କରିବାକୁ ରଖା ଯାଇଥିବା ସ୍ପଷ୍ଟ ଅନୁମାନ।

## ତେଲ ନଈ ପୋଲ ଉପରେ

### ପାଣି ଯାତାୟାତ ବିଚ୍ଛିନ୍ନ



ପାଟଣା:-(ମହାଭାରତ) ରାତି ସାରା ଲଗାଣ ବର୍ଷା ଯୋଗୁ ସ୍ଥିତି ବିଗୁଡି ଛି । ବିଭିନ୍ନ ସ୍ଥାନ ରେ ଯାତାୟତ ରେ ବଧାପ୍ରାପ୍ତ ଦେଖିବାକୁ ମିଳିଛି । କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ରେ ଶୁକ୍ରବାର ରାତିରେ ପ୍ରଚୁର ବର୍ଷା ଯୋଗୁଁ ହୋଇଛି। ଏହି ଲଗାଣ ବର୍ଷା ଯୋଗୁ ସାହାରପଡ଼ା ବ୍ଲକ କୁମୁଳା ବାହାଳୀ ନିକଟ ତେଲ ନଈ ପୋଲ ଉପରେ ୪ଫୁଟ ଉଚ୍ଚା ପାଣି ବହୁ ଥିବା ବେଳେ କେନ୍ଦୁଝର ମୟୁରଭଞ୍ଜ ଜିଲା ଯାତାୟାତ ବିଚ୍ଛିନ୍ନ ହୋଇ ପଡିଛି। ଏହି ବର୍ଷା ପାଣି ଯୋଗୁ ପୋଲ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଉ ଥିବା କ୍ରେନ୍ ଟି ଭାସି ଯାଇଛି। ଏପଟେ ରାସ୍ତାର ଦି-ପାର୍ଶ୍ୱରେ ଯାତାୟାତା ଯାନ ବାହନ ଗୁଡିକ ଅଟକି ରହିଥିବା ଦେଖିବାକୁ ମିଳିଛି।

## ମଦ, ଭାଙ୍ଗ ଜବତ: ୪ଗିରଫ

ବେଗୁନିଆ,,(ମହାଭାରତ): ଅବକାରୀ ଅଧୀକ୍ଷିକା ସୁମିତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଅବକାରୀ ରେଞ୍ଜ ଥାନା ଓ ବେଗୁନିଆ ଅବକାରୀ ଥାନା ପକ୍ଷରୁ ମିଳିତ ଭାବେ ବେଗୁନିଆ ଓ ବୋଲଗଡ଼ ଥାନା ଅଞ୍ଚଳରେ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ପିଚୁକୁଳିର ଭରତ ନାଏକ, ବଂକୋଇର ରଶ୍ମିଆ ଜୟସିଂହ ଓ ଚଟୁଆର ଉର୍ମିଳା ସାହୁଙ୍କଠାରୁ ୩୪ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ବଡ଼କୁମାରୀର ମୋଇନା ମାଝୀଙ୍କଠାରୁ ଅଢ଼େଇ କିଲୋଗ୍ରାମର ଭାଙ୍ଗ ଙ୍ଗ ଜବତ କରାଯାଇଛି। ଏହି କାରବାରରେ ରରେ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ପୃଥକପୃଥକ ଥକ ୪ଟି ମାମଲା ରୁଜୁ କରାଯାଇ ସେମାନଙ୍କୁ ଅଦାଲତ ଚାଲାଣ କରାଯାଇଛି। ଏହି ଚଢ଼ଉରେ ସଦର ରେଞ୍ଜଥାନା ନିରୀକ୍ଷକ ତପସ୍ୱନୀ ବରାଳ, ବେଗୁନିଆ ଅବକାରୀ ଉପନିରୀକ୍ଷକ ଏନଜାଗିନ ରାଓଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ନବବଧୂର ମୃତଦେହ ଉଦ୍ଧାର: ହତ୍ୟା ଅଭିଯୋଗ

ବେଗୁନିଆ,,(ମହାଭାରତ) : ଜଙ୍କିଆ ଥାନା ସିକୋ ଫାଣ୍ଡି ଅନ୍ତର୍ଗତ ନିଧିପୁର ଗ୍ରାମର ଜଣେ ନବବଧୂର ମୃତଦେହକୁ ପୁଲିସ ଉଦ୍ଧାର କରିଛି। ବାପଘର ପରିବାର ଲୋକେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିବାବେଳେ ଶାଶୂ ଘର ପକ୍ଷରୁ ଏହାକୁ ଆତ୍ମହତ୍ୟା ରୂପ ଦିଆଯାଇଛି। ହୀରାପୁର ପଞ୍ଚାୟତ ସିକୋ ଫାଣ୍ଡି ଅନ୍ତର୍ଗତ ରାୟମୂଳ ଗ୍ରାମର ନବକିଶୋର ମଙ୍ଗରାଜଙ୍କ ଝିଅ ଶିଳ୍ପଲତା (୨୩) ସ୍ଥାନୀୟ ନିଧିପୁର ଗ୍ରାମର ମହେଶ୍ୱର ଛୁଆଳସିଂହଙ୍କ ବଡପୁଅ ଜଗଦୀଶ ଛୁଆଳସିଂହ (୨୮) ଙ୍କୁ ବିବାହ କରିଥିଲେ। ବିବାହର କିଛି ମାସ ଭଲରେ ଚଳିବା ପରେ ଶିଳ୍ପଲତାକୁ ତା'ର ସ୍ୱାମୀ ଜଗଦୀଶ, ଶାଶୂ ସୁକାନ୍ତି ଛୁଆଳସିଂହ, ଶ୍ୱଶୁର ମହେଶ୍ୱର ଛୁଆଳସିଂହ ଓ ଦିଅର ଜୀବନ ଛୁଆଳସିଂହ ପ୍ରମୁଖ ନିର୍ଯାତନା ଦେଉଥିଲେ ବୋଲି ମୃତକଙ୍କ ପିତା ନବକିଶୋର ଜେନା ଜଙ୍କିଆ ଥାନାରେ ଏତଲା ଦେଇଥିଲେ। ୨୫ ତାରିଖ ସନ୍ଧ୍ୟାରେ ଝିଅ ଶିଳ୍ପଲତା ମରିଯାଇଥିବା ନବକିଶୋର ଖବର ପାଇ ଝିଅ ଘରକୁ ପାଇଥିଲେ। ତାଙ୍କ ଝିଅକୁ ମାରି ଚଟାଣରେ ଶୁଆଇଥିବା ଏତଲାରେ ଦର୍ଶାଇଛନ୍ତି। ଅନ୍ୟପଟେ ଶିଳ୍ପଲତା ଆତ୍ମହତ୍ୟା କରିଥିବା ଶାଶୂଘର ଲୋକେ କହୁଛନ୍ତି। ଖବରପାଇ ସିକୋ ଫାଣ୍ଡି ଅଧୂକାରୀ, ଜଙ୍କିଆ ଥାନା ଅଧୂକାରିଣୀ ଓ ଖୋର୍ଦ୍ଧା ଉପଖଣ୍ଡ ଆରକ୍ଷୀ ନିରୀକ୍ଷକ ଗୁରୁବାର ଅପରାହ୍ନରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗୁରୁବାର ସନ୍ଧ୍ୟା ହୋଇଯାଇ ଥିବାରୁ ଶବକୁ ଜବତ କରି ସେମାନେ ଫେରି ଯାଇଥିଲେ। ଶୁକ୍ରବାର ଘଟଣାସ୍ଥଳରେ ପୁଲିସ ଓ ବିଶେଷଜ୍ଞ ଦଳ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଶିଳ୍ପଲତାଙ୍କ ସ୍ୱାମୀ ମୁମ୍ବାଇରେ ଚାକିରି କରନ୍ତି। ସେପଟେ ପୁଲିସ ଶାଶୁ ଓ ଦିଅରକୁ ଥାନାରେ ଅଟକରଖି ପଚରା ଉଚରା କରୁଛି। ମୃତା ଶିଳ୍ପଲତାଙ୍କ ୮ ମାସର ଏକ ଶିଶୁକନ୍ୟା ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦିଲୀପ ଦାସ କହିଛନ୍ତି।

## ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ

### ତରଫରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ

ଗଜପତି(ମହାଭାରତ): ମାନ୍ୟବର ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକ ଓ ମାନ୍ୟବର ଜିଲ୍ଲା ଦୌରା ଜଜ ତଥା ପ୍ରାଧିକରଣର ଅଧ୍ୟକ୍ଷ ଗଜପତି ଶ୍ରୀ ପ୍ରଣବ କୁମାର ରାଉତରାୟଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ, ଜୀବା, ଗୁମ୍ମା ବ୍ଲକ ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାଧିକରଣର ସଚିବ ଶ୍ରୀ ବିମଳ ରାଉଳ ଯୋଗ ଦେଇ କିଶୋର ନ୍ୟାୟ ଅଧିନିୟମ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ସଚେତନତା କରିଥିଲେ।ଉପସ୍ଥିତ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଜନ ସାଧାରଣ ମାନଙ୍କୁ ମାଗଣା ଆଇନ ସେବା ପ୍ରଦାନ କରିବାରେ ପ୍ରାଧିକରଣର ଭୂମିକା ବିଷୟରେ ସଚେତନତା କରାଇଥିଲେ ।ଅନ୍ୟତମ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗଜପତି ଶ୍ରୀ ଅରୁଣ କୁମାର ତ୍ରିପାଠୀ ଶିଶୁ ମାନଙ୍କ ପାଇଁ ରହିଥିବା ବିଭିନ୍ନ ଅଧିକାର ଓ ସରକାରୀ ଯୋଜନା ବିଷୟରେ ସଚେତନତା କରାଇଥିଲେ।ଅନ୍ୟ ତମ ଅତିଥି ମାନଙ୍କ ମଧ୍ୟରେ ଜୀବା ପଞ୍ଚାୟତର ସରପଞ୍ଚ ରବୀନ୍ଦ୍ର ଶବର ପାରଳାଖେମୁଣ୍ଡି ଆଦର୍ଶ ଥାନା ଉପ ନିରୀକ୍ଷକ ଲକ୍ଷ୍ମଣ ବେହେରା, ଜୀବା ଜିଲ୍ଲା ମଙ୍ଗଳ ସମିତି ସଦସ୍ୟ ଶ୍ରୀମତି ମମତା ରାଣୀ ଶତପଥୀ, ଜୀବା ଉଚ୍ଚ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ମିନାକ୍ଷୀ ପାଢ଼ୀ ଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ ।ଏହି ସମସ୍ତ କାର୍ଯ୍ୟକ୍ରମ କୁ ପ୍ରାଧିକରଣ ର କର୍ମଚାରୀ ମାନେ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରିଚାଳନା ରେ ସହଯୋଗ କରିଥିଲେ।

## କାର୍ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ଯବାନ

### ମାନଙ୍କ ସମ୍ମାନାର୍ଥେ ମଶାଲ ଶୋଭାଯାତ୍ରା



ଗଜପତି(ମହାଭାରତ): ଜିଲ୍ଲା ଯୁବ ସଭାପତିଙ୍କ ନେତୃତ୍ୱ କାଶୀନଗରରେ କାର୍ଗିଲ୍ ସହିଦ ମାନଙ୍କ ଉଦ୍ଦେଶ୍ୟ ରେ ଏକ ଶୋଭା ଯାତ୍ରା ଅନୁଷ୍ଠିତ ହୋଇଥିଲା । ଉକ୍ତ ଶୋଭାଯାତ୍ରା ରେ ଯୁବଗୋଷ୍ଠିକୁ ଜାତୀୟ ଭାବନା ସହ ଜାଗୃତ କରିବା ପାଇଁ କାଶୀନଗର ଛାତ୍ର ଛାତ୍ରୀ ମାନେ ଅଂଶଗ୍ରହଣ କରି ନଗର ପରିକ୍ରମା କରିଥିଲେ।ଏହି ଶୋଭା ଯାତ୍ରାରେ ଭାରତ ମାତାର ଜୟ , ବନ୍ଦେ ମାତରମ, କାର୍ଗିଲ ଅମର ଯବାନ ଶହୀଦ ରହେ, ପରି ଦେଶ ପ୍ରେମ ନାରାରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଏଥିରେ ଚ.ରବନାୟା ତାଙ୍କ ଅନୁଭୂତିକୁ ବର୍ଣ୍ଣନା କରିଥିଲେ ।ବାଳକୃଷ୍ଣ ପତ୍ର ଜିଲ୍ଲା ଯୁବମୋର୍ଚ୍ଚା ସଭାପତି, ବାବୁନା ବେହେରା ଜିଲ୍ଲା ଉପ ସଭାପତି, ଜଗନ୍ନାଥ ମହାପାତ୍ର, ପ୍ରଶାନ୍ତ ଜିଲ୍ଲା ସାଧାରଣ ସମ୍ପାଦକ ଙ୍କ ଚଳପତି ଘଇଉ ମଣ୍ଡଳ ସଭାପତି , କ୍ଷ୍ଣ ରବନାୟା ଏବଂ ଦଳର ଅନ୍ୟ କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ।

## ଉତ୍କଳ ମିଡ଼ିଆ ସାମ୍ବାଦିକ ସଙ୍ଘର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଓ ବନ୍ଧୁ ମିଳନ ପାଳିତ

ରାୟଗଡ (ମହାଭାରତ): ସ୍ଥାନୀୟ ବାଲୁଙ୍କେଶ୍ୱର ଶିବ ମନ୍ଦିର ପରିସରରେ ଉତ୍କଳ ମିଡ଼ିଆ ସାମ୍ବାଦିକ ସଙ୍ଘ ଦ୍ୱିତୀୟ ପ୍ରତିଷ୍ଠା ଦିବସ ଓ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ସଭାପତି ଶ୍ରୀ ଦୟାନନ୍ଦ ଖାଡାଙ୍ଗାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ରାୟଗଡ ପୌର ପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ଶୁଭ୍ରା ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବସନ୍ତ କୁମାର ପ୍ରଧାନ ଓ ଅନ୍ୟତମ ସମ୍ମାନିତ ଅତିଥିଭାବେ ରାୟଗଡ ବନଖଣ୍ଡ



(ଏସିଏଫ) ଶ୍ରୀ ଅଶୋକ କୁମାର ପ୍ରଧାନ ଓ ବରିଷ୍ଠ ଆଇନଜୀବୀ ଶ୍ରୀ ପ୍ରଦୀପ ଦାସ ଯୋଗ ଦେଇଥିଲେ । ପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିଛବିରେ ଧୂପଦୀପ ଓ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହାପରେ ସଙ୍ଘର ସମ୍ପାଦକ ଶ୍ରୀ ମନୋଜ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ।ଉତ୍କଳ ମିଡ଼ିଆ ସାମ୍ବାଦିକ ସଙ୍ଘ ଦ୍ୱିତୀୟ ବର୍ଷ ପୂର୍ତ୍ତି ମଧ୍ୟରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିଆସୁଛି ସେଥିରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଓ ଏହାର ଉନ୍ନତି ପାଇଁ ବିଭିନ୍ନ ସମୟରେ ରାୟଗଡ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା ବିଦ୍ୟାଳୟ ମାନଙ୍କରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବହି, ଖାତା, ପେନସିଲ, ରବର ଓ ଶୁଖିଲା ଖାଦ୍ୟ ବଣ୍ଟନ କରିବା ସହ ଓଡ଼ିଆ ଭାଷାର ବ୍ୟବହାର ନିମନ୍ତେ ସଚେତନ କରିବା ପାଇଁ ଏକ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି ସଙ୍ଘର ସମସ୍ତ ସଦସ୍ୟ । ଏହାସହ ଶୀତ ଦାଉରୁ ରକ୍ଷା ପାଇବା ନିମନ୍ତେ ରାୟଗଡ ବ୍ଲକ ସ୍ଥିତ ହାଲୁଆ ଗ୍ରାମରେ ବସବାସ କରୁଥିବା ବୃଦ୍ଧବୃଦ୍ଧାଙ୍କୁ ଶୀତ ବସ୍ତ୍ର ବଣ୍ଟନ କରିଛି।

## ଭାଲୁ ଆକ୍ରମଣ ରେ

### ମହିଳା ଗୁରୁତର

ପାଟଣା:-(ମହାଭାରତ) ଜଙ୍ଗଲ କୁ କାଠି ଆଣିବାକୁ ଯାଇ ଭାଲୁ ଆକ୍ରମଣ ରେ ମହିଳା ଗୁରୁତର ।କେନ୍ଦୁଝର ଜିଲ୍ଲା ସାହାରପଡା ବନପାଳ ଅନ୍ତର୍ଗତ ମାଛଗଡ଼ ସାଉ୍ ବିଟ୍ ସ୍ଥିତ କୁଦବେଡା ଗ୍ରାମର କିଛି ଲୋକ ଦାନ୍ତ କାଠି ଭାଙ୍ଗିବାକୁ ଗ୍ରାମ୍ୟ ଜଙ୍ଗଲ କୁ ଯାଇଥିବା ସମୟରେ ଭାଲୁ ଆକ୍ରମଣ ଶିକାର ହୋଇଥିଲା । ଭାଲୁ ଆକ୍ରମଣ ଶିକାର ମହିଳା ଜଣକ କଂସଲା ମୁଣ୍ଡା ୩୯ବର୍ଷ ବୋଲି ଜଣାପଡି ଛି ।



# ମହାଭାରତ ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ବନ ସୁରକ୍ଷା ସମିତି ଅଫିସରେ ଚାଲିଛି ଦୁଇଟି ଅଙ୍ଗନୱାଡି କେନ୍ଦ୍ର



**ନୂଆପଡା,(ମହାଭାରତ) :** ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ବଡ଼ମହେଶ୍ୱର ଗାଁ ରେ ବନ ସୁରକ୍ଷା ସମିତି ଅଫିସ ରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର । ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ଅବସ୍ଥା ବେହାଲ ଥିବା ବେଳେ ଅନ୍ୟଟି ଅଧା ପାନ୍ତରିଆ ହୋଇ ପଡି ରହିଛି ତେଣୁ ବନ ସୁରକ୍ଷା ସମିତି ଅଫିସ ରେ ଉଭୟ ଦୁଇଟି କେନ୍ଦ୍ର ର କୁନି ପିଲା ପାଠ ପଢୁଛନ୍ତି । କେନ୍ଦ୍ର ରେ ବ୍ୟବହାର ପାଇଁ ପାଣି ପାଇଖାନା ପୁଣି ରୋଷେଇ ଗୃହ ନାହିଁ ଦୟନୟ ଅବସ୍ଥାରେ ପଢୁଛନ୍ତି ପିଲା । ଅଙ୍ଗନୱାଡି କେନ୍ଦ୍ର ଗୃହ ପାଇଁ ବାରମ୍ବାର ଅଭିଯୋଗ ହେଲେ ବି ଜନ ପ୍ରତିନିଧି ଠାରୁ ଜିଲ୍ଲା ପ୍ରଶାସନ କେହି ବି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି ଫଳରେ ଫରେଷ୍ଟ କ୍ୱାଟର ରେ ଚାଲିଛି ଦୁଇଟି ଅଙ୍ଗନୱାଡି ପାଠ ପଢା। ବଡ଼ ମହେଶ୍ୱର ଗାଁରେ ଅଙ୍ଗନୱାଡି କେନ୍ଦ୍ର ଗୃହ ସମସ୍ୟା ଦୀର୍ଘ ଦିନରୁ ଲାଗିରହିଛ, ଗୋଟିଏ ଅଙ୍ଗନୱାଡି ଗୃହ ଅଚଳ ଥିବା ବେଳେ ଅନ୍ୟଟି ଅଧାପନ୍ତରିଆ। ବାରମ୍ବାର ଅଭିଯୋଗ ସତ୍ୱେ କେନ୍ଦ୍ରକୁ ମରାମତି କରାଯାଉନି କିମ୍ବା ନିର୍ମାଣ ହେଉନି ତେବେ ଜାଣିଶୁଣି ପ୍ରଶାସନ ଚୁପ ବସିଛି । ଏ ଭଳି ବିକଳ ଦୃଶ୍ୟ ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ବଡ଼ମହେଶ୍ୱର ଗାଁର ରହିଛି, କେନ୍ଦ୍ର ସରକାର ଶିଶୁ ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ଯୋଜନା କରିଛି ହେଲେ ବଡ଼ମହେଶର ଗାଁ ରେ ବିକଳ ଚିତ୍ର ଦେଖିବାକୁ ମିଳିଛି। ଏନେଇ ଜିଲ୍ଲା ପ୍ରଶାସନ ଓ ଶିଶୁ ବିକାଶ ପ୍ରକଳ୍ପ ଶିଶୁ ଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଉଭୟ କେନ୍ଦ୍ର ର କୁନି ଛାତ୍ର ଛାତ୍ରୀ ମାନେ ବନ ସୁରକ୍ଷା କୋଠା ରେ ପଢୁଥିବା ବେଳେ ଉକ୍ତ କୋଠା ରେ ପାନୀୟ ଜଳ ପାଇଖାନା ପୁଣି ରୋଷେଇ ଘର ନାହିଁ ତେବେ ପଢା ହେଉଥିବା ସମୟରେ ଫରେଷ୍ଟ କୋଠା କୁ ଭିତରକୁ ବିଭିନ୍ନ ସମୟରେ ସରୀସୃପ ପଶୁଥିବା ବର୍ଷା ପାଣି ପଶିଯିବାରୁ ଅସୁରକ୍ଷିତ ରେ କୁନି ଛାତ୍ର ଛାତ୍ରୀ । ଅଙ୍ଗନୱାଡି ଗୃହ ନ ଥିବା ରୁ ଏପରି ଅବସ୍ଥା କୁନି ଛାତ୍ରଛାତ୍ରୀ ଓ ଅଙ୍ଗନବାଡି କର୍ମୀ ଦୟନୀୟ ଅବସ୍ଥାରେ ରହୁଛନ୍ତି , ଦୁଇଟି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଅଭିଯୋଗ କଲେ ବି କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି ଗାଁ ବାସି କହିଛନ୍ତି, ଏହି ଗାଁ ରେ ଦୀର୍ଘ ବର୍ଷ ବିତିଗଲା ଗୋଟିଏ ଅଙ୍ଗନବାଡି କେନ୍ଦ୍ର ଅର୍ଦ୍ଧନିର୍ମାଣ ହୋଇ ପଡ଼ିରହିଛି ଅନ୍ୟ କେନ୍ଦ୍ର କେବେ ସମ୍ପୂର୍ଣ୍ଣ ହେବ କାହାକୁ ଜଣା ନାହିଁ, ସୂଚନାମୁତବାକ ଅନ୍ୟଟି କେନ୍ଦ୍ର ଟି ଅବସ୍ଥା ବେହାଲ ହୋଇ ଛାତ ରୁ ସିମେଣ୍ଟ ଅତଡା ଖସିବା ଶହ ପାଣି ଗଳିବାରୁ ପିଲା ମାନେ ତଳେ ବସି ପଢିବାରେ ସମ୍ଭବ ହେଉନି, ତେବେ କେନ୍ଦ୍ର ଟି ଅସୁରକ୍ଷିତ ଥିବାରୁ ପାଠ ପଢ଼ାରେ ବ୍ୟହତ ହେଉଛି।

ଏନେଇ ଦୁଇ କେନ୍ଦ୍ର ର କୁନି ଛାତ୍ର ଛାତ୍ରୀ ମାନେ ବନ ସୁରକ୍ଷା ବିଭାଗ ରେ ପାଠ ପଢୁଛନ୍ତି, ଜିଲ୍ଲା ପ୍ରଶାସନ ଓ ଶିଶୁ ବିକାଶ ପ୍ରକଳ୍ପ ଶିଶୁ ପ୍ରତି ଯତ୍ନବାନ ନୁହଁନ୍ତି ଅଭିଭାବକ ମାନେ ଅଭିଯୋଗ କରିଛନ୍ତି, ଏନେଇ ଆମେ ଜିଲ୍ଲା ଶିଶୁ ପ୍ରକଳ୍ପ ଅଧିକାରି ସଂଗୀତ ପତ୍ର ଙ୍କୁ ପଚାରିବାରୁ ଆପଣ ଖଡ଼ିଆଳ ସିଡିପିଓ ଙ୍କୁ ପଚାରନ୍ତୁ କହିଥିଲେ ପରେ ଠିକ ଅଛି ମୁ ସିଡିପିଓ ସହିତ କଥା ହୋଇ ଏହାର ସମାଧାନ କରିବି ବୋଲି ପ୍ରକାଶ କରିଥିଲେ, ଏନେଇ ଖଡ଼ିଆଳ ବିଡ଼ିଓ ଙ୍କୁ ଯୋଗାଯୋଗ କରିଥିଲେ ତେବେ ଫୋନ ରିସିଭ କରିନଥିଲେ।

## ଟିଣଡବା ବିଦ୍ୟାଳୟରେ ଚାଲିଛି ପିଲାଙ୍କ ଭବିଷ୍ୟତ

**ଜୟପୁର,(ମହାଭାରତ) :** ୨୫ବର୍ଷ ର ଶାସନ କାଳରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ପାଇଁ ଉଚିତ ଭିତ୍ତିଭୂମି ଯୋଗେଇପରି ନାହାନ୍ତି ସରକାର। ଆଜିବି ଅନେଇ ଅଞ୍ଚଳ ଅଛି ଯେଉଁଠି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ପାଇଁ ଆବଶ୍ୟକ ଭିତ୍ତିଭୂମି ହୋଇପାରିନି।ଫଳରେ ବର୍ଷ ବର୍ଷ ଧରି ପ୍ରତିବନ୍ଧକ ପରିବେଶ ମଧ୍ୟରେ ଚାଲିଛି କୁନି କୁନି ପଲଙ୍କ ଭବିଷ୍ୟତ ଗଢ଼ା। ଯାହାର ଉଦାହରଣ ହେଉଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ର ଚାନ୍ଦ ବେଢ଼ା ବିଦ୍ୟାଳୟ। ଏଠି ପିଲାଙ୍କ ପାଠପଢା ପାଇଁ କୌଣସି ପକ୍କା ଗୃହର ବ୍ୟବସ୍ତା ନାହିଁ। ବିଦ୍ୟାଳୟ ଚାରିପଟେ ଖାଲି ଟିଣ ହିଁ ଟିଣ ରେ ଶ୍ରେଣୀ ଗୃହ ନିର୍ମାଣ ହୋଇଛି। ଆଉ ଏହି ଟିଣ ଗୃହ ଭିତରେ ପିଲାଙ୍କ ପାଠ ପଢାର ଦୃଶ୍ୟ କୁ ଦେଖିଲେ ଯେକୌଣସି ଲୋକ ବି ନିଶ୍ଚିତ ଚକିତ ହୋଇ ଯିବେ। ଉପାନ୍ତରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ର ବିକଳ ଚିତ୍ର । ୨୫ ବର୍ଷର ଶାସନ କାଳର ରେ ଏ ହେଉଛି ସରକାର ଙ୍କ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର। ଏ ହେଉଛି ବୋରିଗୁମ୍ମା ବ୍ଲକ ଉପାନ୍ତ ଅଞ୍ଚଳ ଚାନ୍ଦବେଡା ର।ବିଦ୍ୟାଳୟ ଟି ନିର୍ମାଣ ହୋଇଛି ଖାଲି ଟିଣ ରେ କାନ୍ଥ ଟିଣ,କବାଟ ଟିଣ,ଝରକା ଟିଣ ଏବଂ ଛାତ ବି ଟିଣ।ଏହି



ବିଦ୍ୟାଳୟ ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଛି।ମୋଟ ୯୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ୯୦ ଛାତ୍ରଛାତ୍ରୀ ଙ୍କ ପାଇଁ କେବଳ ଦୁଇ ଗୋଟି ଶ୍ରେଣୀ ଗୃହ ରହିଛି। ପାଠ ପଢ଼ାଇବା ପାଇଁ କେବଳ ଦୁଇ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି।ବର୍ଷା ଦିନରେ ପାଠ ପଢା ଠପ ହୋଇଯାଏ କାରଣ ଛାତରୁ ପାଣି ଗୋଳିଥାଏ ଝରକା କବାଟ ଦେଇ ଶ୍ରେଣୀ ଗୃହ ଭିତରକୁ ପାଣି ପଶିଯାଏ ଏବଂ ଟିଣ ଶବ୍ଦ ରେ ପିଲା ପାଠ ପଢିବା କଷ୍ଟ ହୋଇପଡ଼େ।ପ୍ରତ୍ୟେକ ଦିନ ବିଦ୍ୟାଳୟ ତାଲା ଖୋଲୁ ଖୋଲୁ ପ୍ରଥମେ ଯାଞ୍ଚ କରିବାକୁ ପଡେ କାଳେ ବିଷଧର ସାପ କିମ୍ବା ବିଛା ପଶି ଯାଇଥାଏ।ଖରା ଦିନେ ପ୍ରବଳ ଗରମ ହୋଇଥାଏ କାରଣ ଚାରିପଟେ ଟିଣ ସେଥିପାଇଁ ପିଲାଙ୍କୁ ବିଦ୍ୟାଳୟ ନିକଟରେ ଥିବା ଏକ ଗଛ ମୂଳେ ପାଠ ପଢ଼ାନ୍ତି ଶିକ୍ଷକ। ଅଭିଭାବକ ମାନେ ନିଜ ନିଜ ପିଲାଙ୍କୁ ଏଭଳି ବିଦ୍ୟାଳୟ ରେ ପାଠ ପଢ଼ାଇବା ପାଇଁ ମଙ୍ଗୁ ନାହାନ୍ତି। ପୂର୍ବରର ବିଜେଡି ସରକାର ତ କିଛି କଲେନି ଏବେର ନୂଆ ବିଜେପି ସରକାର ଆମ ପିଲାଙ୍କ ପାଇଁ ବିଲ୍ଡିଂ କରିବେ ବୋଲି ଆଶା ପ୍ରକଟ କରିଛନ୍ତି ଗ୍ରାମବାସୀ। ଦୀର୍ଘ ୧୫ବର୍ଷ ଏଭଳି ଶିକ୍ଷା ଦାନ ପରେ ଗତ ବର୍ଷ ବିଦ୍ୟାଳୟ ରେ ଗୋଟିଏ ପକା ଘର ହୋଇଛି। ଯେଉଁଠି ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ର ପିଲା ପାଠ ପଢୁଛନ୍ତି। ବିଦ୍ୟାଳୟ ଚାରିପଟେ ପାଚେରୀ ନିର୍ମାଣ ହୋଇନି କି ବଗିଚା ବି ନାହିଁ। ଛାତ୍ରଛାତ୍ରୀ ଙ୍କ ନିମନ୍ତେ ଶୌଚାଳୟ ବି ନାହିଁ ଫଳରେ ଛାତ୍ରଛାତ୍ରୀ ଖୋଲା ଆକାଶ ତଳେ ଶୌଚ ହେବାକୁ ବାଧ ହେଉଛନ୍ତି। ମଧ୍ୟାହ୍ନ ଭୋଜନ ପାଇଁ ଡାଇନିଂ ହୋଲ ନାହିଁ ଫଳରେ ଛାତ୍ରଛାତ୍ରୀ ଶ୍ରେଣୀ ଗୃହ କିମ୍ବା ଖୋଲା ଆକାଶ ତଳେ ବସି ଖାଇ ଥାଆନ୍ତି।ଗ୍ରାମବାସୀ ପକ୍କା ବିଦ୍ୟାଳୟ ନିର୍ମାଣ ପାଇଁ ନେତା ମନ୍ତ୍ରୀ ଠାରୁ ଆରମ୍ଭ କରି ଜିଲ୍ଲାପାଳ ଙ୍କୁ କହି କହି ଥକିଗଲେଣି ହେଲେ ଫଳ ଶୁନ। ଏହି ଟିଣ ଶ୍ରେଣୀ ଗୃହରେ ବର୍ଷା ଦିନେ ପାଣି ପଡୁଛି ଏବଂ ଖରା ଦିନେ ପ୍ରବଳ ଗରମ ରେ ଝାଳ ବାରୁଥିବା କହିଛନ୍ତି ଛାତ୍ର ଛାତ୍ରୀ। ବିଦ୍ୟାଳୟରେ ଅନେକ ସମସ୍ୟା କାରଣ ରୁ ଶିକ୍ଷା ଦାନ ରେ କଷ୍ଟକର ହେଉଥିବା କହିଛନ୍ତି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ। ଉପାନ୍ତରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ର ଏଭଳି ବିକଳ ଚିତ୍ରହିଁ ବୟାନ କରୁଛି ବିଜେଡି ସରକାର ଶିକ୍ଷା ବ୍ୟବସ୍ତା କ୍ଷେତ୍ରରେ କେତେ ଉନ୍ନତି କରିଛନ୍ତି । ନୂତନ ସରକାର ଏଠି ଏକ ପକ୍କା ବିଦ୍ୟାଳୟ ନିର୍ମାଣ କରି ଛାତ୍ରଛାତ୍ରୀ ଙ୍କୁ ଉଚିତ ଭିତ୍ତିଭୂମି ରେ ପାଠ ପଢିବାର ବ୍ୟବସ୍ତା କରିବା ଜରୁରୀ ହୋଇପଡିଛି।

## ବିପର୍ଯ୍ୟୟର ସାମ୍ନା କରିବା ପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ବାରିପଦା,(ମହାଭାରତ) :** ମୟୂରଭଞ୍ଜ ଜିଲ୍ଲା ସମେତ ଅନ୍ୟାନ୍ୟ ଉତ୍ତର ଓଡ଼ିଶାର ଜିଲ୍ଲା ପାଇଁ ଜାରି କରାଯାଇଥିବା ସମ୍ଭାବ୍ୟ ବର୍ଷା ଓ ବନ୍ୟା ସତର୍କତାକୁ ଦୃଷ୍ଟିରେ ରଖି ଅତିରିକ୍ତ ଜିଲ୍ଲାପାଳ (ଜରୁରୀକାଳୀନ) ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏହାର ପ୍ରଭାବରେ ଆଗାମୀ ୨ ଦିନ ପର୍ଯ୍ୟନ୍ତ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଣୁ ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ଆବଶ୍ୟକସ୍ଥଳେ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ ସହାୟତା ନିମନ୍ତେ ସମସ୍ତ ଅଗ୍ନିଶମ କେନ୍ଦ୍ର ପ୍ରସ୍ତୁତ ରହିବା ସହ ସମସ୍ତ ବିଡ଼ିଓ, ତହସିଲଦାର, ରାଜସ୍ୱ ନିରୀକ୍ଷକ ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ନିର୍ବାହୀ ଅଧିକାରୀଙ୍କୁ ବିପର୍ଯ୍ୟୟ ପ୍ରବଣ ଗ୍ରାମ ଓ ବାସସ୍ଥାନ ପାଇଁ ସ୍ଥାନାନ୍ତର ଯୋଜନା ପ୍ରସ୍ତୁତ କରିବା ପାଇଁ ଆଦେଶ ଦିଆଯାଇଛି। ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ପର୍ଯ୍ୟାପ୍ତ ଜଳ ଯୋଗାଣ, ଆଲୋକୀକରଣ, ପରିମଳ ବ୍ୟବସ୍ଥା ଏବଂ ମୌଳିକ ସୁବିଧା ଉପଲବ୍ଧ କରାଯିବା, ଶୁଖିଲା ଖାଦ୍ୟ ଓ ଶିଶୁ ଖାଦ୍ୟ ସମେତ ଔଷଧ, ଗୋଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରାଯିବା ପାଇଁ ଆଦେଶ ଦିଆଯାଇଛି। ବୈଠକରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ଉଦ୍ଧାର କାର୍ଯ୍ୟରେ ପିଆରଆଇ ସଦସ୍ୟ, ସ୍ୱେଚ୍ଛାସେବୀ ଏବଂ ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏଥି ସହିତ କୌଣସି ଜରୁରୀକାଳୀନ ଅଧିକାରୀଙ୍କୁ ଏହି ଦୁଇ ଦିନ କାର୍ଯ୍ୟ ମୁଖ୍ୟାଳୟ ନଛାଡ଼ିବା ପାଇଁ ମଧ୍ୟ ଜିଲ୍ଲାପାଳ ଆଦେଶ ଦେଇଛନ୍ତି। ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ସମସ୍ତ ଉପଜିଲ୍ଲାପାଳ, ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ସୁଶ୍ରୀ ଶ୍ରଦ୍ଧା ସୁମନ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ, ତହସିଲଦାର ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ଯାଜପୁର ବିଜେପି ପକ୍ଷରୁ କାର୍ଗିଲ୍ ବିଜୟ ଉତ୍ସବ

**ବଡ଼ଚଣା,(ମହାଭାରତ) :** ସମଗ୍ର ଭାରତ ପାଇଁ ଏକ ସ୍ମରଣୀୟ ତଥା ଐତିହାସିକ ଦିନ ୨୫ ବର୍ଷ ତଳେ ଯୁଦ୍ଧଭୂମିରେ ଶତ୍ରୁକୁ ଧୂଳିଚଟାଇ, ଅସୀମ ଶୌର୍ଯ୍ୟ ଓ ପରାକ୍ରମର ପରିଚୟ ଦେଇଥିଲା ଭାରତୀୟ ସେନା । ଯାହାକୁ ନେଇ ଆଜିବି ଗର୍ବ କରେ ସାରା ଦେଶ



ଏବଂ ରାଜ୍ୟ। ଗତ ୨୬ତାରିଖ ଶୁକ୍ରବାର ବାର ହେଉଛି କାରଗିଲ ବିଜୟ ଦିବସ ପାଳନ କରୁଛି କାର୍ଗିଲ୍ ବିଜୟ ଦିବସର ୨୫ ବର୍ଷ ପୂରି ଉତ୍ସବ ବା ରୌପ୍ୟ ଜୟନ୍ତୀ । ଏହି ଅବସରରେ ଆଜି ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ମେଲଣ ପଡିଆରେ ଯାଜପୁର ବିଜେପି ପକ୍ଷରୁ କାର୍ଗିଲ୍ ବିଜୟ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି ବିଜୟ ଉତ୍ସବ କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ଶ୍ରୀଯୁକ୍ତ ପ୍ରଦୀପ ବଳ ସାମନ୍ତ,ଯାଜପୁର ମାନ୍ୟବର ସାଂସଦ,ଶ୍ରୀଯୁକ୍ତ ରବିନାରାୟଣ ବେହେରା,କୋରେଇ ବିଧାୟକ,ଶ୍ରୀଯୁକ୍ତ ଆକାଶ ଦାସ ନାୟକ, ବଡଚଣା ବିଧାୟକ ଶ୍ରୀଯୁକ୍ତ ଅମର କୁମାର ନାୟକ, ଧର୍ମଶାଳା ବିଧାୟକ ଶ୍ରୀଯୁକ୍ତ ହିମାଂଶୁ ଶେଖର ସାହୁ, ଯାଜପୁର ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଗୌତମ ରାୟ,ବିଞ୍ଝାରପୁର ବିଜେପି ନେତ୍ରୀ ଶ୍ରୀମତୀ ବନ୍ଦିତା ମଲ୍ଲିକ୍ କୋରେଇର ପୂର୍ବତନ ବିଧାୟିକା ଶ୍ରୀମତୀ ସଂଜ୍ଞିତା ମହାନ୍ତି ଯୋଗ ଦେଇଥିଲେ। ଏବଂ ଏହି କାର୍ଗିଲ୍ ବିଜୟ ଉତ୍ସବରେ ଯାଜପୁର ଜିଲ୍ଲାର ବହୁ ବିଜେପି କର୍ମୀ ସମର୍ଥକ ମାନେ ଯୋଗ ଦେଇଥିଲେ।

## କଳ୍ପତରୁ ଦାସଙ୍କ ନବମ ଶ୍ରାଦ୍ଧ ବାର୍ଷିକ ଉତ୍ସବ

**ବ୍ୟାସନଗର,(ମହାଭାରତ) :** ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ସାଂସଦ ସ୍ୱର୍ଗତ କଳ୍ପତରୁ ଦାସଙ୍କ ନବମ ଶ୍ରାଦ୍ଧ ବାର୍ଷିକରେ କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ସଭା ଜାରକା ସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ପୂର୍ବତନ ସାଂସଦ ରିତା ତରାଇ ଓ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସମସ୍ତେ ସ୍ୱର୍ଗତ କଳ୍ପତରୁ ଦାସଙ୍କ ଉଦେଶ୍ୟରେ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ କଳ୍ପତରୁ ଦାସଙ୍କ ସମୟରେ ଧର୍ମଶାଳାରେ ହୋଇଥିବା ବିକାଶକୁ ନେଇ ବୁଦ୍ଧିଜୀବୀ ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ କହିଛନ୍ତି।

## ନଦୀରେ ବୁଡ଼ି ବୃଦ୍ଧ ମୃତ

**ଆସିକା,(ମହାଭାରତ) :** କବିସୂର୍ଯ୍ୟନଗର ଥାନା ବାଲିଛାଇ ଫାଣ୍ଡି ଅଧିନ ଓସିଙ୍ଗି ଗ୍ରାମ ନିକଟ ଧନେଇ ନଦୀରେ ବୁଡ଼ି ଜଣେ ବୃଦ୍ଧ ଙ୍କ ମୃତ୍ୟୁ ହୋଇଛି। ମୃତବ୍ୟକ୍ତି ସେହି ଗ୍ରାମର ବନମାଳୀ ନାହାକ (୭୯)ହୋଇଥିବା ଜଣାପଡିଛି । ବନମାଳୀ ଆଜି ସକାଳୁ ନଦୀକୁ ଗାଧୋଇବାକୁ ଯାଇ ଆଉ ଫେରିନଥିଲେ କ୍ଷ ପରିବାର ଲୋକେ ତାଙ୍କୁ ବହୁ ଖୋଜା ଖୋଜି ପରେ ବି କୌଣସି ସନ୍ଧାନ ନପାଇବାରୁ କବିସୂର୍ଯ୍ୟନଗର ଅଗ୍ନିଶମ ବାହିନୀ କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ବହୁ ଖୋଜାଖୋଜି ପରେ ନଦୀରୁ ବନମାଳୀଙ୍କୁ ଉଧାରକରିବା ସହ ଚିକିତ୍ସା ନିମନ୍ତେ ଆସିକା ମେଡ଼ିକାଲରେ ଭର୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିବା ଜଣାପଡିଛି । ଖବରପାଇ ବାଲିଛାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।



## ଭଙ୍ଗା ଘରେ ବିତୁଛି କୈଳାସଙ୍କର ଜୀବନ

**ହିନ୍ଦୋଳ,(ମହାଭାରତ) :** ଗରିବ ଶ୍ରେଣୀର ଲୋକଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଛନ୍ତି। କୋଟିକୋଟି ଟଙ୍କା ମଧ୍ୟ ସେଥିରେ ଖର୍ଚ୍ଚ କରୁଛନ୍ତି। କିନ୍ତୁ ବାସ୍ତବରେ ସେ ଯୋଜନା ଗରିବ ଶ୍ରେଣୀର ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଯାହାଫଳରେ ଗରିବ ଲୋକଟିଏ ଅସନ୍ତୋଷ ପ୍ରକାଶ କରିବା ସହ ଭାଗ୍ୟ କୁ ଆଦରି ପଡ଼ି ରହୁଛି। ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ହିନ୍ଦୋଳ ବ୍ଲକ୍ କାରନ୍ଦା ପଞ୍ଚାୟତ କାରନ୍ଦା ଗ୍ରାମରେ। କାରନ୍ଦା ଗ୍ରାମ ବଡ଼ ସାହିର ବାସିନ୍ଦା କୈଳାସ ସାହୁ (୭୦) ଓ ଚତୁରୀ ସାହୁ (୬୦) ଉଭୟ ଦମ୍ପତ୍ତି ପରିଣତ ବୟସରେ ପହଞ୍ଚିଲେଣି ଅଥଚ ଏପର୍ଯ୍ୟନ୍ତ ତାଙ୍କୁ ଘର ଖଣ୍ଡେ ମିଳିନାହିଁ। ଆଶା ଭରସା ବୋଲି ତାଙ୍କର କେହି ନାହିଁ। ବଡ଼ ଦୁଃଖ ଆଉ ପରିତାପର ବିଷୟ କି ଯାହାର ଘର ଅଛି ତାକୁ ଘର ମିଳୁଛି ଅଥଚ କୈଳାସ ଭଙ୍ଗା ଦଦରା ଚାଳ ଛପର ଘରେ ଦିନ କାଟୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କୁ ଘର ଖଣ୍ଡେ ମିଳିନାହିଁ। ଘର ଟିଏ ପାଇଁ ନେତା ଠାରୁ ପ୍ରଶାସନିକ ଅଧିକାରୀ ସମସ୍ତଙ୍କୁ ଗୁହାରି କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରି ନାହାଁନ୍ତି । ତେଣୁ ଭାଗ୍ୟକୁ ଆଦରି ସେହି ଭଙ୍ଗା ଦଦରା ବିପଦପୂର୍ଣ୍ଣ ଚାଳ ଛପର ଘରେ ପଡ଼ି ରହିଛନ୍ତି। ହେଲେ ଦଇବ ସାଜିଲା ଭଗାରୀ। କୈଳାସ ରହୁଥିବା ସେ ଭଙ୍ଗା ଦଦରା ଘର ଲଘୁଚାପ ର ଲଗାଣ ବର୍ଷାରେ ଘରର କାନ୍ଥ ଭାଙ୍ଗି ଭୁଶୁଡ଼ି ପଡିଲା । ଯାହାଫଳରେ ସେ ପର ଘରେ ଆଶ୍ରୟ ନେଇଛନ୍ତି। କୈଳାସ ଙ୍କୁ ତୁରନ୍ତ ଆବାସ ଯୋଜନା ମାଧ୍ୟମରେ ଘର ଖଣ୍ଡେ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ସଂପର୍କରେ ଆମ୍ଭେ କାରନ୍ଦା ପଞ୍ଚାୟତ ସରପଞ୍ଚ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ହେଁ ସମ୍ଭବ ହୋଇପାରିନଥିଲା। ଦେଖିବାକୁ ବାକି ରହିଲା ଏ ଖବର ପ୍ରକାଶ ପାଇବା ପରେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଥିବା ପ୍ରଶାସନର ନିଦ ଭାଙ୍ଗୁଛି କି ନାହିଁ।



## ବନ୍ଦର ସିଆଇଏସଏଫ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ

**ପାରାଦୀପ,(ମହାଭାରତ) :** କେନ୍ଦ୍ର ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରଣାଳୟ ସଚିବ ଟି.କେ.ରାମଚନ୍ଦ୍ରନ (ଆଇଏଏସ) ପାରାଦୀପ ବନ୍ଦର ପ୍ରାଧିକରଣକୁ ତାଙ୍କର ପ୍ରଥମ ଗସ୍ତରେ ଆସି ଶନିବାର ଦିନ ବନ୍ଦରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ । ଏହି ଅବସରରେ ଶ୍ରୀ ରାମଚନ୍ଦ୍ରନ ଙ୍କୁ ୱେଟ ବେସିନ ଠାରେ ବନ୍ଦର ସିଆଇଏସଏଫ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପରେ ଶ୍ରୀ ରାମଚନ୍ଦ୍ରନ୍ ପାରାଦୀପ ବନ୍ଦର ପ୍ରଶାସନିକ ଭବନ ର ବୋର୍ଡ ରୁମରେ ବନ୍ଦରର କାର୍ଯ୍ୟକାରିତା ସମୀକ୍ଷା କରିଥିଲେ ଏବଂ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଓ ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତାଙ୍କ ଉପସ୍ଥିତିରେ ବନ୍ଦର ଉଚ୍ଚ ଅଧିକାରୀ ମାନେ କେନ୍ଦ୍ର ସଚିବଙ୍କ ସହ ବନ୍ଦର ଅଗ୍ରଗତି ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ପାରାଦୀପ ବନ୍ଦର ପ୍ରାଧିକରଣ ଦ୍ୱାରା ନିଆଯାଇଥିବା ବ୍ୟବସାୟିକ ପଦକ୍ଷେପ ଗୁଡିକର ସହଜତାକୁ ପ୍ରଶଂସା କରି ସଚିବ



ଶ୍ରୀ ରାମଚନ୍ଦ୍ରନ ଆଗାମୀ ବର୍ଷଗୁଡ଼ିକରେ ପାରାଦୀପ ବନ୍ଦର ଶୀର୍ଷରେ ପହଞ୍ଚିବ ବୋଲି ଆଶା କରିଥିଲେ । ଏହି ଗସ୍ତ ସମୟରେ, ପାରାଦୀପ ବନ୍ଦରର ସିଏସଆର କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡିଶାର ଶିକ୍ଷିତ ଯୁବକ ଯୁବତୀ ମାନଙ୍କ ଦକ୍ଷତା ବିକାଶ ପାଇଁ ସିପେଟ ଅନୁଷ୍ଠାନ କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହା ପରେ ସଚିବ ପ୍ରଥମେ ପାରାଦୀପରେ ପ୍ରସ୍ତାବିତ ସାମୁଦ୍ରିକ ସଂଗ୍ରହାଳୟର ପ୍ରକଳ୍ପ ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ତା'ପରେ ସେ ପାରାଦୀପ ବନ୍ଦର ହସ୍ପିଟାଲର ନବନିର୍ମିତ ଆନେକ ବିଲ୍ଡିଂରେ ପ୍ରସ୍ତାବିତ ଟ୍ରମା ଏବଂ ବର୍ନ କେୟାର (ଟିବିସି) କେନ୍ଦ୍ରର ଉଦଘାଟନ କରିଥିଲେ । ୨.୯୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଟିବିସି କେନ୍ଦ୍ର ନିର୍ମାଣ ପାରାଦୀପ ବନ୍ଦର ଏବଂ ଏହାର ଆଖପାଖରେ ପୋଡି ଏବଂ ଆଘାତ ପୀଡିତଙ୍କ ପାଇଁ ଆରୋଗ୍ୟକାରୀ ଥଇଥାନ ସେବା ଯୋଗାଇବା ପାଇଁ ଏକ ଉତ୍ସର୍ଗୀକୃତ କେନ୍ଦ୍ର ହେବ। ଏହା ପରେ ସେ ପାରାଦୀପ ବନ୍ଦରର ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟର ମୂଳଦୁଆ ପକାଇଲେ ଯାହା ୧୦.୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଛି। ଏହି ପ୍ଲାଣ୍ଟରେ ତାଳଦାଣ୍ଡା କେନାଲ ମାଧ୍ୟମରେ ଅଶୋଧିତ ଜଳ ସଂଗ୍ରହ କରାଯାଇ ଏହି ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ରେ ବିଶୋଧିତ ହୋଇ ପାରାଦୀପ ବନ୍ଦରର ଜଳ ଭିତ୍ତିଭୂମି ବୃଦ୍ଧି କରିବ ଏବଂ ପୋର୍ଟ ଟାଉନସିପ୍ ନାଗରିକମାନଙ୍କୁ ଗୁଣାତ୍ମକ ପାନୀୟ ଜଳ ଯୋଗାଇବ । ଏହି ପ୍ଲାଣ୍ଟରେ ପ୍ରତିଦିନ ୧୬ ମିଲିୟନ୍ ଲିଟର ପାଣି ଫିଲ୍ଟର କରିବାର କ୍ଷମତା ରହିବ ଏବଂ ଏହି ପ୍ରକଳ୍ପ ଡିସେମ୍ବର ୨୦୨୪ ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଉଛି। ଏଥିସହ ଶ୍ରୀ ରାମଚନ୍ଦ୍ରନ୍ ବନ୍ଦରର କୋଇଲା ପରିଚାଳନା ପ୍ଲାଣ୍ଟର ଯୋଜନା, କାର୍ଯ୍ୟକାରିତା ଏବଂ ସମ୍ପ୍ରସାରଣ, ଜେଏସଡବ୍ଲୁପିଟିପିଏଲ ଏବଂ କେଆଇସିଟି ସାଇଲୋ ଟ୍ୱିନ୍ ୱାଗନ୍ ଟିପ୍ଲର ର ସମୀକ୍ଷା କରି ଉତ୍ପାଦନ ବୃଦ୍ଧି ପାଇଁ ପ୍ରକ୍ରିୟାରେ ଉନ୍ନତିମୂଳକ ପଦକ୍ଷେପ ପାଇଁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ସଚିବ ରାମଚନ୍ଦ୍ରନ୍‌ଙ୍କ ପତ୍ନୀ ବି.ଭି. ସତ୍ୟବତୀ ପାରାଦୀପ ବନ୍ଦରର ସାମାଜିକ ଶାଖା ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ବନ୍ଦର ଅଫିସର୍ସ କ୍ଲବ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଲେଡିଜ କ୍ଲବ ର ସଭାନେତ୍ରୀ ପି. ଗିରିଜା ସୁନ୍ଦରୀଙ୍କ ସମେତ କ୍ଲବର ବହୁ କର୍ମକର୍ତ୍ତା ଓ ସଦସ୍ୟା ମାନେ ଉପସ୍ଥିତ ଥିଲେ।

## ତିନିଦିନ ମଧ୍ୟରେ ଦୁର୍ଘଟଣାରେ ୪୫ରୁ ଉର୍ଦ୍ଧ୍ୱ ଗାଈଗୋରୁ ମୃତ୍ୟୁ

**ବାଲୁଗାଁ,(ମହାଭାରତ) :** ତିନି ଦିନ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ନାଉଲ ଛକ ଠାରୁ ସୁନଖେଳା ଛକ ପର୍ଯ୍ୟନ୍ତ ଦିର୍ଘ ୧୭ କିମି ଭିତରେ ସଡକ ଦୁର୍ଘଟଣାରେ ୪୫ ରୁ ଉର୍ଦ୍ଧ୍ୱ ଗାଈ ଗୋରୁ ମୃତ୍ୟୁ ବରଣ କରିଛନ୍ତି।ଯାହାକି ବିଭିନ୍ନ ଦ୍ରୁତଗାମୀ ଯାନ ଦୁର୍ଘଟଣା ଜନୀତ କାରଣରୁ ବେଲପଡା, ବାଲୁଗାଁ ଓଭର ବ୍ରିଜ, ବିଷ୍ଣୁଡିହ, କୋଟରି, ସୋଲାରୀ, ନାଚୁଣି, ସୁନଖେଳା ଆଦି ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ନୀରିହ ପ୍ରାଣୀଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ସହିତ କିଛି ଜୀବିତ ପ୍ରାଣୀ ଅତ୍ୟନ୍ତ ଦୟନୀୟ ଓ ମୁମୂର୍ଷୁ ଅବସ୍ଥାରେ ପଡିରହିଛନ୍ତି। ସେମାନଙ୍କୁ ଉଦ୍ଧାର କରି କିଛି ଜୀବ ପ୍ରେମୀ ଓ ସ୍ଥାନୀୟ ଜନସାଧାରଣ ନିକଟରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ପଠାଇ ଥିବାବେଳେ ସେଠାରେ ଦୁର୍ଘଟଣା ଗ୍ରସ୍ତ ପ୍ରାଣୀଙ୍କୁ ସୁ ଚିକିତ୍ସା ମିଳୁନଥିବା ଅଭିଯୋଗ ହୋଇଛି। ଯାହାଫଳରେ ସାଧାରଣ ଲୋକ ନିଜ ଖର୍ଚ୍ଚରେ ଗାଡି ଭଡା କରି ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ବିଭିନ୍ନ ପ୍ରାଣୀ ଚିକିତ୍ସାଳୟ ଓ ଗୋ ଶାଳା କୁ ପଠାଉଥିବା ଜଣାପଡିଛି।ବିଭିନ୍ନ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ଘଟଣା ଗ୍ରସ୍ତ ପ୍ରାଣୀ ମାନଙ୍କୁ ଜାତୀୟ ରାଜପଥ ଉପରୁ ଚିକିତ୍ସା କେନ୍ଦ୍ର କିମ୍ବା ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ତ୍ୱରିତ ପ୍ରାଣୀ ଚିକିତ୍ସାଳୟକୁ ନେବାକୁ କୌଣସି ପ୍ରକାରରେ ଆଗ୍ରହ ପ୍ରକାଶ କିମ୍ବା ସହାୟତା କରିବା ଦେଖିବାକୁ ମିଳୁନାହିଁ। ଏପରିକି ଦୁର୍ଘଟଣାରେ ମୃତ ପ୍ରାଣୀ ଶରୀରକୁ ରାସ୍ତା ଉପରୁ ହଟାଇବା ପାଇଁ କୌଣସି ପ୍ରକାର ସହଯୋଗ ମିଳୁନାହିଁ।ଖୋର୍ଦ୍ଧା ଜିଲ୍ଲାର ମୁଖ୍ୟ ପ୍ରାଣୀ ଚିକିତ୍ସକ,ଜିଲ୍ଲାପାଳ, ପ୍ରାଣୀକଲ୍ୟାଣ ନିର୍ଦ୍ଦେଶକ ତୁରନ୍ତ ଦୁର୍ଘଟଣା ଗ୍ରସ୍ତ ପ୍ରାଣୀମାନଙ୍କୁ ଉଦ୍ଧାର କରି ନେବା ସହିତ ଆମ୍ବୁଲାନ୍ସ ତୁରନ୍ତ ଯୋଗାଇବାକୁ ସାଧାରଣରେ ଦାବୀ ହେଉଛି। ଚିଲିକା ଅଞ୍ଚଳ ବିଭିନ୍ନ ଗ୍ରାମାଞ୍ଚଳରେ ବୁଲା ଗାଈଗୋରୁ ଫସଲ ଖାଉଥିବା ଅଭିଯୋଗ କରି ରାତ୍ରିରେ କିଛି ମୁଷ୍ଟିମେୟ ଲୋକ ୧୬ ନଂ ଜାତୀୟ ରାଜପଥ ଉପରକୁ ଏହି ଗାଈଗୋରୁଙ୍କୁ ଘଉଡାଇବା ଦ୍ୱାରା ବେଲପଢ଼ା,ଧୁଆଳ, କୋଟରୀ, ସୁନାଖେଳା, ବଡ଼କୁଳ ଆଦି ଛକ ନିକଟରେ ରାସ୍ତା କଡରେ ଏହି ଗାଈଗୋରୁ ଆଶ୍ରୟ ନେଇଥିବା ବେଳେ ମଧ୍ୟ ରାତ୍ରିରେ ବେପାରୁଆ ଗାଡି ଚାଳନା ଫଳରେ ଦୁର୍ଘଟଣା ଘଟୁଥିବା ଜଣାପଡିଛି। ଚିଲିକା ଅଞ୍ଚଳରେ ଗୋ ଶାଳା ଅଭାବ ଯୋଗୁଁ ବହୁ ସଂଖ୍ୟକ ଦୁର୍ଘଟଣାଗ୍ରସ୍ତ, ରୋଗାକ୍ରାନ୍ତ ଗାଈଗୋରୁ ଖାଦ୍ୟ ଅଭାବ ଓ ଉପଯୁକ୍ତ ଚିକିତ୍ସା ଅଭାବରୁ ବାଲୁଗାଁ ବଜାର ଓଭର ବ୍ରିଜ ଉପରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି। ମଧ୍ୟ ରାତ୍ରିରେ ଜାତୀୟ ରାଜପଥ ଉପରେ ନିୟମିତ ପୋଲିସ ପାଟ୍ରୋଲିଂ ହେଉନଥିବା ବେଳେ ଏହି ସବୁ ଘଟଣା ଘଟୁଥିବା ଅଭିଯୋଗ ହେଉଛି। ବାଲୁଗାଁ-ବାଣପୁର ଓଭର ବ୍ରିଜ ପାଖରେ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ପୋଲିସ ଚୌକି ଥିବା ବେଳେ ରାତ୍ରିରେ ସଦାସର୍ବଦା ବନ୍ଦ ରହୁଛି।ରାତ୍ରୀ ସମୟରେ ଏହି ଚୌକି ଖୋଲା ରହିଲେ ଜାତୀୟ ରାଜପଥ ଉପରେ ଘଟୁଥିବା ଘଟଣା ଉପରେ ସତର୍କ ନଜର ସହିତ ବିଭିନ୍ନ ଦୁର୍ଘଟଣାକୁ ରୋକାଯାଇପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।

# ପ୍ରଥମ ଟି-୨୦ : ଶ୍ରୀଲଙ୍କାକୁ ୪୩ ରନରେ ହରାଇଲା ଭାରତ

**କଲମ୍ବୋ,୨୭।୭:** ଶ୍ରୀଲଙ୍କାର ପାଲ୍ଲେକେଲେ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯାଉଥିବା ପ୍ରଥମ ଟି-୨୦ ମ୍ୟାଚରେ ଶ୍ରଲଙ୍କାକୁ ୪୩ ରନରେ ପରାସ୍ତ କରିଛି ଭାରତ। ଭାରତ ପକ୍ଷରୁ ୨୧୪ ରନର ଲକ୍ଷ୍ୟ ରଖାଯାଇଥିବାବେଳେ ଶ୍ରୀଲଙ୍କା ୧୯.୨ ଓଭରରେ ୧୭୦ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ପ୍ରଥୁମ ନିଶଙ୍କା ୭୯ ରନ ଓ କୁଶଲ ମେଣ୍ଡିସ ୪୫ ରନ କରିଥିଲେ କିନ୍ତୁ ଦଳର ଅନ୍ୟ ବ୍ୟାଟ୍ସମ୍ୟାନମାନେ ବିଫଳ ହୋଇଥିଲେ।



ଘରୋଇ ଶ୍ରୀଲଙ୍କା ଦଳର ଅଧିନାୟକ ଚରିଥ୍ ଆଶାଲଙ୍କା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଟିମ୍ ଇଣ୍ଡିଆ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ବ୍ୟାଟିଂ ଆରମ୍ଭ କରିଥିଲା ଧାର୍ଯ୍ୟ ୨୦ ଓଭରରେ ଟିମ୍ ଇଣ୍ଡିଆ ୭ୱିକେଟ ହରାଇ ୨୧୩ ରନ୍ କରିଥିଲା। ଫଳରେ ଶ୍ରୀଲଙ୍କା ପାଇଁ ବିଜୟ ଲକ୍ଷ୍ୟ ୨୧୪ ରନ୍ ରହିଥିଲା ଟିମ୍ ଇଣ୍ଡିଆ ପକ୍ଷରୁ ଶୁଭମନ ଗିଲ୍ ୩୪ ରନ୍ କରିଥିବାବେଳେ ଯଶସ୍ୱୀ ଜୟସ୍ୱାଲ ୪୦ ରନ୍ କରିଥିଲେ। ସେହିପରି ସୂର୍ଯ୍ୟକୁମାର ଯାଦବ ୫୮ ରନ୍, ଋଷଭ ପନ୍ତ ୪୯ ରନ୍ , ହାର୍ଦ୍ଦିକ ପାଣ୍ଡ୍ୟା ୯ ରନ୍, ରିୟାନ ପରାଗ ୭ ରନ୍, ରିଙ୍କୁ ସିଂ ୧ ରନ୍ , ଅକ୍ଷର ପଟେଲ ୧୦ ରନ୍ ,ଏବଂ ରବି ବିଶ୍ଣୋଇ ୧ ରନ୍ କରିଥିଲେ।

### ପ୍ୟାରିସ୍ ଅଲିମ୍ପିକ୍ସ : ଏୟାର ପିସ୍ତଲ ମହିଳା ଇଭେଣ୍ଟ

# ଭାରତର ମନୁ ଭାକର ତୃତୀୟ ସ୍ଥାନରେ

**ପ୍ୟାରିସ,୨୭।୭:** ପ୍ୟାରିସ୍ ଅଲିମ୍ପିକ୍ସର ୧୦ ମିଟର ଏୟାର ପିସ୍ତଲ ମହିଳା ଇଭେଣ୍ଟରେ ଭାରତର ମନୁ ଭାକର ତୃତୀୟ ସ୍ଥାନରେ ରହିଥିଲେ। ଫଳରେ ସେ ଫାଇନାଲରେ ପ୍ରବେଶ କରିଛନ୍ତି। ଏଭଳି ଭାବେ ଇତିହାସ ରଚିଛନ୍ତି ମନୁ ଭାକର। ତେବେ ଏହାବ୍ୟତୀତ ଭାରତର ଦ୍ୱିତୀୟ ଶୁଟର ରିଦ୍ଧିମା ସାଙ୍ଗୱାନ ୧୫ ତମ ସ୍ଥାନରେ ରହିଛନ୍ତି। ୨୦ ବର୍ଷ ପରେ ଜଣେ ଭାରତୀୟ ମହିଳା ଶୁଟର ଅଲିମ୍ପିକ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶେଷ ଥର ପାଇଁ ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ୧୦ ମିଟର ଏୟାର ପିସ୍ତଲ ମହିଳା ଇଭେଣ୍ଟର ଫାଇନାଲରେ ପହଞ୍ଚିଥିଲେ ସୁମା ଶିରୁର। କିନ୍ତୁ ଏହା ପରେ କୌଣସି ଭାରତୀୟ ମହିଳା ଶୁଟର ୨୦ ବର୍ଷ ପର୍ଯ୍ୟନ୍ତ ଅଲିମ୍ପିକ୍ସ ଫାଇନାଲରେ ପ୍ରବେଶ କରିପାରିନଥିଲେ।



ଯୋଗ୍ୟତା ପର୍ଯ୍ୟାୟରେ ମନୁ ଭାକର ୫୮୦-୨୭ ସ୍କୋର କରିଥିଲେ। ସେହିପରି ରିଦମ ସାଙ୍ଗୱାନ ୫୭୩-୧୪ ସ୍କୋର କରିଥିଲେ। ଭାରତୀୟ ସମୟ ଅନୁସାରେ ରବିବାର ଅପରାହ୍ନ ସାଢ଼େ ୩ଟାରେ ଫାଇନାଲ୍ ଖେଳାଯିବ। ତେବେ ଭାରତୀୟ ପ୍ରଶଂସକମାନେ ମନୁ ଭାକରଙ୍କ ଠାରୁ ପଦକ ଆଶା ରଖିଛନ୍ତି। ଏହି ଫାଇନାଲରେ ୩ଟି ସ୍ୱର୍ଣ୍ଣ, ରୌପ୍ୟ ପଦକ ଓ କାଂସ୍ୟ ପଦକ ପାଇଁ ୮ ଜଣ ଶୁଟରଙ୍କ ମଧ୍ୟରେ ମୁକାବିଲା ହେବ।

### ବିଜୟ ସହ ଅଭିଯାନ ଆରମ୍ଭ କରିଛି ଭାରତୀୟ ହକି ଦଳ

# ନ୍ୟୁଜିଲାଣ୍ଡକୁ ୩-୨ ଗୋଲରେ ହରାଇଲା



**ପ୍ୟାରିସ,୨୭।୭:** ବିଜୟ ସହ ଅଭିଯାନ ଆରମ୍ଭ କରିଛି ଭାରତୀୟ ହକି ଦଳ। ପୁଲି-ବିର ଖେଳାଯାଇଥିବା ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୩-୨ ଗୋଲରେ ବିଜୟ ହାସଲ କରିଛି। ଏକଦା ୧-୦ ଗୋଲରେ ପଛରେ ଥିବା ଭାରତ ବ୍ୟାକ୍ ଟୁ ବ୍ୟାକ ଦୁଇଟି ଗୋଲ କରି ୨-୧ରେ ଲିଡ୍ କରିଥିଲା। ପରବର୍ତ୍ତୀ ସମୟରେ ନ୍ୟୁଜିଲାଣ୍ଡ କମବ୍ୟାକ କରିବା ସହ ସ୍କୋର ୨-୨ରେ ବରାବର ରହିଥିଲା। ମ୍ୟାଚର ଶେଷ କ୍ୱାର୍ଟରରେ ଭାରତକୁ ମିଳିଥିବା ଏକ ପେନାଲ୍ଟି ଷ୍ଟ୍ରୋକକୁ ଅଧିନାୟକ ହରମନପ୍ରୀତ ସିଂ ଗୋଲରେ ପରିଣତ କରିବା ସହ ଭାରତକୁ ୩-୨ ଗୋଲରେ ବିଜୟୀ କରାଇଛନ୍ତି।

# ଅବସର ନେଇ ବି ଆୟ କରୁଛନ୍ତି କୋଟି କୋଟି ଟଙ୍କା

**ନୂଆଦିଲ୍ଲୀ,୨୭।୭:** ଯେତେବେଳେ ଭାରତ ସମେତ ବିଶ୍ୱରେ କ୍ରିକେଟ୍ ବିଷୟରେ ଆଲୋଚନା ହୁଏ, ସେତେବେଳେ ମନକୁ ପ୍ରଥମେ ଆସେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ନାଁ ଖାଲି ସେତିକି ନୁହେଁ, ଭାରତୀୟ କ୍ରିକେଟରେ ତାଙ୍କର ଯେଉଁ ଭୂମିକା ରହିଥିଲା, ତାହା ଭୁଲିପାରିବା ଅସମ୍ଭବ। ସେ ତାଙ୍କ କ୍ୟାରିୟରରେ ଏତେ ରେକର୍ଡ କରିଛନ୍ତି ଯେ ତାଙ୍କ ନାଁ କ୍ରିକେଟ୍ ଇତିହାସରେ ରେକର୍ଡ ହୋଇଛି। ଯଦିଓ ସେ କ୍ରିକେଟରୁ ଏବେ ଅବସର ନେଇଛନ୍ତି, ତଥାପି ରୋଜଗାର କ୍ଷେତ୍ରରେ ସେ ଆଗରେ ଅଛନ୍ତି। ଖୁବ କମ ବୟସରୁ ସେ କ୍ରିକେଟ ଖେଳିବା ଆରମ୍ଭ କରିଥିବା ବେଳେ ନିଜ କ୍ୟାରିଅରରେ ସେ ବହୁତ ଟଙ୍କା ରୋଜଗାର କରିଥିଲେ। ରିପୋର୍ଟ ଅନୁଯାୟୀ, ସଚିନ ତେନ୍ଦୁଲକରଙ୍କ ମୋଟ ସମ୍ପତ୍ତି ମୂଲ୍ୟ ପ୍ରାୟ ୧୬୫ନିୟୁତ ଡଲାର ଟଙ୍କା କ୍ରିକେଟରୁ ଅବସର ନେବା ପରେ ମଧ୍ୟ



ସେ ବିଜ୍ଞାପନ ତଥା ଅନ୍ୟାନ୍ୟ ଉପାୟରୁ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ସଚିନ ତେନ୍ଦୁଲକର କ୍ରିକେଟରୁ ଅବସର ନେଇଥିଲେ ବି ବଡ ବ୍ରାଣ୍ଡଗୁଡ଼ିକ ଏବେ ବି ତାଙ୍କୁ ନିଜ ପ୍ରଡକ୍ଟର ବିଜ୍ଞାପନରେ ନେବା ବନ୍ଦ କରିନାହାନ୍ତି। ସଚିନ ଏବେ ବୁଷ୍ଟ, ଅନଏକାଡେମି, କାଷ୍ଟ୍ରୋଲ ଇଣ୍ଡିଆ, ବିଏମଡବ୍ଲୁ, ଲୁମିନସ ଇଣ୍ଡିଆ, ସନ୍ଫିଷ୍ଟ, ଏମଆରଏଫ ଟାୟାର, ଅଭିଭା ଇନସୁରାନ୍ସ, ପେପସି, ଆଡିଡାସ୍, ଭିସା, ଲୁମିନସ, ସାନୋ, ବିପିଏଲ୍, ଫିଲିପ୍ସ, ସ୍ପିନି ଭଳି କମ୍ପାନିର ବିଜ୍ଞାପନ କରୁଛନ୍ତି। ଏହା ବ୍ୟତୀତ ଜିଓ ସିନେମା ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ, ଏମଏସ ଧୋନି ଏବଂ ସ୍ମୃତି ମନ୍ଧାନାଙ୍କ ସହ ସଚିନ ତେନ୍ଦୁଲକରଙ୍କୁ ମଧ୍ୟ ନିଜର ବ୍ରାଣ୍ଡ ଆମ୍ବାସାଡର କରିଛି।

# ବୁମରାଙ୍କ ପସନ୍ଦର ଅଧିନାୟକ ନିଜେ

**ନୂଆଦିଲ୍ଲୀ,୨୭।୭:** ଭାରତର ଷ୍ଟାର ପେସର୍ ଜସପ୍ରୀତ ବୁମରା ତାଙ୍କର ପ୍ରିୟ ଭାରତୀୟ ଅଧିନାୟକଙ୍କ ନାମ କହି ସମସ୍ତଙ୍କୁ ଚମକାଇ ଦେଇଛନ୍ତିୟ ଏମଏସ ଧୋନି, ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଭଳି ଖେଳାଳିଙ୍କ ଅଧିନାୟକତ୍ୱରେ ଖେଳିଥିବା ବୁମରା ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ କାହାର ନାମ ପସନ୍ଦର ଅଧିନାୟକ ଭାବେ ନେଇ ନାହାଁନ୍ତି। ୩ଜଣ ଷ୍ଟାର କ୍ରିକେଟରଙ୍କ ନାମ ନେବା ପରିବର୍ତ୍ତେ



ବୁମରା ନିଜର ନାମ ନେଇଛନ୍ତି। ତାଙ୍କ କହିବା ମୁତାବକ, ସେ ନିଜେ ଅନେକ ଥର ଭାରତର ନେତୃତ୍ୱ ନେଇଛନ୍ତି। ତେଣୁ ସେ ନିଜକୁ ତାଙ୍କର ପ୍ରିୟ ଅଧିନାୟକ ଭାବରେ ବାଛିବାକୁ ଚାହିବେ। ନିଜ ନାମ ନେବା ପରେ ଗତ କିଛି ବର୍ଷ ମଧ୍ୟରେ ରୋହିତ ଯେଉଁଭଳି ଭାବେ ଟିମ୍ ଇଣ୍ଡିଆର ନେତୃତ୍ୱ ନେଇଛନ୍ତି, ତାକୁ ବୁମରା ପ୍ରଶଂସା କରିଥିଲେ।

ଉଲ୍ଲେଖଯୋଗ୍ୟ, ଟି-୨୦ ବିଶ୍ୱକପ ଜିତିବା ପରେ ବୁମରା ଶ୍ରୀଲଙ୍କା ବିପକ୍ଷ ଓଡିଆଇ ଏବଂ ଟି-୨୦ ସିରିଜରୁ ବିଶ୍ରାମ ନେଇଛନ୍ତି। ଜୁଲାଇ ୧, ୨୦୨୨ରେ ବର୍ମିଂହମରେ ପୁନଃ ନିର୍ଦ୍ଧାରିତ ୫ମ ଟେଷ୍ଟ ସମୟରେ ବୁମରା ଇଂଲଣ୍ଡ ବିପକ୍ଷରେ ଭାରତ ପାଇଁ ଅଧିନାୟକତ୍ୱ କରିଥିଲେ। ଗତ ବର୍ଷ ଡବଲିନରେ ଆୟର୍ଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ଦୁଇଟି ଟି-୨୦ରେ ଭାରତୀୟ ଟିମର ନେତୃତ୍ୱ ନେବାର ସୁଯୋଗ ପାଇଥିଲେ ବୁମରା।

# ପ୍ୟାରିସ୍ ଅଲିମ୍ପିକ୍ସରେ ପ୍ରଥମ ସ୍ୱର୍ଣ୍ଣ ଜିତିଲା ଚାଇନା



**ପ୍ୟାରିସ,୨୭।୭:** ପ୍ୟାରିସରେ ଚାଲିଥିବା ୨୦୨୪ ଅଲିମ୍ପିକ୍ସରେ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛି ଚାଇନା। ୧୦ ମିଟର ଏୟାର ରାଇଫଲ ମିକ୍ସଡ ଇଭେଣ୍ଟରେ ଚାଇନା ଟିମ ଦମଦାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ବକଜା କରିଛି। ସେହିପରି କୋରିଆ ରୌପ୍ୟ ପଦକ ଜିତିଥିବା ବେଳେ କାଜାଖସ୍ତାନ ବ୍ରୋଞ୍ଜ ପଦକ ହାତେଇଛି। ବ୍ରୋଞ୍ଜ ପଦକ ମ୍ୟାଚରେ କାଜାଖସ୍ତାନ ୧୭-୫ରେ ଜର୍ମାନୀକୁ ହରାଇ ଦେଇଛି। କାଜାଖସ୍ତାନ ଶୁଟର ଆଲେକ୍ସଣ୍ଡ୍ରାଲେ ଓ ଇସଲାମ ସତପେଭ ବ୍ରୋଞ୍ଜ ପଦକ ଜିତିଛନ୍ତି। ବ୍ରୋଞ୍ଜ ପଦକ ଲଢ଼େଇ ପରେ ସ୍ୱର୍ଣ୍ଣ ପଦକ ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ଚାଇନା ଖେଳାଳି ୧୬-୧୨ରେ କୋରିଆକୁ ପରାସ୍ତ କରିଛନ୍ତି। ଚାଇନାର ହୁଆଙ୍ଗ ୟୁଟିଙ୍ଗ ଓ ଶେଙ୍ଗ ଲିହାଓ କୋରିଆର କିମ ଜି ଓ ପାର୍କ ହାଉଜୁନଙ୍କୁ ହରାଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।

# ଦିନକୁ ଗୋଟେ କେଜି ମଟନ ନଖାଇଲେ ସାମିଙ୍କର ବୋଲିଂର ଗତି କମିଯାଏ: ଉମେଶ କୁମାର

**ମୁମ୍ବାଇ,୨୭।୭:** ଗୋଡ଼ରେ ଆଘାତ କାରଣରୁ ନଭେମ୍ବର ୨୦୨୩ପରଠାରୁ କୌଣସି ମ୍ୟାଚ ଖେଳିନାହାଁନ୍ତି ଭାରତୀୟ ପେସର ମହମ୍ମଦ ସାମି। ଶେଷଥର ପାଇଁ ସେ ୨୦୨୩ରେ ହୋଇଥିବା ଦିନିକିଆ ବିଶ୍ୱକପ ଫାଇନାଲରେ ସେ ଖେଳିଥିଲେ। ସେବେଠାରୁ ଗୋଡରେ ଲାଗିଥିବା ଆଘାତ ପାଇଁ ସେ ଚିକିତ୍ସିତ ହେଉଥିଲେ। ଏବେ ଚିକିତ୍ସା ସରିଥିବା ବେଳେ ପୁଣି ଥରେ ପଡିଆକୁ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି ସାମି। ଏଥିପାଇଁ ସେ ଡାଏଟିଂ କରିବା ସହ ବ୍ୟାୟାମ କରୁଛନ୍ତି। ଏମଧ୍ୟରେ ତାଙ୍କ ସାଙ୍ଗ ଉମେଶ କୁମାର ସାମିଙ୍କ ଖାଇବା ବିଷୟରେ କହିଛନ୍ତି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ସେ କହିଛନ୍ତି, ସାମି ସବୁକିଛି ସହି ପାରିବେ, କିନ୍ତୁ ସାମି ମଟନ୍ ବିନା ବଞ୍ଚି ପାରିବେ ନାହିଁ। ମଟନ୍ ବିନା ସେ ଗୋଟିଏ ଦିନ ବହୁତ କଷ୍ଟରେ ରହିପାରିବେ ହେଲେ ଆପଣ ଦ୍ୱିତୀୟ ଦିନରେ ତାଙ୍କୁ ଉତ୍ତେଜିତ ଦେଖିବେ ଏବଂ ତୃତୀୟ ଦିନରେ ସେ ନିଜ ଉପରୁ ନିୟନ୍ତ୍ରଣ ହରାଇବେ। ଯଦି ସେ ଦିନକୁ ୧କିଲୋଗ୍ରାମ ମଟନ ନ ଖାଆନ୍ତି ତେବେ ତାଙ୍କ ବୋଲିଂର ବେଗ ଘଣ୍ଟା ପ୍ରତି ୧୫ କିଲୋମିଟର ପର୍ଯ୍ୟନ୍ତ କମିଯାଏ। ଏହା ପୂର୍ବରୁ ଉମେଶ କହିଥିଲେ ଯେ, ସାମି ମ୍ୟାଚ୍ ଫିକ୍ସିଂର



ଆରୋପ ଲାଗିବା ସମୟରେ ମୋ ସହ ରହୁଥିଲେ। ମ୍ୟାଚ୍ ଫିକ୍ସିଂର ଆରୋପ ଲାଗିବା ପରେ ତାଙ୍କର ଯାଞ୍ଚ କରାଯାଇଥିଲା। ଯେଉଁଦିନ ରାତିରେ ଯାଞ୍ଚ ହୋଇଥିଲା ସେଦିନ ରାତିରେ ସେ ଶୋଇନଥିଲେ। ମୁଁ ଭୋର ୪ଟା ବେଳେ ପାଣି ପିଇବାକୁ ଉଠିବା ବେଳେ ସେ ବାଲକୋନୀରେ ବସିଥିଲେ। ତାଙ୍କୁ ଦେଖି ମୁଁ ଚମକିପଡ଼ିଲି। ପରେ ତାଙ୍କ ସହ କଥା ହେବାରୁ ଜାଣିପାରିଲି ଯେ, ସେ ଜୀବନ ହାରିବା ବିଷୟରେ ଚିନ୍ତା କରୁଥିଲେ। ସେ ମୋତେ କହିଥିଲେ ମୁଁ ସବୁ ସହିଯିବି। ହେଲେ ଦେଶ ପ୍ରତି ବିଶ୍ୱାସଘାତକତା କରିଥିବାର ଆରୋପ ସହିପାରିବି ନାହିଁ। କିଛି ଦିନ ବିତିବା ପରେ ତାଙ୍କୁ ମ୍ୟାଚ୍ ଫିକ୍ସିଂ ଆରୋପରୁ କ୍ଲିନ ଚିଟ୍ ମିଳିଥିଲା। ସେହି ଦିନ ସାମିଙ୍କ ପାଇଁ ବହୁତ ବଡ଼ ଖୁସିର ଦିନ ଥିଲା।

# ଲଜ୍ଜାଜନକ ରେକର୍ଡର ଅଧିକାରୀ କ୍ଲାଏଭ ମାଣ୍ଡାଡେ

**ନୂଆଦିଲ୍ଲୀ,୨୭।୭:** ଟେଷ୍ଟ କ୍ରିକେଟର ୧୪୭ ବର୍ଷର ଇତିହାସ ମଧ୍ୟରେ ଯାହା ଘଟି ନଥିଲା, ତାହା ଏବେ ଘଟିଛି। ଜିମ୍ବାୱେର ୱିକେଟ କିପର କ୍ଲାଏଭ ମାଣ୍ଡାଡେ ଗୋଟିଏ ଲଜ୍ଜାଜନକ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଆୟର୍ଲ୍ୟାଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚର ଗୋଟିଏ ଇନିଂସରେ ବାଇ ରନ ରୂପ ୪୨ ରନ ଦେଇଛନ୍ତି।

ଜିମ୍ବାୱେ ପାଇଁ ମାଣ୍ଡାଡେ ଆୟର୍ଲ୍ୟାଣ୍ଡ ବିପକ୍ଷ ଟେଷ୍ଟରେ ଡେବ୍ୟୁ କରିଥିଲେ। ଟେଷ୍ଟ ମ୍ୟାଚର ପ୍ରଥମ ଦିନରେ ସେ ଶୂନ କରି ଆଉଟ ହୋଇଥିଲେ। ଜିମ୍ବାୱେ ମଧ୍ୟ ୨୧୦ ରନ କରି ଅଲଆଉଟ ହୋଇଯାଇଥିଲା। ଜିମ୍ବାୱେର ବୋଲିଂ ବେଳେ ମାଣ୍ଡାଡେ କିପିଂ କରିବାକୁ ଆସିଥିଲେ। କିନ୍ତୁ ସେ ବାଇରେ ୪୨ ରନ ଖର୍ଚ୍ଚ କରିଛନ୍ତି। ଆୟର୍ଲ୍ୟାଣ୍ଡ ମଧ୍ୟ ତା'ର ପ୍ରଥମ ଇନିଂସରେ ୨୫୦ ରନ କରିବା ସହ ଜିମ୍ବାୱେ ଠାରୁ ୪୦ ରନର ଲିଡ୍ ହାସଲ କରି ନେଇଥିଲା।



ଏହାପୂର୍ବରୁ ବାଇରନ ରୂପେ କୌଣସି ୱିକେଟ କିପର ସର୍ବାଧିକ ୩୭ ରନ ଦେଇଥିଲା। ଇଂଲଣ୍ଡର ଲେସ ଆମେସ ୧୯୩୪ ମସିହା ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ କିପିଂ କରିବା ବେଳେ ବାଇ ରୂପରେ ୩୭ ରନ ଖର୍ଚ୍ଚ କରିଥିଲେ। ହେଲେ ମାଣ୍ଡାଡେ ୪୦ରୁ ଅଧିକ ରନ ଖର୍ଚ୍ଚ କରି ଲଜ୍ଜାଜନକ ରେକର୍ଡର ଅଧିକାରୀ ହୋଇଛନ୍ତି। ମ୍ୟାଚ୍ କଥା ବିଚାରକୁ ନେଲେ ଜିମ୍ବାୱେର ୨୪୦ ରନର ଜବାବରେ ଆୟର୍ଲ୍ୟାଣ୍ଡ ପ୍ରଥମ ଇନିଂସରେ ୨୫୦ ରନ କରିଥିଲା। ଜିମ୍ବାୱେ ତା'ର ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରି ରିପୋର୍ଟ ଲେଖା ହେବା ବେଳକୁ ୩ ୱିକେଟ ହରାଇ ୬୬ ରନ କରି ନେଇଛି।

# ସୁଟରଙ୍କ ବନ୍ଧୁକର ଯତ୍ନ ନେଉଛନ୍ତି ସ୍ୱର୍ଣ୍ଣ ବିଜେତା ଅମ୍ବେକର

**ନୂଆଦିଲ୍ଲୀ,୨୭।୭:** ୨୦୦୨ରେ ଭାରତୀୟ ଯୁବ ସୁଟର୍ ଅଭିନବ ବିନ୍ଦ୍ରାଙ୍କ ସାଥୀ ଖେଳାଳି ଥିଲେ ସମୀର ଅମ୍ବେକର। ମିଳିତ ଭାବେ ମାଞ୍ଚେଷ୍ଟର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୧୦ ମିଟର ଏୟାର ରାଇଫଲ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେୟ ସେହି ବ୍ୟାଚର ସମସ୍ତ ସୁଟର ସୁମା ଶିରୁର, ସମରେଶ ଜଙ୍ଗ ଓ ଯଶପାଲ୍ ରାଣା ଏବେ ଜାତୀୟ ପ୍ରଶିକ୍ଷକ ହୋଇସାରିଲେଣି। ବର୍ତ୍ତମାନର ପିଢ଼ୁ ଏମାନେ ପ୍ରଶିକ୍ଷଣ ଦେଉଛନ୍ତି। କିନ୍ତୁ ବିନ୍ଦ୍ରାଙ୍କ ପରି ଅମ୍ବେକର ଭିନ୍ନ ରାସ୍ତା ବାଛିଛନ୍ତି। ଅମ୍ବେକର ଏବେ ଭାରତୀୟ ରାଇଫଲ୍ ସଂଘର ଆର୍ମର ଭାବେ କାର୍ଯ୍ୟ କରୁଛନ୍ତି। ଭାରତୀୟ ସୁଟରମାନେ ବ୍ୟବହାର କରୁଥିବା ବନ୍ଧୁକଗୁଡ଼ିକ ଯେପରି ଖରାପ ନହେବ କିମ୍ବା ବଡ଼ ପ୍ରତିଯୋଗିତା ପୂର୍ବରୁ କେଣସି ସମସ୍ୟା ଦେଖା ନଦେବ ସେଥିପ୍ରତି ଦୃଷ୍ଟି ଦେବା କାମ ହେଉଛି ଅମ୍ବେକରଙ୍କର। ସୁଟିଂ ଭଳି କ୍ରୀଡ଼ାରେ ଏକ ଭଲସ୍ଥିତିରେ ଥିବା ବନ୍ଧୁକ ଓ ଜଣେ ଭଲ ସୁଟର୍ ତାହା ସହିତ ନିଜକୁ ଖାପଖୁଆଇ ପାରୁଥିଲେ, ଏହା ହିଁ ସଫଳତାର ପ୍ରଥମ ପାହାଚ ବୋଲି ଧରାଯାଇଥାଏ। ଜଣେ ସୁଟରଙ୍କ



ଜ୍ୟାକେଟ୍ ସେଟିଂ, ରାଇଫଲ୍ ଉପରେ ପଡୁଥିବା ଭାରର ସଂପ୍ରସାରଣ, ବ୍ୟବହାର ହେଉଥିବା ବ୍ୟାରେଲ୍ ଓ ଗୁଳି, ସବୁଗୁଡ଼ିକର ଭଲ ସ୍ଥିତି ଫଳାଫଳକୁ ପ୍ରଭାବିତ କରିଥାଏ। ଅମ୍ବେକର ଏହି ସବୁ ଦିଗଗୁଡ଼ିକ ତଦାରଖ କରିବା ସହ ବନ୍ଧୁକ ଓ ବନ୍ଧୁକଧାରୀଙ୍କ ମଧ୍ୟରେ ରହୁଥିବା ଦୂରତାକୁ କମ୍ କରାଇଥାନ୍ତି। ଅମ୍ବେକର କହିଛନ୍ତି, ''ବନ୍ଧୁକର ମରାମତି ଉପରେ ଧ୍ୟାନ ଦେବା ବେଳେ ଭାରତୀୟ ସୁଟରମାନେ ଯେପରି ମୋ ଉପରେ ଭରସା ରଖିପାରିବେ ସେଭଳି କାମ କରେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ